ସଂଚାର
THE SANCHAR











# ଶାରଦୀୟ ଅଭିନନ୍ଦନ





ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସମସ୍ତ ମା, ମାଉସୀ, ଭାଇ, ଭଉଣୀ ଓ ଜନସାଧାରଣଙ୍କୁ ଶାରଦୀୟ ଦୁର୍ଗାପୂଜା ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

**ହିମାଂଶୁ ଶେଖର ସାହୁ (ବିଧାୟକ, ଧର୍ମଶାଳା)**



# କେନ୍ଦୁପାଟଣାରେ ମା' ଅଷ୍ଟାଦଶ ଭୁଜା ଦୁର୍ଗାଙ୍କ ପୂଜା ଆରମ୍ଭ

**ନିଶ୍ଚିନ୍ତକୋଇଲି,୨୯।୯ (ସଂଚାର ବ୍ୟୁରୋ):** କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କେନ୍ଦୁପାଟଣା ଚିତ୍ରୋପ୍ତଳା ନଦୀତଟରେ ମା' ଅଷ୍ଟାଦଶଭୁଜା ଦୁର୍ଗାଙ୍କର ତ୍ରିଂଶତମ ବାର୍ଷିକ ଦୁର୍ଗାପୂଜା ଆରମ୍ଭ ହୋଇଛି । ଚିତ୍ରୋପ୍ତଳା ସାର୍ବଜନୀନ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟ ମାନେ ମା' ଅଷ୍ଟାଦଶ ଭୁଜାଦୁର୍ଗାଙ୍କ ପୂଜା ନିମନ୍ତେ ସମସ୍ତ ପ୍ରସ୍ତୁତି ଚଳାଇଛନ୍ତି । ବିଲ୍ୱାଧୀବାସ ପରେ ସପ୍ତମୀ ତିଥିରେ ମା' ଅଷ୍ଟାଦଶଭୁଜା ଦୁର୍ଗାଙ୍କର ପୂଜା ଆରମ୍ଭ ହୋଇଛି। ଅକ୍ଟୋବର ୨ ତାରିଖ ବିଜୟା ଦଶମୀ ଦଶହରା ପୂଜା ଅନୁଷ୍ଠିତ ହେବ । ଉକ୍ତ ଦିନ ବିଜୟ ଯାତ୍ରା ଓ ଘଟ ବିସର୍ଜନ ପୂଜା ପରେ ରାତ୍ର ୯.୩୦ ସମୟରେ ସଟସର୍କିଟ ମାଧମରେ ରାବଣ ପୋଡି ଉତ୍ସବ ଓ ଆତସବାଜୀ ପ୍ରଦର୍ଶନ ସହ ଭଷାଣି ଯାତ୍ରା ଅନୁଷ୍ଠିତ ହେବ । ତେବେ ପୂଜା ସମୟକୁ ଲଘୁଚାପ ସୃଷ୍ଟିର ସମ୍ଭାବନା ନେଇ ପାଣିପାଗ ବିଭାଗ ର ସୂଚନା ରହୁଥିବାରୁ ଆୟୋଜକ ତଥା ଶ୍ରଦ୍ଧାଳୁମାନଙ୍କ ମଧରେ ଉଦବେଗ ପ୍ରକାଶ ପାଇଛି ।

# ଆଡ଼ମ୍ବର ସହକାରେ ସପ୍ତମୀ ପୂଜା ପାଇଲେ ମା' ଦୁର୍ଗା

**ଗରଦପୁର,୨୯।୯(ସଂଚାର ବ୍ୟୁରୋ):** ଆଜକୁ ୪୧ବର୍ଷ ହେବ ଗରଦପୁର ବ୍ଲକ ଅନ୍ତର୍ଗତ ତେଣ୍ଡାକୁଡା ପଂଚାୟତ କଦମଛନ୍ଦା ଠାରେ ମହାମାୟା ପରିଷଦ ଆନୁକୂଲ୍ୟରେ ସାର୍ବଜନୀନ ଦୁର୍ଗାପୂଜା ପାଳନ କରାଯାଉଅଛି। ପ୍ରଥମେ ବେଲ ବରଣି କରାଯିବା ସହ ମା'ଙ୍କ ବିଭିନ୍ନ ନୀତି କାନ୍ତି ପାଳନ କରାଯାଉଛି। ଆଜି ସପ୍ତମୀ ପୂଜା ହୋଇଥିବାରୁ ମା'ଙ୍କ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଏଠାରେ ମା' ଦୁର୍ଗାଙ୍କ ସହିତ ମା' ଲକ୍ଷ୍ମୀ, ମା' ସରସ୍ୱତୀ, ଶ୍ରୀ ଗଣେଶ, ଶ୍ରୀ କାର୍ତ୍ତିକେୟଙ୍କୁ ପୂଜା କରାଯାଇଥାଏ। ଏହି ପୂଜାର ବିଶେଷତ୍ୱ ହେଉଛି ପ୍ରଥମ ବର୍ଷରୁ ସ୍ୱର୍ଗୀୟ ବାବା ଶ୍ରୀ ଅଖଣ୍ଡ ଚାନ୍ଦଙ୍କ ଦ୍ୱାରା ସନ୍ଧି ପୂଜା ସମୟରେ ପାଣିକଖାରୁ ବଳିଦାନ ସହିତ କଳସି ଆବିର୍ଭାବ ଏକ ବିଶାଳ ଜନ ସମାଗମ ମଧରେ



ପାଳନ କରାଯାଉଥିଲା। ତାଙ୍କ ପରେ ଏବେ ମଧ ସେହି ପରମ୍ପରା ଚାଲି ଆସୁଛି । ଏହି ପୂଜାର ଅନ୍ୟ ଏକ ବିଶେଷତ୍ୱ ହେଉଛି କେବେ କାହାରିକୁ ଚାନ୍ଦା ମାଗନ୍ତି ନାହିଁ । ଲୋକେ ସ୍ୱତ ପ୍ରୂର୍ତ୍ତ ଭାବେ ସହଯୋଗ ରାଶି ପୂଜା ସମୟରେ ଦିଅନ୍ତି ଓ ନିମନ୍ତ୍ରଣ ପତ୍ର ୨୦ ପୃଷ୍ଠା ସମ୍ବଳିତ ଏକ ପୁସ୍ତିକା ଆକାରରେ ପ୍ରକାଶ କରାଯାଇଥାଏ। ଯେଉଁଥିରେ ସର୍ବନିମ୍ନ ୨୦ଟଙ୍କା ସହଯୋଗ ରାଶି ଦେଇଥିବା ନାମ ଦର୍ଶାଯିବା ସହିତ ଆୟ ବ୍ୟୟର ସମ୍ପୂର୍ଣ୍ଣ ସ୍ୱଚ୍ଛତା ପାଳନ କରାଯାଇଥାଏ। ଏହା ବ୍ୟତୀତ ପୂଜା ସମୟରେ ନିକଟବର୍ତ୍ତୀ ବିଦ୍ୟାଳୟ ମାନଙ୍କର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରବନ୍ଧ, ଝୋଟି, ରଙ୍ଗୋଲି ପ୍ରତିଯୋଗିତା କରା ଯାଇ ଦଶହରା ଦିନ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସର୍ବସାଧାରଣ ରେ ଅନ୍ନ ପ୍ରସାଦ ସେବା କରାଯାଇଥାଏ ।

## କମ୍ ମଦ ଧରି ଅଧିକ ଦେଖାଇ କୋର୍ଟ ଚାଲାଣ କରିବା ଘଟଣା

# ଆଇଆଇସିଙ୍କ ମନ୍ତବ୍ୟକୁ ଦୃଢ଼ ନିନ୍ଦା ସହ କାର୍ଯ୍ୟାନୁଷ୍ଠାନ ଦାବି

**ରାଜନଗର,୨୯।୯ (ସଂଚାର ବ୍ୟୁରୋ):** ରାଜନଗର ପୁଲିସ ଆଇନ ବ୍ୟବସ୍ତାକୁ ସମ୍ମାନ ଦେବା ପରିବର୍ତ୍ତେ ଲୋକଙ୍କୁ ମିଛ ମାମଲାରେ କୋର୍ଟ ଚାଲାଣ କରିବା ଘଟଣା ଏବେ ସବୁ ମହଲରେ ବିତର୍କ ସୃଷ୍ଟି କରିଛି। କେନ୍ଦ୍ରାପଡା ଜିଲ୍ଲା ରାଜନଗର ଥାନାର ଆଇଆଇଆସି ନରେଶ କୁମାର ସାହୁ ଖୋଲା ସଭାରେ କିପରି ଆଇନରେ ବ୍ୟବସ୍ଥା ନଥାଇ ମଧ ଲୋକଙ୍କୁ କୋର୍ଟ ଚାଲାଣ କରନ୍ତି ତାର ପୋଲ ଖୋଲିବା ପରେ ସବୁ ମହଲରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱର ଉଠିଲାଣି। ଆଜି ରାଜନଗର ଓକିଲ ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇ ଆଇଆଇସିଙ୍କ ମନ୍ତବ୍ୟକୁ ଦୃଢ ନିନ୍ଦା କରାଯିବା ସହିତ ଆଇଆଇସିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟନୁଷ୍ଠାନ ଦାବି କରାଯାଇଛି।

ଆଜି ଅପରାହ୍ନରେ ରାଜନଗର ଓକିଲ ସଂଘ ଗୃହରେ ସଭାପତି ଉମେଶ ଚନ୍ଦ୍ର ଦାସ, ସମ୍ପାଦକ ଭଜକୃଷ୍ଣ ମିଶ୍ର, ବରିଷ୍ଠ ଆଇନଜୀବୀ ଲକ୍ଷ୍ମଣ କୁମାର ରାଉତ, ସରୋଜ କୁମାର ମହାନ୍ତି, ମନ୍ମଥ କୁମାର ରାଉତ, ବିଶ୍ୱନାଥ ବାରିକ, ପ୍ରଦୀପ କୁମାର ଦାସ,



ଜନ୍ମଜୟ ବେହେରା, ଦେବଦତ୍ତ ସେଠୀ ପ୍ରମୁଖ ଆଇନଜୀବୀମାନେ ସାମ୍ବାଦିକ ସମ୍ମିଳନୀରେ ଚଳିତ ମାସ ୨୨ ତାରିଖ ଦିନ ଥାନା ପରିସରରେ ପୋଲିସ ପକ୍ଷରୁ ଶାରଦୀୟ ଦୂର୍ଗାପୂଜାକୁ ଶାନ୍ତି ଶୃଙ୍ଖଳାର ସହ ସାରିବା ପାଇଁ ବୈଠକ ଡକାଯାଇଥିଲା। ବୈଠକରେ ଆଇଆଇସି ନରେଶ କୁମାର ସାହୁ ମଦ ନବାହାରିଲେ ମଧ ଅଧିକ ମଦ ଜବତ କରିଥିବା ଦର୍ଶାଇ ଜେଲ ପଠାଉଛୁ। ଗତ ଦୁଇ ଦିନ ଭିତରେ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଛୁ। ୧୦ ଲିଟର ରୁ କମ ମଦ ଜବତ କରି କୋର୍ଟ ଚାଲାଣ କଲେ ମାଜିଷ୍ଟ୍ରେଟ ଆମ ଉପରେ ବିଗୁଡୁଛନ୍ତି। ଫରୱାର୍ଡ ନକରିବା ପାଇଁ କହି ବେଲ ଦେଇ ଦେଉଛନ୍ତି ପ୍ରୋଭିଜନ ଅନୁଯାୟୀ। ସେଥିପାଇଁ ମଦ ନବାହାରିଲେ ମଧ ଅଧିକ ମଦ ଦେଖାଇ କୋର୍ଟ ଚାଲାଣ କରୁଛୁ ବୋଲି ଆଇଆଇସି ଖୋଲା ବୈଠକରେ କହିବା ଓ ଏହାର ଭିଡିଓ ଭାଇରାଲ ହେବା ଘଟଣାକୁ ଦୃଢ ନିନ୍ଦା କରିଥିଲେ।

ଏଥିସହ ଶାନ୍ତି କମିଟି ସମୁଖରେ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ଦାୟିତ୍ୱ ମନ୍ତବ୍ୟ ବିରୁଦ୍ଧରେ ରାଜନଗର ଓକିଲ ସଂଘ ପକ୍ଷରୁ ଘୋର ନିନ୍ଦା କରାଯିବା ସହିତ ସମ୍ପୃକ୍ତ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ସଙ୍ଘକୁ ଅବଗତ କରିବା ସହ ଜିଲ୍ଲା ବାର ଆସୋସିଏସନଙ୍କ ପରାମର୍ଶ କ୍ରମେ ଯାହା ଆଇନଗତ କାର୍ଯ୍ୟନୁଷ୍ଠାନ ନିଆଯାଇ ପାରିବ ତାହା କରିବୁ ବୋଲି ସାମ୍ବାଦିକ ସମ୍ମିଳନୀରେ ରାଜନଗର ଓକିଲ ସଂଘର ସଭାପତି ଶ୍ରୀଦାସ କହିଛନ୍ତି।

# 'ପରାଗ'ର ଦୁର୍ଗାପୂଜା ସଂଖ୍ୟା ଉନ୍ମୋଚିତ



**ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ):** ଦୀର୍ଘ ୪୩ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଆଳିରୁ ପ୍ରକାଶିତ ହୋଇ ଆସୁଥିବା ସାହିତ୍ତ୍ୱ ପତ୍ରିକା"ପରାଗ"ର ସାରଦୀୟ ସଂଖ୍ୟାକୁ ଆଜି ଅତିଥିମାନେ ଭୁବନେଶ୍ୱରସ୍ଥ ପୁରୁଣା ବସଷ୍ଟାଣ୍ଡ ଠାରେ ବହୁ ସାହିତ୍ୟିକମାନଙ୍କ ଗହଣରେ ଉନ୍ମୋଚନ କରିଛନ୍ତି। ବରିଷ୍ଠ କବି ତଥା ସ୍ତମ୍ଭକାର ନିରାକାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉନ୍ମୋଚନ ପର୍ବରେ ବିଶିଷ୍ଟ କଥାକାର ଓ ଔପନ୍ୟାସିକ ରାଜ୍ଜ୍ୱ ବର୍ଦ୍ଧନ ଧଳମହାପାତ୍ର,ବିଶିଷ୍ଟ ସମାଲୋଚକ ଡକ୍ଟର ଭରତ ଚନ୍ଦ୍ର ବେହେରା,ବରିଷ୍ଠ କବି କମଳ କୁମାର ମହାନ୍ତି,ବିଶିଷ୍ଟ କଥାକାର କ୍ଷୀରୋଦ କୁମାର ଦାସ, ବିଶିଷ୍ଟ କବି ସୁରେଶ କୁମାର ନାୟକ,କବି ତଥା ଓଟିଭିର ଉପ ସଂପାଦକ ଜାକୀର ଖାନ୍ ଓ କବୀ ପଲ୍ଲବୀ ନାୟକ ଏହି ଉନ୍ମୋଚନରେ ଅତିଥିଭାବେ ଯୋଗଦାନ କରିଥିଲେ। ଶେଷରେ "ପରାଗ"ର ସଂପାଦକ କଥକାର ବନମାଳୀ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଂଖ୍ୟା ରେ ୨୮ଟି ଗପ, ୧୦୨ଟି କବିତା, ତିନୋଟି ପ୍ରବନ୍ଧ, ଦୁଇଟି ଅନୁବାଦ ଗପ, ଦୁଇଟି ଫିଚର ପ୍ରକାଶ ପାଇଛି।

# ବ୍ୟାଟେରି ଚୋରି ଅଭିଯୋଗରେ ୩ ଗିରଫ



**ଡେରାବିଶ,୨୯।୯(ସଂଚାର ବ୍ୟୁରୋ):** ଡେରାବିଶ ଥାନା ଅଧୀନ ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥ ର ପଞ୍ଚୁପାଣ୍ଡବ ଛକ ନିକଟରୁ ରବିବାର ୫ଟି ବ୍ୟଟେରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଥାନା ଅଧିକାରୀ ଅମ୍ବିକା ଦାସ ଓ ଏସ ଆଇ ବିଜୟ କୁମାର ଦାସ ଙ୍କ ନେତୃତ୍ୱ ରେ ଏକ ଟିମ ଚୋରି ଘଟଣାରେ ସମ୍ପୃକ୍ତ ତିନି ଅଭିଯୁକ୍ତ ଙ୍କୁ ପୋଲିସ ସୋମବାର ଗିରଫ କରିଛନ୍ତି । ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତ୍ରାଜପୁର ଗ୍ରାମର ଚନ୍ଦ୍ରଭାନୁ ବେହେରା ଓରଫ ଚନ୍ଦନ(୩୦) ଓ ନଳିପୁର ଗ୍ରାମର ଅମରେନ୍ଦ୍ର ବଳ ଓରଫ ମିଲୁ (୨୬) କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର ଅନ୍ତକିଶୋର ମଲ୍ଲିକ ଓରଫ ବାବୁ (୩୧)ଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି। ଏଥି ସହିତ ଚୋରି ହୋଇଥିବା ଅଭିଯୁକ୍ତଙ୍କ ଠାରୁ ୫ଟି ବ୍ୟଟେରି ଜବତ କରାଯାଇଥିବା ଥାନାରେ କେସ ନଂ ୧୭୬/୨୫ରେ ଏକ ମାମଲା ରୁଜୁ ହୋଇଛି ବୋଲି ପୁଲିସ ସୂଚନା ଦେଇଛି ।

# କାର-ବାଇକ ଧକ୍କାରେ ଦୁଇଭାଇ ମୃତ, ଦୁଇ ଗୁରୁତର




**ଆଳି,୨୯।୯(ସଂଚାର ବ୍ୟୁରୋ):** କଟକ - ଚାନ୍ଦବାଲି ରାସ୍ତାର ଗୋପୀନାଥ ପୁର ଶାସନ ଛକରେ କାର ସହିତ ମୋଟର ସାଇକେଲ ମଧରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟି ଦୁଇ ଭାଇ ମୃତ୍ୟୁ ବରଣ କରିଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଥିବା ଜଣା ପଡିଛି । ଆହତ ଦୁଇ ଜଣ ରାଜକନିକା ଥାନା ଅନ୍ତର୍ଗତ ସିକୁଡି ଗ୍ରାମର ହୋଇଥିବା ବେଳେ ମୃତ ଦୁଇ ଭାଇ ପଟ୍ଟାମୁଣ୍ଡାଇ ଅଞ୍ଚଳର ବୋଲି ଜଣା ପଡିଛି । ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରବୀର ଦାସଙ୍କ ମୃତ୍ୟୁ ପରେ ପୁଅ ନରେନ୍ଦ୍ର ଦାସ ଓ ଭଣଜା ଅଜିତ ନାୟକ କଳସପୁର ଭଉଣୀ ଘରକୁ ଆସି ପଟ୍ଟାମୁଣ୍ଡାଇ ଫେରୁଥିବା ବେଳେ ଶାସନ ଛକରେ କାର ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳରେ ଆଳି ଦମକଳ ବାହିନୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଆଳି ମେଡିକାଲରେ ଭର୍ତ୍ତୀ କରିଥିଲେ । ଡାକ୍ତର ଦୁଇ ଭାଇଙ୍କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ଆହତଙ୍କୁ ଚିକିତ୍ସା ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି ।

# ଜିଲ୍ଲାପାଳଙ୍କ ପୌରାଞ୍ଚଳର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

## ବିଧାୟକଙ୍କ ଉପସ୍ଥିତିରେ ସମୀକ୍ଷା

**ପଟ୍ଟାମୁଣ୍ଡାଇ,୨୯।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଆଜି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହିତ ପୌର ପରିଷଦ ସମ୍ମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟକାରୀତା ଓ ଅଗ୍ରଗତି ସମ୍ପର୍କ ରେ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଥିଲେ। ଜିଲ୍ଲାପାଳ ଶ୍ରୀଆୟାର ସ୍ମାର୍ଟ ପାର୍କ,ପୂର୍ତ୍ତ, ଜଳସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ବହୁମୁଖୀ କୋଠା ଘର ଓ ରାସ୍ତା, ପ୍ରସ୍ତାବିତ ଗୋଶାଳା ନିର୍ମାଣ ସ୍ଥଳ,ପ୍ରସ୍ତାବିତ ପଟ୍ଟାମୁଣ୍ଡାଇ ଡାକବଙ୍ଗଳା ନିର୍ମାଣ ସ୍ଥଳ, ବସ୍ତିବାସିନ୍ଦାଙ୍କ ଥଇଥାନ ସ୍ଥଳ,ପଟ୍ଟାମୁଣ୍ଡାଇ ପୌରାଞ୍ଚଳରୁ ବର୍ଷା ଜଳ ନିଷ୍କାସନ ପାଇଁ ପ୍ରସ୍ତୁତ ମାଷ୍ଟରପ୍ଲାନକୁ ଅନୁଧାନ କରିଥିଲେ ।

ପଟ୍ଟାମୁଣ୍ଡାଇ ପୌର ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ବିଧାୟକ ଧ୍ରୁବ ସାହୁଙ୍କ ଉପସ୍ଥିତିରେ ବିଭିନ୍ନ ସରକାରୀ ଯୋଜନା କାର୍ଯକାରିତା ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ପରିଦର୍ଶନ କରିଥିବା ପୌରାଞ୍ଚଳର ବିଭିନ୍ନ ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି ଓ



ଅବସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବସ୍ତିବାସିନ୍ଦାଙ୍କ ଥଇଥାନ, ଉଠାଦୋକାନୀଙ୍କ ଥଇଥାନ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ମୁଖ୍ୟ ସମସ୍ୟା ବର୍ଷା ଜଳନିଷ୍କାସନ ଆଦି କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହିତ ପ୍ରତ୍ୟେକ କାର୍ଯ୍ୟକ୍ରମ ନିଷ୍ପାର ସହ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବାସିନ୍ଦାଙ୍କୁ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇବା, ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ, ବସ୍ତିବସିନା ଓ ଉଠାଦୋକାନୀ ଥଇଥାନ ସର୍ବୋପରି ଜଳନିଷ୍କାସନ ବ୍ୟବସ୍ଥା ସଠିକ ଢଙ୍ଗରେ କାର୍ଯ୍ୟକାରୀ କରିବାକୁ ପୌର ପ୍ରଶାସନକୁ ପରାମର୍ଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ସବଡିଭିଜନ ଦାବୀର ଯଥାର୍ଥତା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅନୁକୂଳ ରିପୋର୍ଟ ପ୍ରଦାନ କରିବାକୁ ବିଧାୟକ ଜିଲ୍ଲା ପାଳଙ୍କୁ ପରାମର୍ଶ ଦେଇଥିଲେ।

ଏହି ସମୀକ୍ଷା ବୈଠକରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ,ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶଙ୍କ ସମେତ ପୂର୍ତ୍ତ, ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ ଓ ଡ୍ରେନେଜ ବିଭାଗ ପଦସ୍ଥ ଅଧିକାରୀ ସମେତ ବିଭିନ୍ନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ ।

# ସଂସ୍କୃତ ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



**ଡେରାବିଶ,୨୯।୯(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧାପିକା ଶ୍ରୀମତୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧାପକ ଅକ୍ଷୟ କୁମାର ବଳ ଓ ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧାପକ ବିନୟ କୁମାର ଷଡ଼ଙ୍ଗୀ ଯୋଗଦେଇ ସଂସ୍କୃତ ଭାଷାର ଇତିହାସ ଓ ଉପାଦେୟତା ବିଷୟରେ ବର୍ଣ୍ଣନା କରିଥିଲେ। ଅଧାପିକା ମେନକା ପଣ୍ଡା ଜଗନ୍ନାଥଙ୍କ ଭଜନ ଗାନ କରିବା ସହିତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ଅଧକ୍ଷ ଶ୍ରୀ ବଳ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ଆଶ୍ରୀବଚନ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଶ୍ରୀମତୀ ଦାସ ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ କରିବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରୀ ବିଦୁସ୍ମିତା, ଚିନ୍ମୟୀ, ପ୍ରଜ୍ଞା, ସୁଶ୍ରୀ ଛାତ୍ର ଦିପକ, ପ୍ରକାଶ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସଙ୍ଗୀତ, ନୃତ୍ୟ ଓ ନୃତ୍ୟନାଟିକା ପରିବେଶଣ କରିଥିଲେ। ଏହି ଉତ୍ସବରେ ବିଦାୟୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧାପିକା ଶୃତିରେଖା ପଣ୍ଡା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଶ୍ରମିକ ମୃତ

**ରାଇଘର,୨୯।୯(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ମୁଖ୍ୟ ଦପ୍ତର ଠାରେ ଆଜି ଏକ ଘର ନିର୍ମାଣ ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଶ୍ରମିକର ମୃତ୍ୟୁ ଘଟିଛି । ମୃତ ଶ୍ରମିକ ଜଣକ ଛେଳିଡ଼ଙ୍ଗରି ପଂଚାୟତର ସାଲେଭଟା (ସରଗିପାରା) ଗ୍ରାମର ବାବୁଲା ଗଣ୍ଡ (୨୨) ବୋଲି ଜଣା ପଡିଛି ।

ସୂଚନା ଅନୁଯାୟୀ ଆଜି ସ୍ଥାନୀୟ ବି.ଏସ.ଏଫ୍ କ୍ୟାମ୍ପ ପଛପଟେ ରାଜକୁମାର ଲସ୍କର ଙ୍କ ନୂତନ ଘର ନିର୍ମାଣ ଚାଲିଥିବା ବେଳେ କିଛି ଶ୍ରମିକ ଛାତ ନିର୍ମାଣ ପାଇଁ ଲୁହା ଛଡ଼ ବାନ୍ଧୁଥିଲେ । ଠିକ ଏହି ସମୟରେ ଛାତ ଉପରୁ ଟଣା ଯାଇଥିବା ୧୧କେଭି ତାରରେ ଲୁହା ଛଡ଼ ଲାଗିଯିବା ଫଳରେ ଉପରେ ରହି କାମ କରୁଥିବା ବାବୁଲା ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲା । ଏହା ଦେଖି ଅନ୍ୟ ସମସ୍ତ ଶ୍ରମିକ ତାକୁ କୌଶଳ କ୍ରମେ ଉଦ୍ଧାର କରି ନିକଟସ୍ଥ ରାଇଘର ମେଡିକାଲ କୁ ନେଇ ଯାଇଥିଲେ ହେଁ ବାବୁଲାର ମୃତ୍ୟୁ ହୋଇସାରି ଥିଲା । ଖବର ପାଇ ରାଇଘର ପୁଲିସ ମେଡିକାଲରେ ପହଂଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ସ୍ଥାନୀୟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଅନ୍ୟପଟେ ଘର ଉପର ଦେଇ ଯାଇଥିବା ୧୧କେଭି ତାର ପ୍ରତି ଘର ମାଲିକ କିମ୍ବା ରାଜମିସ୍ତ୍ରୀ ଧାନ ନଦେବାରୁ ଶ୍ରମିକର ଅକାଳରେ ଜୀବନ ଚାଲି ଯାଇଥିବା ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି ।

# ଚାନ୍ଦୋଳ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡା,୨୯।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଚାନ୍ଦୋଳ ବଜାର କମିଟି ପକ୍ଷରୁ ସ୍ଥାନୀୟ ଆଦିଶ୍ରୀ ମଣ୍ଡପ ଠାରେ ବଜାର କମିଟି ସଭାପତି ଶିବାଶିଷ ମହାନ୍ତିଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଆଗାମୀ

## ଶାନ୍ତି ଶୃଙ୍ଖଳା ସହ ପରିମଳକୁ ଗୁରୁତ୍ୱ



ଗଜଲକ୍ଷ୍ମୀ ପୂଜା ପାଇଁ ଶାନ୍ତି ଶୃଙ୍ଖଳା, ବଜାରରେ ସିସି କ୍ୟାମେରା ମରାମତି, ଷ୍ଟ୍ରିଟ ଲାଇଟ ମରାମତି, ପରିମଳ ଓ ସ୍ୱାସ୍ଥ୍ୟ ସେବା, ବାସୀଖାଦ୍ୟ, ସନ୍ଧ୍ୟା ସମୟରେ ବଜାର ମଧକୁ ଭାରୀଯାନ ଚଳାଚଳ ଉପରେ ରୋକ ଲଗାଇବା, ପକେଟ ମାର ଓ ମଦୁଆଙ୍କ ଉପରେ କଡା ନଜର ରଖାଯିବା ଉପରେ ପଦକ୍ଷେପ ନେବାକୁ ସମସ୍ତ ୧୬ ଗୋଟି ପୂଜା କମିଟିର କର୍ମକର୍ତ୍ତା ମାନେ ମତପ୍ରକାଶ କରିଥିଲେ ।

କେନ୍ଦ୍ରାପଡ଼ା ଆରକ୍ଷୀ ଉପଖଣ୍ଡ ଅଧିକ୍ଷକ ଜ୍ୟୋତି ରଞ୍ଜନ ଗୌଡ଼ା, ସରକାରଙ୍କର ନୂଆ ଗାଇଡଲାଇନ ଉପରେ ବିସ୍ତୃତ ଆଲୋଚନା କରିଥିଲେ, ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ପୂର୍ବ ବର୍ଷ ଠାରୁ ଏବର୍ଷ ଅଧିକ ଫୋର୍ସ ମୁତୟନ କରାଯିବ ବୋଲି ସୂଚନା ଦେଇଥିଲେ। ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ଉପରେ ଗୁରୁତ୍ୱ ଦିଆଯିବାକୁ ଦାନପୁର ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ କମଳାକାନ୍ତ ବେହେରା ଏବଂ ମୃତ୍ୟୁଞ୍ଜୟ ପଣ୍ଡା ପ୍ରତିଶୃତି ଦେଇଥିଲେ। ହାଟ ଭିତରେ ଯେପରି ପରିଷ୍କାର ପରିଚ୍ଛନ୍ନ ରଖାଯିବ ପ୍ରତିଦିନ ବ୍ଲିଚିଙ୍ଗ ପାଉଡର ପକାଯିବା ଉପରେ ନିୟନ୍ତ୍ରିତ ବଜାର କମିଟି ସୁପରଭାଇଜର ନରେନ୍ଦ୍ର ଚନ୍ଦ୍ର ମଲ୍ଲିକ ପ୍ରତିଶୃତି ଦେଇଥିଲେ, ଚାନ୍ଦୋଳ ପଞ୍ଚାୟତ ସରପଞ୍ଚ ସୁରେନ୍ଦ୍ର ମଲ୍ଲିକ ପୂଜା ଆରମ୍ଭରୁ ଭସାଣୀ ଉତ୍ସବ ପର୍ଯ୍ୟନ୍ତ ବଜାର ସଫେଇ କରାଯିବାକୁ ପ୍ରତିଶୃତି ଦେଇଥିବା ବେଳେ ଉପଦେଷ୍ଟା ଅଧକ୍ଷ ପ୍ରମୋଦ କୁମାର ସାହୁ କହିଥିଲେ ଯେଉଁ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଚବିଶ ଘଣ୍ଟା ପୂର୍ବରୁ ଶାନ୍ତି କମିଟିକୁ ଲିଖିତ ଆକାରେ ଜଣାଇଲେ। ସେଠାରେ ଫୋର୍ସ ମୁତୟନ କରାଯିବ ବୋଲି ପ୍ରକାଶ କରିଥିଲେ। ପୂଜା ଆରମ୍ଭ ଦିନରୁ ଭସାଣୀ ଶେଷ ପର୍ଯ୍ୟନ୍ତ ସମସ୍ତ ପୂଜା ମଣ୍ଡପର ସଭାପତି ଓ ସମ୍ପାଦକ ମାନେ ନୀତି ନିୟମ ପାଳନ କରିବାକୁ ଉପଦେଷ୍ଟା ଉପାଧକ୍ଷ ସରୋଜକାନ୍ତ ପଣ୍ଡା ନିବେଦନ କରିଥିଲେ।

# ଚାରଣ ଗୋଷ୍ଠୀ ସଂଗଠକ ସହଦେବ ସାମଲଙ୍କ ପରଲୋକ

**କେନ୍ଦ୍ରାପଡ଼ା,୨୯।୯(ସଂଚାର ବ୍ୟୁରୋ):** ଅସୁରେଶ୍ୱର ଅଂଚଳର ଜଗନ୍ନାଥ ସଂସ୍କୃତି ପ୍ରଚାରକ ତଥା ଚାରଣ ଗୋଷ୍ଠୀ ସଂଗଠକ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଗୋପାଳପୁର ପଂଚାୟତ ଅନ୍ତର୍ଗତ ବନ୍ତଳା ଗ୍ରାମର ସହଦେବ ସାମଲ(ଟିକିଲାଭାଇ)ଙ୍କ ଶନିବାର ଭୋର ୪ଟା ୧୨ମିନିଟ୍‌ରେ ପରଲୋକ ହୋଇଯାଇଛି। ସ୍ଥାନୀୟ ଅଂଚଳରେ ସେ ଜଣେ ବିଶିଷ୍ଟ ବ୍ୟବସାୟୀ ରୂପେ ପରିଚିତ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପରାୟଣ, ମିଷ୍ଟଭାଷି ଓ ପରୋପକାରୀ ବ୍ୟକ୍ତି ଭାବରେ ସାଧାରଣରେ ପରିଚିତ ଥିଲେ । ଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର କାର୍ଯ୍ୟ କରୁଥିବା ଚାରଣ ଗୋଷ୍ଠୀ ସଂଗଠନର ସେ ପ୍ରମୁଖ ସଂଗଠକ ଥିଲେ। ଗତ କିଛି ମାସ ହେବ ସେ ଅସୁସ୍ଥ ଥିଲେ ।

ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ ଜୟନ୍ତୀ, ବଡଭାଇ ନିରଞ୍ଜନ, ସାନଭାଇ କପିଳେନ୍ଦ୍ର



ଓ ପତିତପାବନ, ଦୁଇ ପୁତ୍ର ପବିତ୍ର ଓ ସୁବ୍ରତ, ବୋହୂ ଲିପ୍‌ସିତା ଓ ନନ୍ଦିତା, ନାତି ବୃହନ ଓ ନାତୁଣୀ ମଲ୍‌ଭିନା ଓ ତନିଷ୍କାଙ୍କ ସମେତ ପରିବାର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ସାମଲ ହେଉଛନ୍ତି 'ସମ୍ବାଦ'ର କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତିନିଧି ସୁବ୍ରତ କୁମାର ସାମଲଙ୍କ ପିତା। ତାଙ୍କ ପରଲୋକ ଖବର ପାଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ବିଜେଡି ଯୁବନେତା ରାଜେଶ କୁମାର ପଣ୍ଡା, ପ୍ରାକ୍ତନ ପୌର ସଦସ୍ୟ ହିରଣ୍ୟ କୁମାର ପଣ୍ଡା, ବରିଷ୍ଠ ବିଜେପି ନେତା ଭୁବନମୋହନ ଜେନା, ସକାଳର ପ୍ରତିନିଧି ଦେବଦତ୍ତ ଦାଶ, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ଫଟୋଗ୍ରାଫର ପ୍ରଦୀପ ସାହୁ, ସାମ୍ବାଦିକ ସନ୍ତୋଷ ପଣ୍ଡା, ସୁଶାନ୍ତ ନାୟକ, ପ୍ରସନ୍ନ ଧଳ ,ସଂଚାର ପ୍ରତିନିଧି ମୁକ୍ତେଶ୍ୱର ସ୍ୱାଇଁ, ସମାଜସେବୀ ସରୋଜ ଜେନା,ରମାକାନ୍ତ ପଣ୍ଡା ,ଟିନା ଭୂୟାଁ, ବିଜେପି ନେତା ପ୍ରତାପ ଦାସ, ଆଳୟ ସାମନ୍ତରାୟ, ସୂଚନା ଅଧିକାର କର୍ମୀ ପ୍ରତାପ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ତାଙ୍କ ବନ୍ତଳାସ୍ଥିତ ବାସଭବନରେ ପହି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ପରଲୋକରେ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ବାଦ ସମ୍ପାଦକ ତନୟା ପଟ୍ଟନାୟକ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି ।



# ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ

**କେନ୍ଦ୍ରାପଡ଼ା,୨୯।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହରର ବିଶିଷ୍ଟ ବ୍ୟବସାୟୀ, ଗୌରୀଶଙ୍କର ହୋଟେଲ ଓ ଗୌରୀଶଙ୍କର ବସର ମାଲିକ, ପୂର୍ବତନ କେନ୍ଦ୍ରାପଡା ଘରୋଇ ବସମାଲିକ ସଙ୍ଘର ସଭାପତି ତଥା ପୂର୍ବତନ କାଉନସିଲର ଗୌରାଙ୍ଗ ଚରଣ ପଣ୍ଡାଙ୍କ ୭୨ବର୍ଷ ବୟସରେ ତାଙ୍କ କଜଳାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ଦେବାଶିଷ ଓ ପ୍ରଭାଶିଷ, ପୁତ୍ରବଧୁଙ୍କ ସମେତ ପରିବାର ପରିଜନ ଉପସ୍ଥିତ ଥିଲେ । ତାଙ୍କ ବିୟୋଗ ଖବର ପାଇ ପୌରାଧକ୍ଷା ସରିତା ସାହୁ, ପିସିସି କୋଷାଧକ୍ଷ ଇଂ ସିଦ୍ଧାର୍ଥସ୍ୱରୂପ ଦାଶ, ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ ଦାସ, ବରିଷ୍ଠ ବିଜେଡି ନେତା ରଞ୍ଜିତ କୁମାର ସାହୁ,ପ୍ରାକ୍ତନ କାଉନସିଲର ହିରଣ୍ୟ ପଣ୍ଡା, ବିଜେଡି ଯୁବନେତା ରାଜେଶ ପଣ୍ଡା, ସମାଜସେବୀ ପ୍ରଦୀପ କୁମାର ମହାନ୍ତି, କାଉନସିଲରଙ୍କ ପ୍ରତିନିଧି ସେକ ଚାନ୍ଦଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର ପ୍ରମୁଖ ବହୁ ବିଶିଷ୍ଟବ୍ୟକ୍ତି କଜଳାସ୍ଥିତ ବାସଭବନରେ ପହି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କଜଳା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ଦେବାଶିଷ ମୁଖାଗ୍ନି ଦେଇଥିଲେ ।




# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



Vol. 33 | ISSUE 190 | ଭାଗ ୩୩ | ସଂଖ୍ୟା ୧୯୦ | Tuesday 30 September 2025 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର ୩୦ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଚକେଇସିଆଣି ଦୁର୍ଗା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

କ୍ୟାବିନେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ପ୍ରତି ପଞ୍ଚାୟତରେ ଆଦର୍ଶ ବିଦ୍ୟାଳୟ

- ଏଣିକି ଦୈନିକ ୧୦ ଘଣ୍ଟା କାମ କରିବେ କର୍ମଚାରୀ
- ୬ ଘଣ୍ଟାରେ ୩୦ ମିନିଟ୍ ବିଶ୍ରାମ
- ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାମ ପାଇଁ ଦୁଇଗୁଣା ମଜୁରୀ
- ରାତିରେ କାମ କରିପାରିବେ ମହିଳା କର୍ମଚାରୀ
- ୩ ବର୍ଷରେ ନିର୍ମାଣ ହେବ ୨୨୦୦ ଆଦର୍ଶ ବିଦ୍ୟାଳୟ
- ତାରିଣୀ ମନ୍ଦିର ରୂପାନ୍ତରଣ ପ୍ରକଳ୍ପକୁ ମଞ୍ଜୁରୀ
- ରାଜ୍ୟର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ପାଲଟିବ ଘଟଗାଁ ତାରିଣୀ ପୀଠ

ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ଅଧିକ ସମୟ କାମ କରିପାରିବେ କର୍ମଚାରୀ। ଏ ସମ୍ପର୍କିତ ପ୍ରସ୍ତାବରେ ଆଜି କ୍ୟାବିନେଟ ମୋହର ବାଜିଛି। କାମ କରିବାର ସମୟକୁ ଦୈନିକ ୯ ଘଣ୍ଟାରୁ ୧୦ ଘଣ୍ଟାକୁ ବୃଦ୍ଧି କରାଯାଇଛି। ଏଥିସହ କାମ ଭିତରେ କର୍ମଚାରୀଙ୍କୁ ଅଧ ଘଣ୍ଟା ବିଶ୍ରାମ ଦିଆଯିବ। ଆହୁରି ଅଧିକ କାମ କଲେ ଓଭରଟାଇମର ବ୍ୟବସ୍ଥା ବି କରାଯାଇଛି। ମହିଳା କର୍ମଚାରୀଙ୍କ ପାଇଁ ରାତିରେ କାମ କରିବା ନିଷ୍ପତ୍ତି ଉପରେ ମଧ୍ୟ କ୍ୟାବିନେଟ୍‌ରେ ମୋହର ବାଜିଛି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସହ ୩ଟି ବିଭାଗର ୪ଟି ପ୍ରସ୍ତାବ ଉପରେ ମୋହର ଲାଗିଛି।



ରାଜ୍ୟରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇଁ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ୧୯୫୬ ଆଇନ ଓ ଓଡିଶା ଫ୍ୟାକ୍ଟ୍ରିଜ ଆଇନ ୧୯୪୮ରେ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। କର୍ମଚାରୀଙ୍କ କାର୍ଯ୍ୟ ସମୟ ୯ ଘଣ୍ଟାରୁ ୧୦ ଘଣ୍ଟାକୁ ବୃଦ୍ଧି କରାଯାଇଛି। କାର୍ଯ୍ୟ ସମୟ ମଧ୍ୟରେ ୩୦ ମିନିଟ ବିଶ୍ରାମ ନେବେ କର୍ମଚାରୀ। ଏଥିସହିତ କର୍ମଚାରୀଙ୍କ ପାଇଁ ଓଭରଟାଇମ ବ୍ୟବସ୍ଥା ହୋଇଛି। ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାମ କଲେ ଦୁଇ ଗୁଣ ମଜୁରୀ ପାଇଁ କର୍ମଚାରୀମାନେ ହକଦାର ହେବେ ବୋଲି କ୍ୟାବିନେଟ ବୈଠକ ପରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ମହିଳା କର୍ମଚାରୀ ରାତିରେ କାମ କରିବାକୁ ଚାହିଁଲେ ଲିଖିତ ସମ୍ମତି ଦେଇ ସର୍ତ୍ତାବଳୀ ଅନୁଯାୟୀ କାମ କରିପାରିବେ ବୋଲି କୁହାଯାଇଛି। ସେମାନଙ୍କ ସୁରକ୍ଷା ଓ ଯାତାୟାତ ଉପରେ ଧ୍ୟାନ ଦିଆଯିବ। ଏ ସମ୍ପର୍କିତ ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ବାଜିଛି। ବ୍ୟାପକ ଶିଳ୍ପାୟନ ପାଇଁ ଏଭଳି ସଂସ୍କାରର ଆବଶ୍ୟକତା ପଡ଼ିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶିଳ୍ପାୟନ ଓ 'ଇଜ୍ ଅଫ୍ ଡୁଇଂ ବିଜନେସ'ରେ ଶିଳ୍ପସଂସ୍ଥାଙ୍କ କାର୍ଯ୍ୟକୁ ସହଜ କରିବା ପାଇଁ ସମୟ ଓ ଆବଶ୍ୟକତା ଅନୁଯାୟୀ ପରିବର୍ତ୍ତନ କରାଯାଉଛି। ଏ ସମ୍ବନ୍ଧୀୟ ୨ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

କ୍ୟାବିନେଟ ନିଷ୍ପତ୍ତି ➪ ପୃଷ୍ଠା-୬

---

ଗବେଷକଙ୍କ ସ୍ୱତନ୍ତ୍ର ଉଦ୍ୟମ

## ଏନ୍‌ଆଇଟି ରାଉରକେଲାକୁ ଏଆଇ ମଡେଲ୍ ପେଟେଣ୍ଟ



- ନୂଆ ପଦ୍ଧତିରେ ବୃଦ୍ଧି ପାଇବ ସଡ଼କ ସୁରକ୍ଷା

ରାଉରକେଲା,୨୯।୯ (ସଂଚାର ବ୍ୟୁରୋ): ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ରାଉରକେଲା (ଏନ୍‌ଆଇଟି, ରାଉରକେଲା)ର ଗବେଷକମାନେ ଭବିଷ୍ୟତରେ ଯାନବାହନ ମଧ୍ୟରେ ଯୋଗାଯୋଗ ଉନ୍ନତ କରିବା ଲକ୍ଷ୍ୟରେ ଏକ ମଡେଲ୍ ପାଇଁ ପେଟେଣ୍ଟ ହାସଲ କରିଛନ୍ତି। ଏହି ପେଟେଣ୍ଟ 'ଆଡାପ୍ଟିଭ୍ କଣ୍ଟେନ୍‌ସନ୍ ୱିଣ୍ଡୋ ଅପ୍‌ଟିମାଇଜେସନ୍ ଇନ୍ ଭାନେଟ୍‌ସ ୟୁଜିଙ୍ଗ୍ ମଲ୍‌ଟି-ଏଜେଣ୍ଟ ଡିପ୍ ରିଏନ୍‌ଫୋର୍ସମେଣ୍ଟ ଲର୍ଣ୍ଣିଂ ଫର୍ ଏନହାନ୍‌ସଡ୍ ପରଫର୍ମାନ୍ସ ମଡେଲ୍' ଶୀର୍ଷକରେ ଡକ୍ଟର ଅରୁଣ କୁମାର, ସହକାରୀ ପ୍ରଫେସର, ପ୍ରଫେସର ବିଭୁଦତ୍ତ ସାହୁ ଓ ଡକ୍ଟର ଲୋପାମୁଦ୍ରା ହୋତା, ଗବେଷଣା ଗ୍ରାଜୁଏଟ୍, କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗ, ଏନ୍‌ଆଇଟି ରାଉରକେଲା ଦ୍ୱାରା ଦାଖଲ କରାଯାଇଛି। ଏହି ଗବେଷଣା ଭେହିକୁଲାର ଆଡ୍-ହକ୍ ନେଟୱାର୍କ (ଭାନେଟ୍‌ସ)ରେ ଯୋଗାଯୋଗ ସମସ୍ୟାର ସମାଧାନ ଉପରେ କେନ୍ଦ୍ରୀଭୂତ ରହିଛି।

➪ ପୃଷ୍ଠା-୬

## ଶିରୀଶ ମୁର୍ମୁ ଆରବିଆଇର ଅନ୍ୟତମ ଡେପୁଟି ଗଭର୍ଣ୍ଣର

- ଶୁଭେଚ୍ଛା ଦେଲେ ମୁଖ୍ୟମନ୍ତ୍ରୀ
- ୩ ବର୍ଷ ପାଇଁ ତୁଲାଇବେ ଦାୟିତ୍ୱ



ଭୁବନେଶ୍ୱର,୨୯।୯ (ସଂଚାର ବ୍ୟୁରୋ): କେନ୍ଦ୍ର ସ୍ତରରେ ଆଉ ଜଣେ ଓଡ଼ିଆଙ୍କୁ ଗୁରୁ ଦାୟିତ୍ୱ ମିଳିଲା। କେନ୍ଦ୍ର ସରକାର ଓଡ଼ିଆ ପୁଅ ଶିରୀଶ ଚନ୍ଦ୍ର ମୁର୍ମୁଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଅନ୍ୟତମ ଡେପୁଟି ଗଭର୍ଣ୍ଣର ଭାବେ ନିଯୁକ୍ତି ଦେଇଛନ୍ତି। ଶ୍ରୀ ମୁର୍ମୁ ଆର୍‌ବିଆଇରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବା ସହ ଏବେ ପର୍ଯ୍ୟବେକ୍ଷଣ ବିଭାଗ ଦାୟିତ୍ୱରେ ଅଛନ୍ତି। ସେ ଚଳିତ ସପ୍ତାହରେ ଅବସର ନେବାକୁ ଥିବା ଏମ୍. ରାଜେଶ୍ୱର ରାଓଙ୍କ ସ୍ଥାନ ନେବେ। ସେ ଆସନ୍ତା ଅକ୍ଟୋବର ୯ ତାରିଖଠାରୁ ୩ ବର୍ଷ ପାଇଁ କାର୍ଯ୍ୟଭାର ସମ୍ଭାଳିବେ। ଆସନ୍ତା ୯ ତାରିଖରେ ସେ ଏହି ନୂଆ ଦାୟିତ୍ୱ ଗ୍ରହଣ କରିବେ। ତାଙ୍କୁ ବ୍ୟାଙ୍କିଂ ରେଗୁଲେସନ୍, ଫାଇନାନ୍ସିଆଲ୍ ମାର୍କେଟ୍ସ କିମ୍ବା ମନିଟାରୀ ପଲିସି ମଧ୍ୟରୁ କୌଣସି ଗୋଟିଏ ପୋର୍ଟଫୋଲିଓ ମିଳିବାର ସମ୍ଭାବନା ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମୁଦ୍ରା ନୀତି କମିଟି (ଏମ୍‌ପିସି)ର ବୈଠକ ଆଜିଠାରୁ ଆରମ୍ଭ ହୋଇଛି। ରେପୋ ରେଟ ଓ ଅନ୍ୟାନ୍ୟ ଅନେକ ଆର୍ଥିକ ପ୍ରସଙ୍ଗରେ ଏଥିରେ ନିଷ୍ପତ୍ତି ନିଆଯିବ। ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ ଆମେରିକାର

➪ ପୃଷ୍ଠା-୬

ଶାନ୍ତିସ୍ତୂପ ବୁଲିଲେ କେନ୍ଦ୍ରମନ୍ତ୍ରୀ

## ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ପରାକ୍ରମର ପ୍ରତୀକ ଧଉଳି

- ପର୍ଯ୍ୟଟକ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କଲେ
- କଳିଙ୍ଗ ଯୁଦ୍ଧରେ ପୂର୍ବଜ ଦେଖାଇଥିଲେ ଅଦମ୍ୟ ସାହସ



ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଭୁବନେଶ୍ୱର ଉପକଣ୍ଠସ୍ଥିତ 'ଶାନ୍ତିସ୍ତୂପ' ଧଉଳି ପାଦଦେଶରେ ଭ୍ରମଣ କରିବା ସହ ଅଶୋକ ଶିଳାଲେଖର ଐତିହ୍ୟ ଓ ଇତିହାସ ପୃଷ୍ଠଭୂମି ଉପରେ ଏଏସଆଇ ଅଧିକାରୀଙ୍କଠାରୁ ଅବଗତ ହୋଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରଥମେ ଧଉଳି ପାଦଦେଶରେ ଥିବା ମନ୍ଦିର, ଐତିହାସିକ ସ୍ଥଳୀ ଓ ଦର୍ଶନୀୟ ସ୍ଥାନ ପରିଦର୍ଶନ କରିଥିଲେ। ଧଉଳି ବୁଲିବାକୁ ଆସିବାକୁ ଥିବା ପର୍ଯ୍ୟଟକ ଓ ଛାତ୍ରଛାତ୍ରୀଙ୍କ ସହ କଥା ହେବା ସହ ସେଠାରେ ଆଖୁ ରସ ପିଇ ଦୋକାନୀଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ପରାକ୍ରମର ପ୍ରତୀକ ଧଉଳି। ଏଠାରେ କିଛି ସମୟ ବିତାଇ ଅତ୍ୟନ୍ତ ଆନନ୍ଦିତ ଓ ଗର୍ବ

➪ ପୃଷ୍ଠା-୬

## ଆଇଏଏସ୍ ଦମ୍ପତିଙ୍କୁ କେନ୍ଦ୍ରରେ ନିଯୁକ୍ତି



୩ ସପ୍ତାହ ଭିତରେ ରିଲିଭ୍ ହେବେ

ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ଓଡ଼ିଶା କ୍ୟାଡ଼ରର ଆଉ ଦୁଇଜଣ ଆଇଏଏସ ଅଫିସରଙ୍କୁ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିଛି। ୨୦୧୧ ବ୍ୟାଚ୍ ଆଇଏଏସ୍ ସମର୍ଥ ବର୍ମା ଓ ତାଙ୍କ ଆଇଏଏସ୍ ପତ୍ନୀ ୨୦୧୪ ବ୍ୟାଚର ସ୍ୱାଧା ଦେବ ସିଂ କେନ୍ଦ୍ରୀୟ ଡେପୁଟେସନରେ ଯିବେ। ଉଭୟଙ୍କୁ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିଛି ଓ ସେମାନଙ୍କୁ ୩ ସପ୍ତାହ ସୁଦ୍ଧା ରିଲିଭ୍ କରିବା ନିମନ୍ତେ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କୁ ଚିଠି ଲେଖି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ଅବଗତ କରାଇଛି। ସମର୍ଥ ଓ ତାଙ୍କ ପତ୍ନୀ ସ୍ୱାଧାଙ୍କୁ ମାତ୍ର ୩ ଦିନ ବ୍ୟବଧାନରେ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିଛି। ୨୦୧୧ ବ୍ୟାଚ୍

➪ ପୃଷ୍ଠା-୬






ଦେଶରେ ପ୍ରଥମ: ଆନ୍ଧ୍ରରେ ଗ୍ରାହକ ଫେରିପାଇବେ ଅତିରିକ୍ତ ଶୁଳ୍କ

## ଓଇଆର୍‌ସି ଉପରେ ଓଡ଼ିଶା ଉପଭୋକ୍ତାଙ୍କ ନଜର




ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ଆନ୍ଧ୍ର ପ୍ରଦେଶ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକ ସେମାନଙ୍କର ଉପଭୋକ୍ତାଙ୍କୁ ୟୁନିଟ ପିଛା ୧୩ ପଇସା ହିସାବରେ ସମୁଦାୟ ୮୯୫ କୋଟି ଟଙ୍କା ଫେରସ୍ତ କରିବେ। ଏପରି ପଦକ୍ଷେପ ସମଗ୍ର ଦେଶରେ ପ୍ରଥମ ହୋଇଥିବା ବେଳେ ଏବେ ଓଡ଼ିଶାରେ ଏହା କେବେ ଲାଗୁ ହେବ, ସେନେଇ ଗ୍ରାହକମାନଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଯାଇଛି। ମିଳିଥିବା ସୂଚନାନୁସାରେ, ଆନ୍ଧ୍ରପ୍ରଦେଶ ବିଦ୍ୟୁତ ନିୟାମକ ଆୟୋଗ ୨୭.୦୯.୨୦୨୫ରେ ଜାରି କରିଥିବା ଟ୍ରୁଇଙ୍ଗ ଅପ ଆଦେଶ ଅନୁସାରେ ୨୦୨୪-୨୫ ପାଇଁ ଖୁଚୁରା ବିଦ୍ୟୁତମୂଲ୍ୟ ନିର୍ଦ୍ଧୟରେ ବିଦ୍ୟୁତ କ୍ରୟମୂଲ୍ୟ ବାବଦକୁ ୟୁନିଟ ପିଛା ୪୦ ପଇସା ହିସାବରେ ୨୭୫୮ କୋଟି ଟଙ୍କା ଅନୁମୋଦନ କରିଥିଲେ। କିନ୍ତୁ ୨୦୨୪-୨୫ ପାଇଁ କରାଯାଇଥିବା ଟ୍ରୁଇଙ୍ଗ ଅପ ପ୍ରଣାଳୀରେ ଜଣାପଡ଼ିଲା ଯେ ଏଫ୍‌ପିପିସିଏ ବାବଦକୁ ୟୁନିଟ ପିଛା ୨୭ ପଇସା ହିସାବରେ ମାତ୍ର ୧୮୬୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

➪ ପୃଷ୍ଠା-୬

## କେବେ ବନ୍ଧାହେବେ ମା' ତାରିଣୀ ରାଇସ୍ ମିଲ୍ ମାଲିକ?




- ଯୋଗାଣ ଅଧିକାରୀଙ୍କ ଡିଜିଟାଲ ଦସ୍ତଖତ ଜାଲିଆତି
- ଚାଉଳ ଯୋଗାଣରେ ହେରଫେର

ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ଚାଉଳ ଯୋଗାଣରେ ହେରଫେର ପାଇଁ ଜିଲ୍ଲା ଗଞ୍ଜାମ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଡିଜିଟାଲ ଦସ୍ତଖତକୁ ଜାଲ୍ କରିଥିବା ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ବାଲିଆ ଗ୍ରାମସ୍ଥିତ ମା' ତାରିଣୀ ରାଇସ୍ ମିଲ୍‌ର ମାଲିକ କେବେ ବନ୍ଧା ହେବେ, ତାହାକୁ ନେଇ ଚର୍ଚ୍ଚା। ଏନେଇ ଏବେ ରାଜ୍ୟସ୍ତରୀୟ ଟିମ୍ ଖୋଳତାଡ଼ ଆରମ୍ଭ କରିଥିବା ବେଳେ ମାମଲା ସାଇବର ଥାନାରେ ବି ପହଞ୍ଚିଛି। ଏହାଛଡ଼ା ମାମଲାର ଗମ୍ଭୀରତାକୁ ହୃଦ୍‌ବୋଧ କରି ଯୋଗାଣ ବିଭାଗ ମଧ୍ୟ ରାଇସ୍ ମିଲ୍‌କୁ ତନ୍ନ ତନ୍ନ କରି ଯାଞ୍ଚ କରୁଥିବା ଜଣାପଡ଼ିଛି।

ସୂଚନାନୁସାରେ, ମା' ତାରିଣୀ ରାଇସ୍ ମିଲ୍‌ର ଏଭଳି କାରନାମା ବହୁ ପୁରୁଣା। ଅନେକ ଥର ଏଭଳି ଜାଲିଆତି କରି ଏହି ମିଲ୍ ମାଲିକ ଖସିଯାଇଥିଲେ ହେଁ ଏଥର କିନ୍ତୁ ତାଙ୍କ ଡିଜିଟାଲ ଦସ୍ତଖତ ଚୋରି ଉଦ୍ୟମ ଧରାପଡ଼ିଯାଇଛି। ଖୋଦ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଦସ୍ତଖତକୁ ଜାଲ୍ କରି ଡେଲିଭରି ସାର୍ଟିଫିକେଟ ପାଇବା ଘଟଣା ଏବେ ଚାରିଆଡ଼େ ହଇଚଇ ସୃଷ୍ଟି କରିଛି। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା ଏନେଇ ରାଜ୍ୟ ଯୋଗାଣ ନିଗମ ନିକଟରେ ଅଭିଯୋଗ କରିବା ପରେ ଜୋରଦାର ଖୋଳତାଡ ଆରମ୍ଭ ହୋଇଛି।

ଚଳିତ ବର୍ଷ ମା' ତାରିଣୀ ରାଇସ୍ ମିଲ୍ ୧.୪ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିବା ବେଳେ ସରକାରଙ୍କୁ ୬୯ ହଜାର ମେଟ୍ରିକ ଟନ୍ ଚାଉଳ ଯୋଗାଇବା କଥା। ହେଲେ ରାଇସ ମିଲ୍ କର୍ତ୍ତୃପକ୍ଷ ୨୮ ହଜାର କ୍ୱିଣ୍ଟାଲ ଚାଉଳ ଦେଇ ଅବଶିଷ୍ଟ ଚାଉଳ ଦେଉନାହାନ୍ତି। ଏହାରି ଭିତରେ ଯୋଗାଣ ଅଧିକାରୀଙ୍କ ଡିଜିଟାଲ ଦସ୍ତଖତକୁ ଜାଲ୍ କରି ଚାଉଳ ଡେଲିଭରି ସାର୍ଟିଫିକେଟ ହାସଲ କରିବା ପରେ ମାଲିକଙ୍କ ଦ୍ୱାରା ଯୋଗାଣ ହେବାକୁ ଥିବା ଚାଉଳର ମାନ ଓ ପରିମାଣ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଫଳରେ ରାଜ୍ୟସ୍ତରୀୟ ଟିମ୍ ଏବେ ମିଲ୍‌ରେ ଗଚ୍ଛିତ ଥିବା ଚାଉଳର ପରିମାଣ,

➪ ପୃଷ୍ଠା-୬

jiban amrita anuchinta



# ଏସିଆ କପ୍ ବିଜୟ ଓ ବିବାଦ




ଏସିଆ କପ୍ ୨୦୨୫ ଫାଇନାଲରେ ଭାରତ ପାକିସ୍ତାନକୁ ପରାସ୍ତ କରି ବିଜୟୀ ହୋଇଥିଲା, କିନ୍ତୁ ଏହି ବିଜୟର ଆନନ୍ଦ ଏକ ବିବାଦରେ ପରିଣତ ହୋଇଛି। ଭାରତୀୟ ଦଳ ଏସିଆନ୍ କ୍ରିକେଟ୍ କାଉନ୍ସିଲ୍ (ଏସିସି) ଅଧ୍ୟକ୍ଷ ମୋହସିନ୍ ନାକଭିଙ୍କ ହାତରୁ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଥିଲେ। ଫଳରେ, ଟ୍ରଫି ଓ ମେଡାଲ୍ ନ ମିଳିବାରୁ ଭାରତୀୟ ଖେଳାଳିମାନେ ଷ୍ଟେଜ୍‌ରେ ଖାଲି ହାତରେ ଉତ୍ସବ ମନାଇଥିଲେ। ନାକଭି, ଯିଏ ପାକିସ୍ତାନ କ୍ରିକେଟ୍ ବୋର୍ଡର ଅଧ୍ୟକ୍ଷ ଏବଂ ପାକିସ୍ତାନର ଏକ ମନ୍ତ୍ରୀ ମଧ୍ୟ, ତାଙ୍କର ସୋସିଆଲ୍ ମିଡିଆରେ ବିବାଦୀୟ ପୋଷ୍ଟଗୁଡ଼ିକୁ ରିପୋଷ୍ଟ କରିଥିବାରୁ ଭାରତ ଏହି ନିଷ୍ପତ୍ତି ନେଇଥିଲା। ଏହି ଘଟଣା କ୍ରିକେଟ୍ ଜଗତରେ ଏକ ନୂଆ ବିବାଦ ସୃଷ୍ଟି କରିଛି ଏବଂ ଭାରତ-ପାକିସ୍ତାନ ସମ୍ପର୍କର ରାଜନୈତିକ ଉତ୍ତେଜନାକୁ ପୁନର୍ବାର ଉଜାଗର କରିଛି।

ଏହି ବିବାଦର ମୂଳ ଭାରତ ଓ ପାକିସ୍ତାନ ମଧ୍ୟରେ ଦୀର୍ଘଦିନର ରାଜନୈତିକ ବିରୋଧରେ ରହିଛି। କ୍ରିକେଟ୍, ଯାହା ଉଭୟ ଦେଶର ଲୋକଙ୍କୁ ଏକତ୍ର କରିବାର ଏକ ମାଧ୍ୟମ ହୋଇଥିବା ବେଳେ, ପ୍ରାୟତଃ ରାଜନୀତିର ଶିକାର ହୋଇଥାଏ। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ସଚିବ ଦେବଜିତ୍ ସାଇକିଆ ଏହି ନିଷ୍ପତ୍ତିକୁ ନିଶ୍ଚିତ କରିଥିଲେ ଯେ ନାକଭିଙ୍କ ହାତରୁ ଟ୍ରଫି ଗ୍ରହଣ କରାଯିବ ନାହିଁ। ଏହା ପୂର୍ବରୁ ଏସିସିକୁ ସୂଚନା ଦିଆଯାଇଥିଲା। ପାକିସ୍ତାନ ପକ୍ଷରୁ ଶୋଏବ୍ ମଲିକ୍ ଭଳି ପୂର୍ବତନ ଖେଳାଳିମାନେ ଏହି ନିଷ୍ପତ୍ତିକୁ ଆଲୋଚନା କରିଛନ୍ତି ଏବଂ କହିଛନ୍ତି ଯେ ଏହା ଭାରତକୁ ପରେ ଅନୁତାପ କରାଇବ। କିନ୍ତୁ ପ୍ରଶ୍ନ ଉଠୁଛି: କ୍ରିକେଟ୍‌ରେ ରାଜନୀତିର ମିଶ୍ରଣ କେତେ ଉଚିତ୍?

କ୍ରିକେଟ୍ ଏକ ଖେଳ ଭାବରେ ରହିବା ଉଚିତ୍, ଯାହା ଦେଶଗୁଡ଼ିକୁ ଏକତ୍ର କରିଥାଏ, ନା ଯେ ବିଭେଦ ସୃଷ୍ଟି କରିଥାଏ। ଭାରତର ନିଷ୍ପତ୍ତି ନାକଭିଙ୍କ ବିବାଦୀୟ ପୋଷ୍ଟଗୁଡ଼ିକୁ ନେଇ ହୋଇଥିଲା, ଯାହା ଭାରତ ବିରୋଧୀ ବୋଲି ବିବେଚନା କରାଯାଇଥିଲା। ଏହା ଏକ ନୈତିକ ଆବହାନ ହୋଇପାରେ, କିନ୍ତୁ ଏହା ଖେଳର ଆତ୍ମାକୁ ଆଘାତ ଦେଇଛି। ଖେଳାଳିମାନେ ଯେଉଁମାନେ କଠିନ ପରିଶ୍ରମ କରି ବିଜୟ ହାସଲ କରିଥିଲେ, ସେମାନେ ଟ୍ରଫି ନ ପାଇ କିପରି ଅନୁଭବ କରିଥିବେ? ଏହି ଘଟଣା ଏସିଆ କପ ଇତିହାସରେ ଏକ ଅଭୂତପୂର୍ବ ଘଟଣା ହୋଇଛି, ଯାହା ଭବିଷ୍ୟତରେ ଅନ୍ୟ ଟୁର୍ଣ୍ଣାମେଣ୍ଟଗୁଡ଼ିକରେ ପ୍ରଭାବ ପକାଇପାରେ।

ପାକିସ୍ତାନ ମିଡିଆ ଓ ପୂର୍ବତନ ଷ୍ଟାରମାନେ ଏହି ନିଷ୍ପତ୍ତିକୁ କଡ଼ା ଆଲୋଚନା କରିଛନ୍ତି, ଯାହା ଉଭୟ ଦେଶର ମଧ୍ୟରେ ଉତ୍ତେଜନାକୁ ବଢ଼ାଇଛି। କିନ୍ତୁ ଏହାର ମୂଳ କାରଣ ହେଉଛି ରାଜନୀତିର ହସ୍ତକ୍ଷେପ। ଏସିସି ଅଧ୍ୟକ୍ଷ ପଦରେ ଏକ ରାଜନୈତିକ ବ୍ୟକ୍ତିଙ୍କୁ ନିଯୁକ୍ତ କରିବା ନିଜେ ଏକ ବିବାଦୀୟ ପଦକ୍ଷେପ। କ୍ରିକେଟ୍ ପରିଚାଳନାରେ ରାଜନୀତିକୁ ଦୂରରେ ରଖିବା ଆବଶ୍ୟକ, ଯାହା ଦ୍ୱାରା ଖେଳର ପବିତ୍ରତା ରକ୍ଷା ହୋଇପାରିବ। ଭାରତର ନିଷ୍ପତ୍ତି ଏକ ବାର୍ତ୍ତା ଦେଇଛି ଯେ ବିବାଦୀୟ ବ୍ୟକ୍ତିଙ୍କ ସହ ସମ୍ପର୍କ ରଖିବାକୁ ସେମାନେ ପ୍ରସ୍ତୁତ ନୁହନ୍ତି, କିନ୍ତୁ ଏହା ଖେଳାଳିମାନଙ୍କର ସଫଳତାକୁ ଛୋଟ କରିଦେଇଛି।

ଏହି ବିବାଦରୁ ଶିକ୍ଷା ନେବା ଆବଶ୍ୟକ। ଅନ୍ତର୍ଜାତୀୟ କ୍ରିକେଟ୍ କାଉନ୍ସିଲ୍ (ଆଇସିସି) ଓ ଏସିସି ଭଳି ସଂସ୍ଥାଗୁଡ଼ିକୁ ରାଜନୈତିକ ହସ୍ତକ୍ଷେପରୁ ମୁକ୍ତ ରଖିବା ପାଇଁ ନିୟମ ପ୍ରଣୟନ କରିବା ଉଚିତ୍। ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ୍ ମ୍ୟାଚ ଗୁଡ଼ିକ ଲୋକପ୍ରିୟତାର ଶିଖରରେ ଥାଏ, କିନ୍ତୁ ଏଭଳି ଘଟଣାଗୁଡ଼ିକ ପ୍ରଶଂସକମାନଙ୍କୁ ନିରାଶ କରିଥାଏ। ଭବିଷ୍ୟତରେ ଏଭଳି ବିବାଦ ଏଡ଼ାଇବା ପାଇଁ ଉଭୟ ଦେଶର କ୍ରିକେଟ୍ ବୋର୍ଡଗୁଡ଼ିକୁ ସହଯୋଗର ହାତ ବଢ଼ାଇବା ଉଚିତ୍। କ୍ରିକେଟ୍ ହେଉଛି ଏକ ସେତୁ, ଯାହା ଦେଶଗୁଡ଼ିକୁ ଯୋଡ଼ିଥାଏ, ନା ଯେ ବିଚ୍ଛିନ୍ନ କରିଥାଏ।

ଶେଷରେ, ଏହି ଘଟଣା ଆମକୁ ଚିନ୍ତା କରାଇଛି ଯେ ଖେଳରେ ରାଜନୀତିର ମିଶ୍ରଣ କେବଳ କ୍ଷତିକାରକ। ଭାରତୀୟ ଦଳର ବିଜୟ ପ୍ରଶଂସନୀୟ, କିନ୍ତୁ ଟ୍ରଫି ବିନା ଉତ୍ସବ ଏକ ଦୁଃଖଦ ଚିତ୍ର। ଆଶା କରାଯାଉ ଯେ ଏହି ବିବାଦରୁ ଶିକ୍ଷା ନେଇ ଭବିଷ୍ୟତରେ କ୍ରିକେଟ୍‌କୁ ରାଜନୀତିମୁକ୍ତ ରଖାଯିବ।

## ମୋଦିଜୀଙ୍କ ଓଡ଼ିଶାକୁ ପୂଜାଭେଟି




ହୃଷୀକେଷ ପୁହାଣ


ନବରାତ୍ର ଆରମ୍ଭ ହୋଇସାରିଲାଣି। ମା'ଦେବୀ ଦୁର୍ଗାଙ୍କ ଆବାହନୀର ପବିତ୍ର ମନ୍ତ୍ର ଚର୍ତୁଦିଗକୁ ମୁଖରିତ ଓ ପବିତ୍ରମୟ କରୁଥିବା ସମୟରେ ଭାରତର ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ଓଡ଼ିଶାବାସୀଙ୍କୁ ପୂଜା ଭେଟି ନିମନ୍ତେ ଅନେକ ପ୍ରକଳ୍ପ ଓ କାର୍ଯ୍ୟକ୍ରମର ନକ୍ସା ରଖିବାକୁ ଯାଉଛନ୍ତି। ପୂର୍ବଭାରତର ମୁଖଶାଳା ଭାବେ ଓଡ଼ିଶାକୁ କେନ୍ଦ୍ରିତ କରି ମୋଦିଜୀ ଭାରତର ବିକାଶରେ ଯେଉଁ ସ୍ୱତନ୍ତ୍ରତା ଆରମ୍ଭ କରିଛନ୍ତି ତାହା ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ନିଶ୍ଚୟ। ମୋଦିଜୀଙ୍କ ନେତୃତ୍ୱର କେନ୍ଦ୍ରର ଦୃଢ଼ ସରକାର ଓଡ଼ିଶାକୁ ବିକାଶ ନିମିତ୍ତ ପର୍ଯ୍ୟାପ୍ତ ପରିମାଣର କେନ୍ଦ୍ରୀୟ ପାଣ୍ଠି ପ୍ରଦାନ କରୁଛନ୍ତି। ଝାରସୁଗୁଡ଼ା ସ୍ଥିତ ଯୁବ ସମାବେଶରେ ମୋଦିଜୀ ୬୦ ହଜାର କୋଟି ଟଙ୍କା ପ୍ରକଳ୍ପର ଲୋକାର୍ପଣ ସହ ଶିଳାନ୍ୟାସ କରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ସ୍ୱାସ୍ଥ୍ୟସେବା ଠାରୁ ଉଚ୍ଚଶିକ୍ଷା, ଗ୍ରାମ୍ୟ ଗୃହ ନିର୍ମାଣ ଠାରୁ ରେଳବାଇ, ଦୂରସଞ୍ଚାର ଠାରୁ ଦକ୍ଷତା ବିକାଶ ଏପରି ଅନେକ ପ୍ରକଳ୍ପର ଦେଶବାସୀଙ୍କୁ ହେବ। ଭାରତର ପ୍ରିୟ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ପାର୍ବଣ ଭେଟି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଝାରସୁଗୁଡ଼ା କାର୍ଯ୍ୟକ୍ରମରୁ ହିଁ ସାରା ଭାରତ ବର୍ଷ ପାଇଁ ସ୍ୱଦେଶୀ ଜ୍ଞାନକୌଶଳରେ ତିଆରି ଭାରତ ସଞ୍ଚାର ନିଗମ ଲିମିଟେଡ ୪ଜି ନେଟୱାର୍କ ସେବା ଉଦଘାଟନ କରିବେ। ସୂଚନାଥାଉକି ସାରା ଭାରତରେ ୯୭ ହଜାର ୫୦୦ଟି ୪ଜି ମୋବାଇଲ ଟାୱାର ରହିଛି ଯାହାର ମୂଲ୍ୟ ହେଉଛି ପାଖାପାଖି ୩୭ ହଜାର କୋଟି ଟଙ୍କା।

ମୋଦିଜୀଙ୍କ ଦୃଢ଼ ଦିଗଦର୍ଶନରେ ବିଏସଏନଏଲ ୪ଜି ନେଟୱାର୍କ ସମ୍ପୂର୍ଣ୍ଣ ଆତ୍ମନିର୍ଭର ପୁଣି ୪ଜି ପ୍ରଯୁକ୍ତି ବିଦ୍ୟା ଦ୍ୱାରା ନିୟନ୍ତ୍ରିତ ହେବ। ଏହି ସଫଟୱେୟାର ୫ଜିକୁ ସହଜରେ ଅପଗ୍ରେଡ୍ କରାଯାଇ ପାରିବ। ବିଶେଷକରି ଉପାନ୍ତ, ଅଗମ୍ୟ, ଦୁର୍ଗମ ଜଙ୍ଗଲ ସୀମାନ୍ତ ତଥା ନକ୍ସଲ ପ୍ରଭାବିତ ଅଞ୍ଚଳର ପ୍ରାୟ ୨୬ ହଜାର ୭୦୦ ଗାଁକୁ ମୋବାଇଲ ସଂଯୋଗ ମିଳିବ। ଏଥିରୁ ୨୦ ଲକ୍ଷରୁ ଅଧିକ ନୂତନ ଗ୍ରାହକ ଯୋଗାଯୋଗ ବ୍ୟବସ୍ଥା ସହ ଯୋଡ଼ିହେବେ। ଏହାସହ ବ୍ରହ୍ମପୁରରୁ ସୁରଟକୁ ଯୋଡୁଥିବା ଅମୃତ ଭାରତ ଏକ୍ସପ୍ରେସକୁ ଭିଡ଼ିଓ କନଫେରେସିଂ ଜରିଆରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ। ମୋଦିଜୀ ଆମ ଯୁବଶକ୍ତିକୁ ଦୃଢ଼ ସନ୍ଦେଶ ପ୍ରଦାନପୂର୍ବକ ଯୁବ ସମାବେଶ ଅବସରରେ ଅନେକ କାର୍ଯ୍ୟକ୍ରମ ଭିତରେ ତିନୋଟି ରେଳ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ ସହ ରେଲୱେ ଫ୍ଲାଏଓଭର ଭିତ୍ତି ପ୍ରସ୍ତର ସ୍ଥାପନ କରିବେ। ଯାହାପାଇଁ ୨୭୩କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା ରହିଛି। ୧୧ହଜାର କୋଟି ଟଙ୍କା ବିନିଯୋଗରେ ଆଠଟି ଆଇଆଇଟିର ସମ୍ପ୍ରସାରଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ। ଆଠଟି ଅତ୍ୟାଧୁନିକ ଗବେଷଣା ପାର୍କ ଭାରତର ନବସୃଜନ ସହ ଗବେଷଣା ଓ ବିକାଶକୁ ପ୍ରୋତ୍ସାହନ କରିବ। ଏହାସହ ମେରିଟ ଯୋଜନାର ଶୁଭାରମ୍ଭ ହେବ ଯାହା ଭାରତର ୨୭୫ଟି ଇଞ୍ଜିନିୟରିଂ ଓ ପଲିଟେକନିକ ଅନୁଷ୍ଠାନରେ ଗୁଣବତ୍ତା, ସମାନତା, ଗବେଷଣା ଓ ନବସୃଜନକୁ ଆଗକୁ ନେବ। ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟର କାର୍ଯ୍ୟକ୍ରମ ସହ ବ୍ରହ୍ମପୁର ଓ ସମ୍ବଲପୁରରେ କେନ୍ଦ୍ର ସ୍ଥାପନ ସହିତ ଏଠାରେ ସାମୁଦ୍ରିକ ଠାରୁ ଅକ୍ଷୟ ଶକ୍ତି, କୃଷି ପ୍ରଯୁକ୍ତି ଠାରୁ ରିଟେଲ ପର୍ଯ୍ୟନ୍ତ ପାଠ୍ୟକ୍ରମର ବ୍ୟବସ୍ଥା ରହିବ। ଏହାସହ ପାଞ୍ଚଟି ଆଇଟିଆଇକୁ ଉତ୍କର୍ଷ ଆଇଟିଆଇ ଭାବେ ଉନ୍ନୀତ କରାଯିବ। ମୋଦିଜୀଙ୍କ ଗ୍ରସ୍ତ ସମୟରେ ଭୀମସାର ବିଶ୍ୱସ୍ତରୀୟ ସୁପରସ୍ପେଶାଲିଟି ହସ୍ପିଟାଲ ଉନ୍ନତିକରଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ହେବ। ଯେଉଁଥିରେ ବିସ୍ତୃତ ସ୍ୱାସ୍ଥ୍ୟ ଓ ଶିକ୍ଷା ଭିତ୍ତିଭୂମି ଉପଲବ୍ଧ ହେବାସହ ପ୍ରଧାନ ମନ୍ତ୍ରୀ ଅନ୍ତୋଦୟ ଗୃହ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିବ। ଓଡ଼ିଶା ଆଜି ସର୍ବ ଭାରତୀୟ କ୍ଷେତ୍ରରେ ବିକାଶର ଯେଉଁ ଅଭିବୃଦ୍ଧିର ନୂଆ ସ୍ୱାକ୍ଷର ଯୋଡ଼ିଛି ତାହା କ୍ୱଚିତ ରାଜ୍ୟର ବିକାଶ କ୍ଷେତ୍ରରେ ଦେଖାଯାଏ। ଓଡ଼ିଶାରେ ଆଜି ଦୃଢ଼ ନେତୃତ୍ୱ ଓ ଲୋକମାନଙ୍କର ଲୋକ ସରକାର ଯଥାର୍ଥରେ ପ୍ରତୀୟମାନ ପରିଚିତ ହୋଇପାରିଥିବା ମୋହନ ଚରଣ ମାଝୀଙ୍କ ସରକାର ନୂଆ ଓଡ଼ିଶାକୁ ଆଗେଇ ନେବାରେ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି। ତେବେ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ କେବଳ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କରିଲେ ଚଳିବ ନାହିଁ। ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ରହିଛି। ରାମାୟଣ ସମୟର ଗୁଣ୍ଡିଚି ମୂଷାଙ୍କ କଥା କାଳେ କାଳେ ସମସ୍ତଙ୍କର ମନେ ରହିଛି। ବର୍ତ୍ତମାନର ସମୟରେ ଛୋଟପିଲାଟି ମଧ୍ୟ ହାତ ପାଖରେ ଥିବା ଫୋନଟିରେ ତା ସାମ୍ନାରେ ଘଟୁଥିବା ଘଟଣ ଦୁର୍ଘଟଣକୁ ରେକର୍ଡ଼ କରିପାରୁଛି ଆଉ ଅନ୍ୟ ମାନଙ୍କୁ ଜଣାଇ ସାହାଯ୍ୟ ମଧ୍ୟ ପାଇପାରୁଛି। ଓଡ଼ିଶା ଆଜି ବିକାଶର ବେଗବାନ ଧାରାରେ ଯେଉଁ ଅଭିବୃଦ୍ଧିକୁ ଛୁଇଁ ପାରିଛି ଏହାର ଶ୍ରେୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କୁ ଓ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ହିଁ ପ୍ରାପ୍ତ ହେବ। ପାର୍ବଣ ଅବସରରେ ଆମର ପ୍ରିୟ ମୋଦିଜୀଙ୍କୁ ଓଡ଼ିଶା ମାଟିରେ ସ୍ୱାଗତ ଓ ଅଭିନନ୍ଦନ ଜଣାଉଛୁ।


**ବାଲିକୁଦା, ଜଗତସିଂହପୁର, ମୋବାଇଲ୍: ୭୦୦୮୪୩୮୯୫୯**


## ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

# ତୁମର ଠାକୁରତ୍ୱ ଜାଗ୍ରତ ହେଲେ ଠାକୁର ତୁମର କେନ୍ଦ୍ରରେ ରହିବେ




ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର


ସେତେବେଳେ ପାଟନାର ଏଣ୍ଟ୍ରାନସ ସ୍କୁଲରେ ଜଣେ ଛାତ୍ର ଅଧ୍ୟୟନ କରୁଥାନ୍ତି। ସେ ତାଙ୍କ ମାଆଙ୍କ କଥାକୁ ଖୁବ ବିଶ୍ୱାସ କରୁଥିଲେ। ସେ ଦିନ ତାଙ୍କର ଅଙ୍କ ପରୀକ୍ଷା ଥାଏ। ତେବେ ଖାଇବାରେ ବିଳମ୍ବ ଯୋଗୁଁ ସେ ବିଦ୍ୟାଳୟକୁ ଯିବା ମଧ୍ୟ ବିଳମ୍ବ ହୋଇଯାଇଥିଲା। ତାଙ୍କର ମାଆ ଏହି ବିଳମ୍ବ ଯୋଗୁଁ ପ୍ରତିକ୍ରିୟା ପ୍ରକାଶ କରି କହିଲେ, ସ୍କୁଲ ଯିବାରେ ତୋର ବିଳମ୍ବ ହେଲାଣି। ଆଜି ତୁ ଅଙ୍କ ପରୀକ୍ଷାରେ ଆଦୌ ଭଲ କରିପାରିବୁ ନାହିଁ।

ଛାତ୍ର ଜଣକ ସ୍କୁଲ ଗଲେ। ତେବେ ପ୍ରଶ୍ନ ପତ୍ର ପାଇ କେବଳ ଆଖିରୁ ଲୁହ ଗଡ଼ାଇଲେ। ଶିକ୍ଷକ ମହାଶୟ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଛାତ୍ରଟି କହିଲେ, ମାଆ କହିଛନ୍ତି, 'ଆଜି ତୁ ଅଙ୍କ ପରୀକ୍ଷାରେ ଆଦୌ ଭଲ କରିପାରିବୁ ନାହିଁ।' ଅଙ୍କ କରିଦେଲେ ତ ମାଆଙ୍କର ବାକ୍ୟ ମିଥ୍ୟା ପ୍ରମାଣିତ ହେବ। ଛାତ୍ରଜଣଙ୍କ ପାଇଁ ପରୀକ୍ଷାରେ ଅଙ୍କ କଠିନ ନଥିଲା। କେବଳ ତାଙ୍କ ମାଆଙ୍କ ବାକ୍ୟ ମିଥ୍ୟା ହୋଇଯିବା ଭୟରେ ସେ ଅଙ୍କ କଲେ ନାହିଁ। ପ୍ରଧାନ ଶିକ୍ଷକ ଏବଂ ତାଙ୍କର ସହକର୍ମୀବୃନ୍ଦ ଛାତ୍ର ଜଣଙ୍କର ଏତାଦୃଶ ମାତୃଭକ୍ତି ଏବଂ ଅଗାଧ ବିଶ୍ୱାସ ଦେଖି ସ୍ତମ୍ଭୀଭୂତ ହୋଇଗଲେ ଏବଂ ଛାତ୍ରଜଣକ ପାଇଁ ପରେ ପୃଥକ ପରୀକ୍ଷାର ବ୍ୟବସ୍ଥା କରିଦେଲେ। ଏହି ମାତୃଭକ୍ତ ଛାତ୍ର ଜଣକ ଥିଲେ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ମହାଭାବ ସମାଧି ଅବସ୍ଥାରେ ତାଙ୍କରି ଶ୍ରୀମୁଖରୁ ନିଃସୃତ ପୁଣ୍ୟପୋଥି ମାନବ ସମାଜ ପାଇଁ ଏକ ଅମୂଲ୍ୟ ଅବଦାନ। କୀର୍ତ୍ତନର ଚରମରେ ଏହି ମହାଭାବ ସମାଧି ଅବସ୍ଥା - ବାହ୍ୟଜ୍ଞାନ ଶୂନ୍ୟ ଅବସ୍ଥାରେ ମାଟିରେ ଲୋଟି ପଡୁଥିଲେ ଶ୍ରୀ ଶ୍ରୀ ଠାକୁର। ବହୁ ପ୍ରକାରର ଆସନ ଓ ମୁଦ୍ରା - କେତେବେଳେ କୂର୍ମାସନ, ପଦ୍ମାସନ, ବୀରାସନ, ରାଜାସନ, ଏହିପରି ଶତାଧିକ ଆସନ ଓ ମୁଦ୍ରାର ଲହରୀ ଅପୂର୍ବ କ୍ଷିପ୍ରତାର ସହିତ ତାଙ୍କ ଶରୀରରେ ଦେଖାଯାଉଥିଲା। ଶ୍ୱାସକ୍ରିୟା ଓ ହୃତ୍‌ପିଣ୍ଡର କ୍ରିୟା ମଧ୍ୟ ବନ୍ଦ ହୋଇଯାଉଥିଲା। ଚେତନାଶୂନ୍ୟ, ହୃଦ୍‌ସ୍ପନ୍ଦନବନ୍ଦ, ଶ୍ୱାସହୀନ ନିଥର ଶରୀରରୁ ମଝିରେ ମଝିରେ ଧୀର ଉଦାତ୍ତ ସ୍ୱରରେ ନାନା ଭାଷାରେ ବାଣୀ ସମୂହ ଉଚ୍ଚାରିତ ହେଉଥିଲା ତାହା ହିଁ ପୁଣ୍ୟପୋଥି; - ଏହି ପୁଣ୍ୟପୋଥିରେ ହିଁ ଶ୍ରୀ ଶ୍ରୀ ଠାକୁରଙ୍କର ଆତ୍ମପ୍ରକାଶ।



'ମୁଁ ଚାହେଁ ଶୁଦ୍ଧ ଆତ୍ମା, ସଂସାରୀ ସନ୍ନ୍ୟାସୀ ଦରକାର। ଜଙ୍ଗଲର ସନ୍ନ୍ୟାସୀ ଆଉ ଦରକାର ନାହିଁ। ମୁଁ ଭକ୍ତ, ମୁଁ ଭଗବାନ। ମୁଁ ପୂଜା ଦିଏ, ମୁଁ ହିଁ ପୂଜା ଗ୍ରହଣ କରେ। ମୁଁ ଅସୁର, ମୁଁ ଦେବତା। ମୁଁ ଗୁଣମୟୀ ପ୍ରକୃତି, ମୁଁ ହିଁ ନିର୍ଗୁଣ ପୁରୁଷ। ମୁଁ ହିଁ ଶତ୍ରୁ, ମୁଁ ମିତ୍ର; ମୁଁ ପ୍ରଶାନ୍ତ ସାଗର, ମୁଁ ଅଭ୍ରଭେଦୀ ହିମଗିରି। ମୁଁ ହିଁ ସ୍ୱର୍ଗ, ମୁଁ ହିଁ ନର୍କ। ମୁଁ ହିଁ ମୋର ଯମ, ମୁଁ ହିଁ ମୋର ଦେବତା। ମୁଁ ଅହି, ମୁଁ ନକୁଳ। ମୁଁ ସାପ ହୋଇ କାମୁଡ଼େ, ମୁଁ ହିଁ ଗୁଣିଆ ହୋଇ ଝାଡ଼େ। ମୁଁ ହିଁ କୁରୁକ୍ଷେତ୍ର, ମୁଁ ହିଁ ଭଗବାନ।' 'ମୁଁ ମୋର ଉଠି ପଡ଼ିଛି - ଜୀବ, ତୋର ଚିନ୍ତା କ'ଣ ? ତୋର ଶୋକ-ଦୁଃଖ କ'ଣ ? ଦୌଡ଼ି ଆସ, ବିଶ୍ୱାସ କର, କୀର୍ତ୍ତନରେ ଯୋଗ ଦିଅ ଓ ବ୍ରହ୍ମ ସାଗରରେ ବୁଡି ଯାଓ। ତୁମ୍ଭମାନଙ୍କର ମହା ମହା ପାପ ଥାଉ, ବ୍ରହ୍ମହତ୍ୟା, ଗୋହତ୍ୟା, ସ୍ତ୍ରୀ ହତ୍ୟା ଇତ୍ୟାଦି କରି ମଧ୍ୟ ଭୟ ନାହିଁ। ମୋତେ ବିଶ୍ୱାସ କର, ଆତ୍ମାକୁ ବିଶ୍ୱାସ କର, ଶୀଘ୍ର ଦୌଡ଼ି ଆସ, ନାଚି ନାଚି ଚାଲିଆସ, ଭଗବାନ କହି ଚାଲି ଆସ, ଜୟ ଜିସାସ୍, ଜୟ ଜିସାସ୍ କହି ଛୁଟି ଆସ, କିଏ କେଉଁଠି ଅଛ, ଶିଖ୍, ବୌଦ୍ଧ, ମୁସଲମାନ, ଖ୍ରୀଷ୍ଟିୟାନ, ଜୈନ, ବ୍ରାହ୍ମଣ, ବୈଷ୍ଣବ - ଆସ ଚଣ୍ଡାଳ, ଥରେ ମାତ୍ର ପରମାତ୍ମାର ଭାବରେ ଭାବିତ ହୁଅ, ତୁମର ସବୁ ଜ୍ୱାଳା ଯନ୍ତ୍ରଣା ମୁଁ ହାତ ଦେଇ ପୋଛି ଦେବି। ଦେଖ, ଭଗବାନ ହିଁ ଚିନ୍ତାମଣି। ଚିନ୍ତା କରୁ କରୁ ଏହି ମଣି ଲାଭ ହୁଏ। ତାକୁ ଯିଏ ସ୍ପର୍ଶ କରେ ସେ ହୁଏ ନୀଳକାନ୍ତ ମଣି। ଭଗବାନଙ୍କୁ ପାଇବା କ'ଣ କଷ୍ଟରେ ? ଗୁରୁ ପାଇବା ହିଁ କଷ୍ଟ, ସମୟ ହେଲେ ସଦ୍‌ଗୁରୁ ମିଳେ, ସଦ୍‌ଗୁରୁ ହିଁ ଭଗବାନ।'

ହେ ସୁଧୀବୃନ୍ଦ, ଏକବିଂଶ ଶତାବ୍ଦୀର ସଚେତନ ନାଗରିକ-ପୁଣ୍ୟପୋଥିର ପୁଣ୍ୟକୁ ଆସ୍ୱାଦନ କରନ୍ତୁ। ତୁମର ଠାକୁରତ୍ୱ ଜାଗ୍ରତ ହେଲେ ଠାକୁର ତୁମର କେନ୍ଦ୍ରରେ ରହିବେ। ବିଶ୍ୱାସେ ମିଳଇ ହରି। ହରି ବିନା ଅନ୍ୟଗତି ନାହିଁ।


**ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ କଟକ, ଦୂରଭାଷ : ୯୪୩୭୦୫୧୯୫୭**


# ଶକ୍ତି ଉପାସନାରେ ମା' ଦୁର୍ଗାଙ୍କ ସ୍ତୁତି




ଡକ୍ଟର ଲକ୍ଷ୍ମଣ ସାହୁ


ଶକ୍ତି ଉପାସନାର ଶ୍ରେଷ୍ଠ ଧାରା ବୈଦିକ ଯୁଗରୁ ଘଟିଛି। ତା'ର ପ୍ରମାଣ ହେଉଛି ' ଦେବୀ ସୂକ୍ତ "। ଦେବୀ ମାହାତ୍ମ୍ୟରେ ଭଗବତୀ ସ୍ୱୟଂ କହିଛନ୍ତି ' ଏକୈବାହଂ ଜଗତ୍ୟତ୍ର ଦ୍ୱିତୀୟା ବା ମମାପରା '। ଅର୍ଥାତ୍ ଜଗତରେ ମୁଁ କେବଳ ଏକା ଅଛି। ଅନ୍ୟ ଦ୍ୱିତୀୟ ଆଉ କେହି ନାହିଁ। ଏହି ଶକ୍ତି ହିଁ ସୃଷ୍ଟି, ସ୍ଥିତି ଓ ପାଳନ କର୍ତ୍ତା। ଏ ସମ୍ପର୍କରେ ଦେବୀ ମାହାତ୍ମ୍ୟରେ ଉଲ୍ଲେଖ ଅଛି -' ବିସୃଷ୍ଟୌ ସୃଷ୍ଟି ରୁପାତ୍ୱ ' ସ୍ଥିତି ରୂପା ଚ ପାଳନେ/ ତଥା ସଂହୃତେ ରୂପାନ୍ତେ ଜଗତ୍ତୋଽସ୍ୟ ଜଗନ୍ମୟୋ "

ଶକ୍ତି ହେଉଛି ସୃଷ୍ଟିର ମୂଳ ଉପାଦାନ। ଶାକ୍ତମାନେ ଶକ୍ତିକୁ ବିଶ୍ୱର ଜନନୀରୂପେ ପରିକଳ୍ପନା କରିଥାନ୍ତି। ସେମାନଙ୍କ ଦୃଷ୍ଟିରେ ଚୈତନ୍ୟ ବା ଚିତ୍ତ ଏକମାତ୍ର ସତ୍ୟ। ଯାହା ମାୟା ଶକ୍ତି ସହିତ ସନ୍ନିବେଶିତ ହୋଇ ବିଶ୍ୱ ସର୍ଜନା କରେ। ସାଂଖ୍ୟ ଦର୍ଶନାନୁସାରେ ଶକ୍ତି ବ୍ରହ୍ମଂକର ଏକ ଅଂଶ ବିଶେଷ। ଶଙ୍କରାର୍ଯ୍ୟଙ୍କ ମତରେ ମାୟା ବା ଶକ୍ତି ହେଉଛି ଅସତ୍। କେବଳ ବ୍ରହ୍ମ ହେଉଛି ସତ୍। କିନ୍ତୁ ଶାକ୍ତମାନ ଶକ୍ତି ( ମାୟା ) ଓ ଶକ୍ତିମାନ ( ବ୍ରହ୍ମ) ଏ ଉଭୟକୁ ଏକ ବୋଲି ଗ୍ରହଣ କରିଥାନ୍ତି। ଦୁର୍ଗା ସପ୍ତସତୀରେ ଭାସ୍କରାଚାର୍ଯ୍ୟ ଏକ ଶ୍ଳୋକର କହିଛନ୍ତି— 'ଏକୈବଶକ୍ତିଃ ପରମେଶ୍ୱରସ୍ୟ ଭିନ୍ନା ଚତୁର୍ଦ୍ଧା ବିନିଯୋଗ କାଳେ / ଭୋଗେ ଭବାନୀ ପୁରୁଷେଷୁ ବିଷ୍ଣୁଃ କୋପେ ଚ କାଳୀ ସମରେ ଚ ଦୁର୍ଗା।' ଅର୍ଥାତ୍ ପରମେଶ୍ୱରଙ୍କ ଏକ ହିଁ ଶକ୍ତି। ପ୍ରୟୋଜନାନୁଯାୟୀ ଚାରୋଟି ଭାଗରେ ବିଭକ୍ତ ହୁଅନ୍ତି। ତାହା ଭୋଗରେ ଭବାନୀ, ପୌରୁଷ ଦେଖାଇବାରେ ବିଷ୍ଣୁ, କୋପରେ କାଳୀ ଓ ଯୁଦ୍ଧକ୍ଷେତ୍ରରେ ଦୁର୍ଗା ଅଟନ୍ତି। ଏହି କଥାର ମର୍ମ ଉପଲବ୍ଧ କରି ଶ୍ରୀମଦ୍ ଜୀବ ଗୋସ୍ୱାମୀ ପାଦ ଶାସ୍ତ୍ରବାକ୍ୟ ଉଲ୍ଲେଖ କରି କହିଥିଲେ — ' ସ କୃଷ୍ଣଃ ସୈବ ଦୁର୍ଗାସ୍ୟାତ୍/ ସା ଦୁର୍ଗା କୃଷ୍ଣ ଏବ ସଃ।' କାଳିକା ପୁରାଣରେ ଉଲ୍ଲେଖ ରହିଛି - ' ନୀଳାଦ୍ରୌ ସଃ ଜଗନ୍ନାଥଃ ସାକ୍ଷାତ୍ ଦକ୍ଷିଣ କାଳିକା।' ଅର୍ଥାତ୍ କୃଷ୍ଣ ଓ ଦୁର୍ଗାଙ୍କ ଠାରେ ସେଭଳି କିଛି ଭେଦ ନାହିଁ। ଯିଏ କୃଷ୍ଣ ସେହି ଦୁର୍ଗା ଏବଂ ଯିଏ ଦୁର୍ଗା ସେହିଁ କୃଷ୍ଣ। ସେହିପରି ଯିଏ କାଳୀ ସେହିଁ ଜଗନ୍ନାଥ। ଶିବ, ଶକ୍ତ ଓ ସୃଷ୍ଟି ମଧ୍ୟରେ ଅଚ୍ଛେଦ୍ୟ ସମ୍ବନ୍ଧ ବିଦ୍ୟମାନ। ଶକ୍ତି ରୂପରେ ଶିବ ସମଗ୍ର ବିଶ୍ୱର କାରଣ ଏବଂ ନିଜେ ଜୀବେଶ ରୂପେ ବିଶ୍ୱରେ ପ୍ରକାଶମାନ ହୁଅନ୍ତି। ଶାକ୍ତମାନଙ୍କ ମତରେ ଇଚ୍ଛା ଓ ଜ୍ଞାନରୁ କାମକଳା, କାମକଳାର ଶବ୍ଦ ଅର୍ଥ, ମନୋଜଗତ ଓ ବସ୍ତୁ ଜଗତର ସୃଷ୍ଟି ଘଟିଛି। ସେଇଥିପାଇଁ ଏମାନେ ଆରମ୍ଭରେ ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତ ଓ ତୁରୀୟ-ଏହି ଚାରୋଟି ଅବସ୍ଥାର ପରିକଳ୍ପନା କରିଥାନ୍ତି। ସେମାନଙ୍କର ଅଭ୍ରମ ଲକ୍ଷ୍ୟ ହେଲା ଏହି ଚତୁରାବସ୍ଥା ମାଧ୍ୟମରେ ତତ୍ ସ୍ୱରୂପର ଉପଲବ୍ଧ କରିବା। ଏହାହିଁ ସେମାନଙ୍କୁ ଅବିଦ୍ୟାରୁ ମୁକ୍ତକରେ। ଶାକ୍ତମାନଙ୍କ ବିଶ୍ୱାସ ରହିଛି ଯୋଗ ସାଧକ ଦ୍ୱାରା ଆତ୍ମା ଓ ପରମାତ୍ମାର ମିଳନ ସମ୍ଭବ ହୋଇଥାଏ। ସେମାନଙ୍କ ମତରେ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରି ବିଭିନ୍ନ ଚକ୍ର ମଧ୍ୟ ଦେଇ ସହସ୍ରାଧିକ ଶିବଙ୍କ ପର୍ଯ୍ୟନ୍ତ ଚଳାଇନେଲେ ଜୀବନର ପରମ ସୁଖ ଫଳପ୍ରଦ ଲାଭ କରେ।

ଓଡ଼ିଶାରେ ଅତି ପ୍ରାଚୀନ କାଳରୁ ଏହି ଶକ୍ତି ପୂଜାର ଧାରା ପ୍ରବାହିତ ହୋଇ ଆସୁଅଛି। ବ୍ୟାସଦେବଙ୍କ ମହାଭରତରେ ବୈତରଣୀ ତଟସ୍ଥ ସର୍ବ ଅଘ ବିଧ୍ୱଂସକ ବିରଜା ତୀର୍ଥର ବର୍ଣ୍ଣନାରୁ ସ୍ପଷ୍ଟ ହୁଏ। ' ତତୋ ବୈତରଣ୍ୟାଂ ଗତ୍ୱା ସର୍ବପାପ ପମୋଚନମ୍ / ବିରଜା ତୀର୍ଥମାସାଦ୍ୟ ବିରାଜିତ ଯଥା ଶଶୀ। ' ଏଭଳି ଭାବରେ ବିରଜା ପୀଠର ମାହାତ୍ମ୍ୟ ମତ୍ସ୍ୟ ପୁରାଣ ଓ ବ୍ରହ୍ମାଣ୍ଡ ପୁରାଣରେ ଉଲ୍ଲେଖ ରହିଛି। ବିରଜା କ୍ଷେତ୍ର ମାହାତ୍ମ୍ୟରୁ ପ୍ରତୀୟମାନ ହୁଏ ଯେ, ବିଷ୍ଣୁ ଗୟାସୁରର ଶରୀରକୁ ତିନିଖଣ୍ଡ କରି କାଟି ମୁଣ୍ଡକୁ ଗୟାରେ, ନାଭିକୁ ଯାଜପୁରରେ ଓ ପାଦକୁ ମହେନ୍ଦ୍ର ପର୍ବତରେ ନିକ୍ଷେପ କରିଥିଲେ। ଫଳତଃ ଯଥାକ୍ରମେ ବିଷ୍ଣୁ କ୍ଷେତ୍ର, ଶକ୍ତି କ୍ଷେତ୍ର ଓ ଶିବ କ୍ଷେତ୍ର ସୃଷ୍ଟି ହୋଇଥିଲା। ବିରଜା ପୀଠର ସୃଷ୍ଟି ସଂପର୍କରେ ଅନ୍ୟ ଏକ ପୌରାଣିକ ଉପାଖ୍ୟାନ ପ୍ରତି ଦୃଷ୍ଟି ଦେଲେ ସେଥିରେ ଅଛି— ସତୀଙ୍କ ଶବକୁ ଶିବ ସ୍କନ୍ଧରେ ବହନ କରି ପୃଥିବୀ ପରିକ୍ରମଣ କଲାବେଳେ ବିଷ୍ଣୁଙ୍କ ଚକ୍ରରେ ସତୀଙ୍କ ଦେହ ୫୧ ଖଣ୍ଡ ହୋଇଗଲା। ଶିବ ସେହି ୫୧ ସ୍ଥାନରେ ସତୀଙ୍କ ଅଙ୍ଗର ସୁରକ୍ଷାପାଇଁ ଭୈରବ ରୂପରେ ଜଗି ରହିଲେ। ସତୀଙ୍କ ନାଭି ବିରଜା କ୍ଷେତ୍ରରେ ପଡ଼ିଥିବାରୁ ଏହାର ନାମ ନାଭି କ୍ଷେତ୍ର ହୋଇଛି। ଜ୍ଞାନାର୍ଣ୍ଣବ ତନ୍ତ୍ର, ମହାର୍ଣ୍ଣବ ତନ୍ତ୍ର ଓ ବଙ୍ଗୀୟ କବି ବଂଶୀ ଦାସଙ୍କ ' ' ମନସା ମଙ୍ଗଳ' ରେ ବିରଜା କ୍ଷେତ୍ର ସଂପର୍କରେ ବର୍ଣ୍ଣନା ରହିଛି।

ଯାଜପୁରରେ ଅଦ୍ୟାବଧ ଖ୍ରୀଷ୍ଟାବ୍ଦ ୨ ଶତାବ୍ଦୀର ରୂପ ଓ ଖ୍ରୀ ୪ର୍ଥ ଶତାବ୍ଦୀର ବୌଦ୍ଧ ମନ୍ଦିରର ଧ୍ୱଂସାବଶେଷ ରହିଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ବୌଦ୍ଧକ୍ଷେତ୍ର ଯାଜପୁର ୪ର୍ଥ ଶତାବ୍ଦୀରେ ଶାକ୍ତ କ୍ଷେତ୍ର ରୂପେ ପରିଣତ ହୋଇଗଲା ଓ ବିରଜାଙ୍କ ମୂର୍ତ୍ତି ପ୍ରାୟତଃ ୪ର୍ଥ - ୫ମ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଥିଲା। ଯାଜପୁରରେ ଅନେକ ଚାମୁଣ୍ଡା ମୂର୍ତ୍ତି ଏଣେତେଣେ ବିକ୍ଷିପ୍ତ ହୋଇ ପଡ଼ିରହିଛି। ଓଡ଼ିଶାରେ ଏହି ଚାମୁଣ୍ଡା ଉପାସନା ପ୍ରାୟ ଷଷ୍ଠ ଶତାବ୍ଦୀରୁ ଆରମ୍ଭ ହୋଇଥିବାରୁ କେତେକେ ଅନୁମାନ କରନ୍ତି। ଭୌମ ରାଜୁତିର ୭ମଠାରୁ ୯ମ ଶତାବ୍ଦୀରେ ଓଡ଼ିଶାରେ ଶକ୍ତି ଉପାସନା ବିସ୍ତାର ଲାଭ କରିଥିଲା। ସେହିପରି ଶ୍ରୀକ୍ଷେତ୍ରରେ ବିମଳାଙ୍କ ଉପାସନା ବହୁକାଳରୁ ପ୍ରଚଳିତ ହୋଇ ଆସିଥିବା ଜଣାଯାଏ। ପୀଠ ନିର୍ଣ୍ଣୟରେ ପୁରୁଷୋତ୍ତମ ଶକ୍ତି କ୍ଷେତ୍ର ରୂପେ ପରିଚିତ ହୋଇଛି। ଏସବୁ ମତ୍ସ୍ୟ, କାଳିକା ଓ ଅନ୍ୟାନ୍ୟ ପୁରାଣରେ ଉଲ୍ଲେଖ ଅଛି। ଉଡ଼ଡୀୟାନ ତନ୍ତ୍ରରେ କୁହାଯାଇଛି - ' ସୁଭଦ୍ରା ଲୋକ ମାତା ଚ ଆତ୍ମ ଶକ୍ତି ବରପ୍ରଦା/ ରାମକୃଷ୍ଣ ଦ୍ୱୟୋର୍ମଧେ ପରମା ପରମେଶ୍ୱରୀ।'

କୁହାଯାଏ ସତୁରୀଟି ପୀଠକୁ ନେଇ ଯଥା ୩୫ଟି ଶକ୍ତି ପୀଠ, ୧୯ଟି ଶିବପୀଠ ଓ ୧୬ଟି ମହା ପୀଠର ଏକତ୍ର କରଣରେ ଉତ୍କଳ ଶାକ୍ତ ମଣ୍ଡଳ ଭାବେ ପରିଚିତ ହୋଇଛି। ଦଶମ ଶତାବ୍ଦୀରୁ ଶ୍ରୀକ୍ଷେତ୍ରରେ ଚନ୍ଦ୍ର କେଶରୀଙ୍କ ଦ୍ୱାରା ସ୍ଥାପିତ 'ଅଷ୍ଟ ଚଣ୍ଡୀ' ଓ ଭୀମ କେଶରୀଙ୍କ ଦ୍ୱାରା ସ୍ଥାପିତ ସାତ ଭଉଣୀ ବା ସପ୍ତମାତୃକା ଶକ୍ତି ପୂଜାର ସାକ୍ଷ୍ୟ ପ୍ରମାଣ କରେ। ବ୍ରହ୍ମ ପୁରାଣ, ମହାଭାରତ ଓ କପିଳ ସଂହିତାରୁ ସ୍ପଷ୍ଟ ହୁଏ ଯେ- ୪ର୍ଥ ଶତାବ୍ଦୀ - ଠାରୁ ବିରଜା ଦେବୀଙ୍କ ପୂଜା ଅନୁଷ୍ଠିତ ହୋଇଆସୁଅଛି। ଠିକ୍ ସେତିକିବେଳେ ଓଡ଼ିଶାରେ ଚତୁର୍ଭୁଜା ଦୁର୍ଗା ଦେବୀଙ୍କର ପୂଜା ଆରମ୍ଭ ହେବାର ନିଦର୍ଶନ ପତ୍ନତାତ୍ତ୍ୱିକ ବିବରଣୀରୁ ମିଳିଥାଏ। ମାଠରବଂଶର ସମକାଳୀନ ମୁଦଗଲ ରାଜବଂଶ ଚତୁର୍ଭୁଜା ଦୁର୍ଗାଙ୍କର ଉପାସକ ଥିବାର ପ୍ରମାଣ ରହିଛି। କଟକ ଜିଲ୍ଲାର ଏକ ଧର୍ମଶାଳାରୁ ପ୍ରାପ୍ତ ଚତୁର୍ଭୁଜା ଚାମୁଣ୍ଡା ଶୁଳକ ରାଜ ବଂଶର ଇଷ୍ଟଦେବୀ। ଢେଙ୍କାନାଳ ଜିଲ୍ଲାର ବାଲିସାହି ଅନ୍ତର୍ଗତ ଚତୁର୍ଭୁଜ ଚାମୁଣ୍ଡା, ମୟୂରଭଞ୍ଜର ଖିଚିଂ ଚାମୁଣ୍ଡା, ଦେବଗ୍ରାମର ଅଷ୍ଟଭୁଜା ଚାମୁଣ୍ଡା, ବାରିପଦାର ଅଦୂରବର୍ତ୍ତୀ ବଡ଼ସାହି ପାଶଚଣ୍ଡୀ, ବାଲେଶ୍ୱରସ୍ଥ ଭୀମପୁରର ଅଷ୍ଟଭୁଜା ଚାମୁଣ୍ଡା ପ୍ରଭୃତି ପ୍ରାଚୀନ କାଳରୁ ଓଡ଼ିଶାରେ ଶାକ୍ତ ପୂଜାର ବିଧିବଦ୍ଧ ପ୍ରମାଣ ଦିଏ। ୭ମ ଶତାବ୍ଦୀରେ ଓଡ଼ିଶାରେ ଷଡ଼ଭୁଜା ଦୁର୍ଗାଙ୍କର ପୂଜା ପ୍ରଚଳିତ ଥିବା ପ୍ରମାଣ ମିଳିଛି।

ଭୁବନେଶ୍ୱର ବିନ୍ଦୁ ସାଗର ନିକଟସ୍ଥ ଏକ ମନ୍ଦିରର ଦୁର୍ଗାଦ୍ୱାର କହିବ ଓ ପାର୍ଶ୍ୱ ଦାସିମ ଦେବୀ ରୂପେ ଏବଂ ମୋହିନୀ ମନ୍ଦିରରେ ଦୁର୍ଗା ମୁଖଶାଳା ବାସିନୀ ଦେବୀ ରୂପେ ଶୋଭା ପାଉଛନ୍ତି। ଶୈଳୋଦ୍ଭବ ବଂଶୀୟ ରାଜାମାନେ ଷଡ଼ଭୁଜା ଦୁର୍ଗାଙ୍କର ଉପାସକ ଥିଲେ ବୋଲି ଇତିହାସରେ ବର୍ଣ୍ଣିତଅଛି। ଅଷ୍ଟମ ଶତାବ୍ଦୀ ଠାରୁ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ଅଷ୍ଟଭୁଜା ଦୁର୍ଗାଙ୍କର ପୂଜା ପ୍ରଚଳିତ ଥିଲା। ମୟୁରଭଞ୍ଜର ହରିପୁରରୁ ମିଳି ଥିବା ଅଷ୍ଟଭୁଜା ଦୁର୍ଗାଙ୍କ ମୂର୍ତ୍ତି, ତାହା ଅଷ୍ଟମ ଶତାବ୍ଦୀର ଏଥିରେ ସନ୍ଦେହ ନାହିଁ। ଝଙ୍କଡ଼ର ଶାରଳା, କଟକ ଜିଲ୍ଲାର କୁଢାମଚଣ୍ଡୀ, ନୂଆଗଡ଼ର ଜାଗେଶ୍ୱର, ତାପଙ୍ଗର ଦୁର୍ଗା, ଢେଙ୍କାନାଳର ଚାମୁଣ୍ଡା ଆଦି ସମସ୍ତେ ଅଷ୍ଟଭୁଜା। ୧୦ମ ଶତାବ୍ଦୀର ଶେଷ ଭାଗରୁ ଓଡ଼ିଶାରେ ଦଶଭୂଜା ଦୁର୍ଗାଙ୍କ ଉପାସନାର ସ୍ୱତ୍ରପାଠ ହୋଇଛି। କଟକ ଜିଲ୍ଲାର ପୀରହାଟରେ ଦଶଭୂଜା ଦୁର୍ଗା ଭଗବତୀ ନାମରେ ପୂଜା ପାଉଛନ୍ତି। ଏହାଛଡ଼ା ଢେଙ୍କାନାଳର କୁଆଁର ଗ୍ରାମର ଦୁର୍ଗା ଓ ଭୁବନେଶ୍ୱର ଶିଶିରେଶ୍ୱର ନିକଟସ୍ଥ ମୁଖଶାଳାରେ ଥିବା ଦୁର୍ଗା ମଧ୍ୟ ଦଶଭୁଜା ରୂପେ ଉପାସ୍ୟା ଗଙ୍ଗବଂଶୀୟ ରାଜାମାନଙ୍କ ଇଷ୍ଟଦେବୀ ଥିଲେ ଦୁର୍ଗା। ଦ୍ରାକ୍ଷାରାମ ମନ୍ଦିରରେ ଥିବା ଶିଳାଲେଖରେ ୧ମ ନରସିଂହଦେବ ( ଖ୍ରୀ ୧୩୪୮ - ୧୨୬୪ )ଙ୍କୁ ଦୁର୍ଗାପୁତ୍ର ରୂପେ ଅଭିହିତ କରାଯାଇଛି।

ମାଟିର ମହାକବି ଆଦିକବି ସାରଳା ଦାସଙ୍କ କୃତିରେ ସର୍ବ ଧର୍ମର ସମନ୍ୱୟ ଘଟିଅଛି। କବି ଅନ୍ତରରେ ଶାକ୍ତ ଥିଲେହେଁ ଶୈବ, ବୈଷ୍ଣବ ଜଗନ୍ନାଥ ଧର୍ମ ପ୍ରତି ତାଙ୍କର ଅଚଳା ଭକ୍ତି, ଅପୂର୍ବ ନିଷ୍ଠା ଓ ଅସୀମ ଶ୍ରଦ୍ଧା ପ୍ରଦର୍ଶିତ ହୋଇଛି। ସେ ଓଡ଼ିଶାର ଶୂଦ୍ରମୁନି ଭାବେ ପରିଚିତ ଓ ସମ୍ମାନିତ। କବିଙ୍କ ସୃଷ୍ଟି ତିନୋଟି ସୁବର୍ଣ୍ଣ ସୃଷ୍ଟି ମହାଭାରତ, ବିଲଙ୍କାରାମାୟଣ ଓ ଚଣ୍ଡୀପୁରାଣ ହେଉଛି ସଫଳ ଶାକ୍ତ ସାହିତ୍ୟ। ତାଙ୍କ କବିତ୍ୱର ପ୍ରେରଣା ପାଇଁ ଝଙ୍କଡ଼ ପୀଠର ଶାରଳା ଦେବୀଙ୍କ ଆଶୀର୍ବାଦ ଓ କୃପାରୁ ତାଙ୍କର କବିତ୍ୱ ଶକ୍ତି ଲାଭ ହୋଇଛି ବୋଲି ସେ ତାଙ୍କ ଗ୍ରନ୍ଥ ଗୁଡ଼ିକରେ ଉଲ୍ଲେଖ କରିଛନ୍ତି। ଗ୍ରନ୍ଥର ବହୁ ସ୍ଥଳରେ ସାରଳା ଦାସ ଶାରଳାଙ୍କୁ ବାଗ୍‌ଦେବୀ, ସରସ୍ୱତୀ, ଭୈରବୀ, ମାହେଶ୍ୱରୀ, ବୈଷ୍ଣବୀ, ଚଣ୍ଡୀ ହିଙ୍ଗୁଳା, ଦୁର୍ଗା ଓ ବ୍ରହ୍ମାଣୀ ପ୍ରଭୃତି ବିବିଧ ନାମରେ ସମ୍ବୋଧନ କରିଛନ୍ତି। ବ୍ରହ୍ମା, ବିଷ୍ଣୁ ଓ ଶିବ ଏହି ତ୍ରି ଶକ୍ତିର ପ୍ରକାଶ ଲକ୍ଷ୍ୟ କରି କବି ଏମାନଙ୍କ ମଧ୍ୟରେ ଏକତ୍ୱ ପ୍ରତିପାଦନ କରିବାକୁ ଆଗ୍ରହୀ ଥିଲେ।

ଉତ୍କଳ ବ୍ୟତୀତ ଅନ୍ୟ କେଉଁଠି ବାଗ୍‌ଦେବୀ ସରସ୍ୱତୀ ଦୁର୍ଗାରୂପରେ ପୂଜିତ ହୋଇଥିବା ଦେଖାଯାଏ ନାହିଁ। ସଂସ୍କୃତରେ ସରସ୍ୱତୀଙ୍କର ନାମ ଶାରଦା। ଜୈନ ଗ୍ରନ୍ଥରେ ସରସ୍ୱତୀଙ୍କ ଷୋଳ ନାମ ମଧ୍ୟରୁ ଶାରଦା ଏକ ନାମ ବିଶେଷ। ସାରୋଳା ବା ଶାରଳା ଏହି ସାରଦାର ରୂପାନ୍ତର ମାତ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ଝଙ୍କଡ଼ର ଶାରଳା ହେଉଛନ୍ତି ଅଷ୍ଟଭୁଜା। ମହାସରସ୍ୱତୀଙ୍କ ବିଗ୍ରହ ଅଷ୍ଟଭୁଜା ରୂପେ ପରିକଳ୍ପନା କରିଯାଇଛି। ତେଣୁ ମନେହୁଏ ଯେ କବି ସାରଳା ଦାସ ଶାରଳାଙ୍କଠାରେ ସରସ୍ୱତୀଙ୍କ ବିଗ୍ରହ ଲକ୍ଷ୍ୟକରି ତାଙ୍କ କୃପାରେ ମହାଭାରତ ଭଳି ମହାପୁରାଣ ଲେଖି ମହାକବି ହେବା କଥା ଯାହା ସେ ସ୍ୱୀକାର କରିଛନ୍ତି ତାହା ବାସ୍ତବରେ ସତ୍ୟ। ବୌଦ୍ଧ ତାନ୍ତ୍ରିକ ଦେବୀ ବ୍ରାହ୍ମଣୀ, ମାହେଶ୍ୱରୀ, କୁମାରୀ ବୈଷ୍ଣବୀ, ବାରାହୀ, ଇନ୍ଦ୍ରାଣୀ, ଚାମୁଣ୍ଡା ଓ ମହାଲକ୍ଷ୍ମୀଙ୍କ ସହିତ ଝଙ୍କେଶ୍ୱର ଦେବୀ ପୂଜା ପାଇ ଆସୁଛନ୍ତି। ଏହି ଝଙ୍କେଶ୍ୱରୀ ହିଁ ଝଙ୍କଡ଼ର ଶାରଳା। 'ସୁପ୍ରଭାତ ସ୍ତବ' ନାମକ ଏକ ବୌଦ୍ଧଗ୍ରନ୍ଥରେ ବୌଦ୍ଧ ଦେବଦେବୀଙ୍କ ସ୍ତୁତି ସହିତ ଶାରଦା ମଙ୍ଗଳାଙ୍କର ଏକ ସ୍ତୁତି ପରିଲକ୍ଷିତ ହୁଏ। ସାରଳାଙ୍କୁ ବୌଦ୍ଧଦେବୀ ବୋଲି ବଙ୍ଗଳାର ଲୋକେ ବିଶ୍ୱାସ କରିଥାନ୍ତି। ବୌଦ୍ଧ ବାଗୀଶ୍ୱରୀ ସିଂହବାହିନୀ। ଝଙ୍କଡ଼ର ଶାରଳା ଠାକୁରଙ୍କ ବାହାନ ମଧ୍ୟ ସିଂହ। ଏହି ସବୁ ଦୃଷ୍ଟିରୁ ବୋଧହୁଏ ସାରଳା ଦାସ ମହାମାୟା ଶାରଳାଙ୍କଠାରେ ବୌଦ୍ଧରୂପ ଲକ୍ଷ୍ୟ କରି ଉଲ୍ଲେଖ କରିଛନ୍ତି- 'ସେ ସର୍ବ ମଙ୍ଗଳା ଯେ ହୃଦେ ମୋର ହାର/ ବଉଦ ରୂପ ମୁଁ ତା'ର ପ୍ରସନ୍ନେ ଦେଖଇ/ ସେ ଯାହା କହଇ ମୁଁ ତାହା ଲେଖଇ।'

ସେହିପରି କବି ସାରଳା ଦାସ ଦୁର୍ଗାଙ୍କ ସ୍ତୁତି ଉଲ୍ଲେଖ କରି ଲେଖିଛନ୍ତି- 'ଜୟ ଜୟ ଦୁର୍ଗା ମାଗୋ ଦୁର୍ଗତି ନାଶିନୀ/ ଜୟ ଜୟ ଦୁର୍ଗା ମାଗୋ ସଂକଟ ତାରିଣୀ/ ଜୟ ଜୟ ଦୁର୍ଗା ମାଗୋ ସଦାଶିବ ଜାୟା/ ଶତଦାହ କନକକୁ କିଣି ତୋର କାୟା।' କେବଳ ଓଡ଼ିଶାରେ ନୁହେଁ, ଅନ୍ୟାନ୍ୟ ଦେବୀ ପୀଠର ମାହାତ୍ମ୍ୟ ତାଙ୍କ କୃତିରେ ବର୍ଣ୍ଣିତ। ସାରଳା ମହାଗୁରତରେ ବହୁ ସ୍ଥଳରେ କାମାକ୍ଷା ପୀଠର ଓ ପୀଠସ୍ଥ ଦେବୀଙ୍କର ବର୍ଣ୍ଣନା ଦେଇଛନ୍ତି। ଆସାମର କାମରୂପ ବା କାମାକ୍ଷା ଭାରତର ପୂର୍ବାଞ୍ଚଳର ଏକ ପ୍ରଧାନ ଶାକ୍ତ ପୀଠ ରୂପେ ପରିଗଣିତ। ଏହି କାମରୂପର ତଡୋୟାନ ପୀଠ ସହ ଓଡ୍ରଦେଶର ସମ୍ପର୍କ ଖ୍ରୀଷ୍ଟୀୟ ୭ମ / ୮ମ ଶତାବ୍ଦୀଠାରୁ ରହି ଆସିଥିବା ଇତିହାସରୁ ଜଣାଯାଏ। ତେଣୁ କବି ସ୍ୱୟଂ ଯେ କାମାକ୍ଷାତର, କାଳିକାପୁରାଣ ଓ ଦେବୀ ଭାଗବତ ସହ ପରିଚିତ ଥିଲେ ତା'ଙ୍କ ରଚିତ ମହାଭାରତରୁ ସ୍ପଷ୍ଟ ହୁଏ। ତେଣୁ ସାରଳା ପୀଠ ସହ ଉକ୍ତ କାମାକ୍ଷାପୀଠର ଯେ ସମ୍ପର୍କ ଥିବା ମନେହୁଏ। କାମାକ୍ଷା ଦେବୀଙ୍କ ସ୍ତୁତି ସହ କାମାକ୍ଷା ବ୍ରତର ଅବତାରଣା ମଧ୍ୟ ଏ ଗ୍ରନ୍ଥରେ ସନ୍ନିବେଶିତ ହୋଇରହିଛି। ମଧ୍ୟ ପର୍ବରେ ଦେବକୀ ନାରଦ ମୁନିଙ୍କ ପ୍ରେରଣାରେ କାମାକ୍ଷାବ୍ରତ ପାଳନ କରିଥିବା ପ୍ରସଙ୍ଗ ବର୍ଣ୍ଣନା ରହିଛି। ସଭା ପର୍ବରେ କାମାକ୍ଷା ଦେବୀଙ୍କୁ କଳାନ୍ତକ, ଯୋଗାନ୍ତକ, ସ୍ତମ୍ଭନ, ମୋହନ, ଉଚ୍ଚାଟନ, ବଶୀକରଣ, ଧରଣ ଓ ଧାରଣ ପ୍ରଭୃତ ତନ୍ତ୍ର' ବିଦ୍ୟାର ଅଧିକାରିଣୀ ରୂପେ ଉଲ୍ଲେଖ ରହିଛି। ରାଜସୂୟ ଯଜ୍ଞ ସମ୍ପର୍କରେ ଭୀମ କାଉଁରୀ ଦେଶକୁ ଯାଇ କାମାକ୍ଷୀ ଦେବୀଙ୍କ ନିର୍ଦ୍ଦେଶରେ କାମପାଳ ରାଜାଙ୍କ ସହିତ ଯୁଦ୍ଧ କରିଥିଲେ। ଭୀମଙ୍କୁ କମରୂପୀ ଭୈରବ କାମ୍ୟକ ମନ୍ତ୍ର ମଧ୍ୟ ପ୍ରଦାନ କରିଛନ୍ତି। କାମାକ୍ଷା ଦେବୀଙ୍କଠାରୁ ଭୀମ ଉଲୂକ ଓ ସ୍ତମ୍ଭନ ବିଦ୍ୟା ଶିକ୍ଷା କରିବା ପ୍ରସଙ୍ଗ ସାରଳା ମହାଭାରତରେ ରହିଛି।

ସାରଳାଦାସ ସପ୍ତମାତୃକାର ବର୍ଣ୍ଣନା କରିଛନ୍ତି। ସେ ମାତୃକାଙ୍କୁ ନେଇ ବନପର୍ବରେ ଦୁଇଟି ଉପାଖ୍ୟାନ ସୃଷ୍ଟି କରିଛନ୍ତି। ଗୋଟିଏ ସ୍ଥାନରେ କବି ଅଷ୍ଟମ କୁମାରୀଙ୍କର କଳ୍ପନା ପ୍ରସଙ୍ଗ ଉତ୍‌ଥାପନ କରିବାକୁ ଭୁଲି ନାହାନ୍ତି। ସାରଳା ମହାଭାରତରେ ଯାଜପୁରରେ ବିରଜା ସପ୍ତମାତୃକା, ଝଙ୍କଡ଼ରେ ସାରଳାଙ୍କ ସହିତ କାକଟପୁରର ମଙ୍ଗଳା, କୋର୍ଣାକର ରାମଚଣ୍ଡୀ, ସ୍ତମ୍ଭଗଡ଼ର ୬୪ ଯୋଗିନୀ ଆଦିଙ୍କ ନାମ ଉଲ୍ଲେଖ ଅଛି। ମନେହୁଏ କବି ଏସବୁ ଶାକ୍ତପୀଠ ସହିତ ସମ୍ପର୍କ ରଖିଥିଲେ। ପୁଣି ମାର୍କଣ୍ଡେୟ ପୁରାଣ ଓ ଶ୍ରୀଭାଗବତ୍ ଆଦି ଶାକ୍ତ ପୁରାଣରେ ଶାକ୍ତ ଧର୍ମ ସଂପର୍କରେ ଉଲ୍ଲେଖ କରିଛନ୍ତି। ଏସବୁ ଉପରେ ବିସ୍ତୃତ ଆଲୋଚନା କରାଯାଇପାରେ। ତେଣୁ ଶାକ୍ତ ଶକ୍ତି ଉପାସନାରେ ମା' ଦୁର୍ଗାଙ୍କ ସ୍ତୁତି ବହୁ ପ୍ରାଚୀନ କାଳରୁ ରହିଛି ଅସ୍ୱୀକାର କରାଯାଇପାରେନାହିଁ...!


**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪ ୭୫**

# ବିଜୟଙ୍କ ଘରକୁ ବୋମାରେ ଉଡ଼ାଇ ଦେବାକୁ ଧମକ



ଆଲର୍ଟ ମୋଡରେ ସୁରକ୍ଷା ଏଜେନ୍ସି

**ଚେନ୍ନାଇ, ୨୯।୯ :** ଶନିବାର କରୁରରେ ହୋଇଥିବା ଅଘଟଣରେ ସମସ୍ତେ ସ୍ତବ୍ଧ। ଦଳାଚକଟା ଜନିତ ୪୦ ଜଣଙ୍କ ମୃତ୍ୟୁ ପରେ ସାଉଥ ସୁପରଷ୍ଟାର ତଥା ଟିଭିକେର ସଭାପତି ବିଜୟଙ୍କ ବାସଭବନରେ ବୋମା ଧମକ ମିଳିଛି। ଜଣେ ଅଜଣା ବ୍ୟକ୍ତି ପୋଲିସକୁ ଫୋନ୍ କରି ବିଜୟଙ୍କ ଘରକୁ ଉଡ଼ାଇ ଦେବାକୁ ଧମକ ଦେଇଥିଲେ, ଯାହା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଖବର ମୁତାବକ, ସକାଳ ପ୍ରାୟ ୫ଟା ୨୦ ସମୟରେ ଚେନ୍ନାଇ ପୋଲିସ କଣ୍ଟ୍ରୋଲ ରୁମକୁ ଏକ କଲ୍ ଆସିଥିଲା, ଯେଉଁଥିରେ ଜଣେ ଅଜଣା ବ୍ୟକ୍ତି ବିଜୟଙ୍କ ବାସଭବନରେ ବିସ୍ଫୋରକ ରଖାଯାଇଛି ବୋଲି ଦାବି କରିଥିଲେ। ପୋଲିସ ଏହି ଖବର ପାଇବା ମାତ୍ରେ ବୋମା ଚିହ୍ନଟ ଏବଂ ନିଷ୍କ୍ରିୟକାରୀ ଦଳରୁ ତିନୋଟି ଦଳ, ଏକ ସ୍ନିଫର କୁକୁର ୟୁନିଟ୍ ସହିତ ତୁରନ୍ତ ଘଟଣାସ୍ଥଳକୁ ଯାଇଥିଲେ। ଯାହା ପରେ ସମଗ୍ର ଘର ଏବଂ ଆଖପାଖ ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବରେ ଯାଞ୍ଚ କରାଯାଇଥିଲା। ପ୍ରାୟ ଏକ ଘଣ୍ଟାର ତଦନ୍ତ ପରେ ପୋଲିସକୁ କୌଣସି ବିସ୍ଫୋରକ ବାସଭବନରୁ ମିଳିନଥିଲା। ବୋମା ଧମକ ମିଥ୍ୟା ହୋଇଥାଇପାରେ, କିନ୍ତୁ ପୋଲିସ ଏବଂ ସୁରକ୍ଷା ବାହିନୀ ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, କଲରଙ୍କୁ ଚିହ୍ନଟ କରାଯାଉଛି ଏବଂ ଏକ କଲ୍ ଟ୍ରେସିଂ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଧରାପଡିବା ପରେ ଅପରାଧୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୭ ତାରିଖରେ କରୁରରେ ବିଜୟଙ୍କ ନେତୃତ୍ୱରେ ଟିଭିକେ ରାଲି ସମୟରେ ଦଳାଚକଟାରେ ଏ ପର୍ଯ୍ୟନ୍ତ ମୃତ୍ୟୁ ସଂଖ୍ୟା ୪୦ରେ ପହଞ୍ଚିଛି ଏବଂ ୬୦ରୁ ଅଧିକ ଲୋକ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପଟେ ଅଭିନେତା ବିଜୟ ମୃତକଙ୍କ ପରିବାର ପାଇଁ ପ୍ରତ୍ୟେକଙ୍କୁ ୨୦ ଲକ୍ଷ ଏବଂ ଆହତଙ୍କ ପରିବାର ପାଇଁ ୨ ଲକ୍ଷ କ୍ଷତିପୂରଣ ଘୋଷଣା କରିଛନ୍ତି।

### ଏସିଆ କପ୍ ପରାଜୟ ସହିପାରୁନି ପାକିସ୍ତାନ

# ମୋଦିଙ୍କ ବିରୋଧରେ ବିଷ ଓଗାଳିଲେ ନକ୍‌ଭି

**ଦୁବାଇ,୨୯।୯:** ଦୁବାଇରେ ଖେଳାଯାଇଥିବା ଏସିଆ କପର ଫାଇନାଲ ମ୍ୟାଚରେ ଟିମ ଇଣ୍ଡିଆ ପାକିସ୍ତାନକୁ ୫ ଉଇକେଟରେ ପରାସ୍ତ କରିଛି। କିନ୍ତୁ, ମ୍ୟାଚ ପରେ ପୁରସ୍କାର ପ୍ରଦାନ ଉତ୍ସବରେ ବିବାଦ ଦେଖାଦେଇଥିଲା। ଭାରତୀୟ ଦଳ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧ୍ୟକ୍ଷ ଏବଂ ମନ୍ତ୍ରୀ ମୋହସିନ ନକଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ସିଧାସଳଖ ମନା କରିଦେଇଥିଲା। ଭାରତୀୟ ଦଳ ମୋହସିନଙ୍କ ରାଜନୈତିକ ସ୍ଥିତି ଏବଂ ଭାରତ ବିରୋଧୀ ମନୋଭାବକୁ କାରଣ ଭାବରେ ଦର୍ଶାଇଥିଲା। ନକଭି ପାକିସ୍ତାନର ଗୃହମନ୍ତ୍ରୀ ମଧ୍ୟ ଅଛନ୍ତି। ପରିସ୍ଥିତିକୁ ବିଚାର କରି ଏସିଆନ କ୍ରିକେଟ ପରିଷଦ (ଏସିସି) ଅଧିକାରୀମାନେ ଏମିରେଟ୍ସ କ୍ରିକେଟ ବୋର୍ଡର ଉପାଧ୍ୟକ୍ଷ ଖାଲିଦ ଅଲ ଜାରୁନିଙ୍କୁ ଟ୍ରଫି ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ନକଭି ଏହା କରିବାକୁ ସିଧା ମନା କରିଦେଇଥିଲେ। ଯାହା ଫଳରେ ୯୦ ମିନିଟ ପାଇଁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା ଏବଂ ଶେଷରେ ସମାରୋହରୁ ଟ୍ରଫିକୁ ହଟାଇ ଦିଆଯାଇଥିଲା। ଖେଳାଳିମାନଙ୍କୁ ବ୍ୟକ୍ତିଗତ ପଦକ ପ୍ରଦାନ କରାଯାଇଥିଲା, କିନ୍ତୁ ଦଳକୁ ବିଜୟୀ ଟ୍ରଫି ଦିଆଯାଇ ନ ଥିଲା।

ଟିମ ଇଣ୍ଡିଆର ବିଜୟ ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ସେ ଲେଖିଥିଲେ, କ୍ରୀଡା କ୍ଷେତ୍ରରେ ମଧ୍ୟ 'ଅପରେଶନ ସିନ୍ଦୂର' କରାଯାଉଛି, ଏବଂ ଫଳାଫଳ ସମାନ: ଭାରତର ବିଜୟ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ଗୋଟିଏ ପୋଷ୍ଟ



ସମଗ୍ର ପାକିସ୍ତାନରେ ହଇଚଇ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ପୋଷ୍ଟ ସମ୍ପର୍କରେ ନକଭି କହିଛନ୍ତି, ଯଦି ଯୁଦ୍ଧ ତୁମର ଗର୍ବର ମାପକାଠି, ତେବେ ଇତିହାସ ପାକିସ୍ତାନ ହାତରେ ତୁମର ଅପମାନଜନକ ପରାଜୟକୁ ପୂର୍ବରୁ ରେକର୍ଡ କରିସାରିଛି। କୌଣସି କ୍ରିକେଟ ମ୍ୟାଚ ସେହି ସତ୍ୟକୁ ବଦଳାଇ ପାରିବ ନାହିଁ। ଯୁଦ୍ଧକୁ କ୍ରୀଡାରେ ଟାଣିବା କେବଳ ହତାଶାକୁ ପ୍ରକାଶ କରେ ଏବଂ ଖେଳର ଆତ୍ମାକୁ ଅପମାନିତ କରେ।

## କ୍ରିକେଟ ରାଜନୀତି: ଆପ୍-ବିଜେପି ମୁହାଁମୁହିଁ

**ନୂଆଦିଲ୍ଲୀ,୨୯।୯:** ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ନବମ ଥର ଏସିଆ କପ୍ ଟାଇଟଲ୍ ଜିତିଛି ଭାରତୀୟ ଦଳ। ହେଲେ ପୁରସ୍କାର ସମାରୋହ ସମୟରେ ଦେଖିବାକୁ ମିଳିଥିଲା ହାଇଡ୍ରାମା। ଭାରତୀୟ ଦଳ ପିସିବି ମୁଖ୍ୟ ମହସିନ ନକଭିଙ୍କଠୁ ଏସିଆ କପ୍ ଟ୍ରଫି ଗ୍ରହଣ କରିବାକୁ ମନା କରି ଦେଇଥିଲା। ବିନା ଟ୍ରଫିରେ ଭାରତୀୟ ଦଳ ସେଲିବ୍ରେସନ କରିଥିଲା। ଏବେ ଏହାକୁ ନେଇ ଭାରତରେ ରାଜନୀତି ଜୋର ଧରିଛି। ବିଜେପି ଓ ଆପ୍ ମୁହାଁମୁହିଁ ହୋଇଛନ୍ତି। ବିଜେପି ଟିମ୍ ଇଣ୍ଡିଆର ଏହି ଆଭିମୁଖ୍ୟକୁ ପ୍ରଶଂସା କରିଥିବା ବେଳେ ଆମ୍ ଆଦମୀ ପାର୍ଟି ଏହାର ନିନ୍ଦା କରିଛି। କେନ୍ଦ୍ର ସରକାର ଖେଳାଳିଙ୍କୁ ଦେଶରେ ଅପପ୍ରଚାର ପ୍ରଚାର କରିବାର ନୂଆ ସ୍କ୍ରିପ୍ଟ ଧରାଇଥିବା ଅଭିଯୋଗ କରିଛି ଆମ୍ ଆଦମୀ ପାର୍ଟି।

ରବିବାର ରାତିରେ ଟିମ୍ ଇଣ୍ଡିଆ ପାକିସ୍ତାନକୁ ହରାଇ ଏସିଆ କପ୍ ଟ୍ରଫି ଜିତିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠୁ ନେଇ ଅନେକ ମନ୍ତ୍ରୀ, ନେତା ଏବଂ ବିଶିଷ୍ଟ ବ୍ୟକ୍ତି ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଏହି ବିଜୟକୁ କ୍ରୀଡା ମଇଦାନରେ 'ଅପରେସନ ସିନ୍ଦୂର'ର ଆଖ୍ୟା ଦେଇଥିଲେ।

ଶେଷରେ ନଖଭି ଟ୍ରଫି ଧରି ଚାଲି ଯାଇଥିଲେ। ବିଜେତା ପଦକ ଏବଂ ଟ୍ରଫି ନ ଦିଆଯିବାରୁ ଭାରତୀୟ ଖେଳାଳି ଖାଲି ହାତରେ ସେଲିବ୍ରେସନ କରିଥିଲା। ଏହା ଉପରେ ପ୍ରତିକ୍ରିୟା ଦେଇ ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଲଭିୟ ଖେଳାଳିଙ୍କ ନିଷ୍ପତ୍ତିକୁ ପ୍ରଶଂସା କରି କହିଛନ୍ତି, ଏହା ନୂତନ ଭାରତ।

ଜବାବରେ ଆପ୍ ବିଧାୟକ ସୌରଭ ଭରଦ୍ୱାଜ ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରି କହିଛନ୍ତି, ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ନକଭିଙ୍କ ସହ ହାତ ମିଳାଉଥିବା ଦେଖିବାକୁ ମିଳିଛି। ମାତ୍ର ୧୫ ଦିନ ପୂର୍ବରୁ ସିରିଜ ଆରମ୍ଭରେ ସୂର୍ଯ୍ୟକୁମାର ନକଭିଙ୍କ ସହ ହାତ ମିଳାଇଥିଲେ। ହେଲେ ଭାରତରେ ଯେବେ ମ୍ୟାଚ୍‌କୁ ନେଇ ବିରୋଧ ଆରମ୍ଭ ହେଲା, ଖେଳାଳିଙ୍କୁ ଦେଶରେ ଅପପ୍ରଚାର କରିବା ପାଇଁ ଏକ ନୂଆ ସ୍କ୍ରିପ୍ଟ ଧରାଇ ଦେଲେ କେନ୍ଦ୍ର ସରକାର। ଭରଦ୍ୱାଜଙ୍କ ଏହି ଟିପ୍ପଣୀ ପରେ ମାଲଭିୟ ଏହାର ଜବାବ ଦେଇଛନ୍ତି। ବିଜେପି ନେତା ଭରଦ୍ୱାଜଙ୍କ ଏକ ପୁରୁଣା ଭିଡିଓ ପୋଷ୍ଟ କରିଛନ୍ତି, ଯେଉଁଥିରେ ଭରଦ୍ୱାଜ ଭାରତୀୟ ଅଧିନାୟକଙ୍କୁ ଚ୍ୟାଲେଞ୍ଜ ଦେଇଥିଲେ ଯେ, ସେ ମ୍ୟାଚରେ ହେଉଥିବା ନିଜର ସମସ୍ତ ଆୟ ଏପ୍ରିଲ ୨୨ ପହଲଗାମ ଆତଙ୍କୀ ହମଲାରେ ପ୍ରାଣ ହରାଇଥିବା ଲୋକଙ୍କ ପରିଜନଙ୍କୁ ଦେଇ ଦିଅନ୍ତୁ। ଆଉ ମ୍ୟାଚ୍ ପରେ ସୂର୍ଯ୍ୟକୁମାର ଯାଦବ ରବିବାର ରାତିରେ ନିଜର ପୂରା ମ୍ୟାଚ୍ ଫି ସହିଦଙ୍କ ପରିବାର ଓ ସଶସ୍ତ୍ର ବଳକୁ ଦାନ କରିବାକୁ ଘୋଷଣା କରିଛନ୍ତି।

### ଚର୍ଚ୍ଚାରେ ସାଧ୍ୱୀ ପ୍ରଜ୍ଞାଙ୍କ ମନ୍ତବ୍ୟ

# 'ମନ୍ଦିର ନିକଟରେ ଅଣହିନ୍ଦୁ ପ୍ରସାଦ ବିକିଲେ ବାଡ଼ାଅ'

**ଭୋପାଳ,୨୯।୯ :** ପୂର୍ବତନ ବିଜେପି ସାଂସଦ ପ୍ରଜ୍ଞା ଠାକୁରଙ୍କର ଏକ ବିବୃତ୍ତି ଏବେ ଚର୍ଚ୍ଚାରେ। ସେ ବିଶ୍ୱ ହିନ୍ଦୁ ପରିଷଦର ଏକ କାର୍ଯ୍ୟକ୍ରମରେ ମନ୍ଦିର ନିକଟରେ ପ୍ରସାଦ ବିକାଳିଙ୍କ ଉପରେ ନଜର ରଖିବାକୁ କହିଛନ୍ତି। ଯଦି କେହି ଅଣହିନ୍ଦୁ ପ୍ରସାଦ ବିକ୍ରି କରିବା ଦେଖାଯା'ନ୍ତି, ତ ତାଙ୍କୁ ଯଥା ସମ୍ଭବ ମାଡ଼ ମାରି ସରକାରଙ୍କୁ ହସ୍ତାନ୍ତର କରିବାକୁ କହିଛନ୍ତି।

ଭୋପାଳର ପୂର୍ବତନ ବିଜେପି ସାଂସଦ ସାଧ୍ୱୀ ପ୍ରଜ୍ଞା ସିଂହ ଠାକୁର ରବିବାର ନିଜର ଏକ ବୟାନ ଦେଇ ବିବାଦ ଠିଆ କରି ଦେଇଛନ୍ତି। ସେ ଭୋପାଳରେ ବିଶ୍ୱ ହିନ୍ଦୁ ପରିଷଦର ଏକ କାର୍ଯ୍ୟକ୍ରମରେ ହିନ୍ଦୁ ଶ୍ରଦ୍ଧାଳୁଙ୍କୁ ଅନୁରୋଧ କରିଛନ୍ତି ଯେ , ସେ ଗ୍ରୁପ୍ କରି



ଯାଞ୍ଚ କରନ୍ତୁ କି ମନ୍ଦିର ଆଖପାଖରେ କିଏ ପ୍ରସାଦ ବିକ୍ରୟ କରୁଛନ୍ତି। ଯଦି ପ୍ରସାଦ ବିକ୍ରି କରୁଥିବା ବ୍ୟକ୍ତି ହିନ୍ଦୁ ନୁହନ୍ତି ତ' ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

ପ୍ରଜ୍ଞା ଠାକୁର କହିଥିଲେ ଯେ, ଯଦି ଆପଣଙ୍କୁ କେହି ଅଣ-ହିନ୍ଦୁ ପ୍ରସାଦ ବିକ୍ରି କରିବାର ଦେଖାଯାଏ ତ ତାଙ୍କୁ ଯେତେ ସମ୍ଭବ ମାଡ଼ ମାରିବା କଥା ମାର ଏବଂ ପୁଣି ସରକାରଙ୍କ ଦାୟିତ୍ୱରେ ଦେଇ ଦିଅ। ସେ ଆହୁରି କହିଥିଲେ ଯେ, ଶ୍ରଦ୍ଧାଳୁଙ୍କୁ ଅଣହିନ୍ଦୁ ବିକ୍ରେତାଙ୍କ ଠାରୁ ପ୍ରସାଦ କିଣିବା ପାଇଁ ମନା କରିଦେବା ଉଚିତ୍ ଏବଂ ତାଙ୍କୁ ଏହାକୁ ବିକ୍ରି କରିବା କିମ୍ବା ମନ୍ଦିରରେ ପ୍ରବେଶ କରିବାକୁ ଅନୁମତି ଦେବା ଉଚିତ ନୁହେଁ।

ସେ ଘରକୁ ସଶସ୍ତ୍ର କରିବା କଥା ଦୋହରାଇ କହିଛନ୍ତି ଯେ, ମୁଁ କହିଥିଲି ଯେ, ଆପଣଙ୍କୁ ନିଜ ଘରେ ଅସ୍ତ୍ରଶସ୍ତ୍ର ରଖିବା ଉଚିତ୍। ମୁଁ ଅନୁରୋଧ କରୁଛି କି ଧାରୁଆ ଅସ୍ତ୍ର ରଖାଯାଉ, ଯାହାକି ପରିବାର ନିଜର ସୁରକ୍ଷା କରିପାରିବ। ସେ ଆହୁରି କହିଛନ୍ତି ଯେବେ ଆମ ଝିଅ ଓ ଭଉଣୀଙ୍କୁ ଘରୁ ଅପହରଣ କରି ନିଆଯାଏ, ତାଙ୍କର ଶରୀରକୁ ଖଣ୍ଡ ଖଣ୍ଡ କରି ପକାଇ ଦିଆଯାଏ, ଆମକୁ ବହୁତ କଷ୍ଟ ହୋଇଥାଏ। ଏହି କଷ୍ଟକୁ ଦୂରକରିବା ପାଇଁ ଯେବେ ଶତ୍ରୁ ଆପଣଙ୍କ ଘରର ଦ୍ୱାରଦେଶ ଅତିକ୍ରମ କରିବାକୁ ଚେଷ୍ଟା କରେ ସେବେ ଆପଣ ତାଙ୍କୁ ମଞ୍ଚିରେ କାଟି ଦେବା ଉଚିତ୍। ଦୁର୍ଗା ବାହିନୀର କାମ ପ୍ରତିଘରେ ଜଣେ ଜଣେ ଦୁର୍ଗା ସୃଷ୍ଟି କରିବାର ଅଛି। ପ୍ରତି ଘରେ ଅସ୍ତ୍ରଶସ୍ତ୍ର ରଖି ଆହ୍ୱାନ କରିବାର ଅଛି। ପ୍ରତି ଘରେ ନିୟମ ଓ ଆଇନର ପାଳନ କରିବାର ଅଛି, କାରଣ ଏହି ଦେଶ ଆମର। ପ୍ରଜ୍ଞା ଠାକୁର ନିଜର ଭାଷଣରେ ରାଷ୍ଟ୍ରବାଦ ବିଷୟ କଥା ଉଲ୍ଲେଖ କରିଛନ୍ତି। ଏହାସହ ସେହି ଲୋକଙ୍କ ସମାଲୋଚନା କରିଛନ୍ତି, ଯେଉଁମାନେ ରାଷ୍ଟ୍ରର ସାଂସ୍କୃତିକ ପରମ୍ପରା ଗୁଡ଼ିକୁ ବିଫଳ ବୋଲି କହିଛନ୍ତି।

## ବିଷ୍ଣୋଇ ଗ୍ୟାଙ୍ଗକୁ ଆତଙ୍କବାଦୀ ସଂଗଠନ ଘୋଷଣା କଲା କାନାଡା

**ନୂଆଦିଲ୍ଲୀ,୨୯।୯:** କାନାଡା ସରକାର ସୋମବାର ବିଷ୍ଣୋଇ ଗ୍ୟାଙ୍ଗକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିଛନ୍ତି। ଏକ ସରକାରୀ ବିବୃତ୍ତି ଅନୁସାରେ, "କାନାଡାରେ ହିଂସା ଏବଂ ଆତଙ୍କବାଦର କୌଣସି ସ୍ଥାନ ନାହିଁ। ବିଶେଷକରି ଯେଉଁଥିରେ ଏକ ସମ୍ପ୍ରଦାୟକୁ ଟାର୍ଗେଟ କରି ଭୟ ଏବଂ ଆତଙ୍କର ପରିବେଶ ସୃଷ୍ଟି କରେ।" କାନାଡାର ପବ୍ଲିକ୍ ସେଫ୍ଟି ମନ୍ତ୍ରୀ ଗ୍ୟାରି ଆନନ୍ଦସଙ୍ଗରୀ ଘୋଷଣା କରିଛନ୍ତି ଯେ, କାନାଡା ସରକାର ଅପରାଧ ସଂହିତା ଅନୁଯାୟୀ ବିଷ୍ଣୋଇ ଗ୍ୟାଙ୍ଗକୁ ଏକ ଆତଙ୍କବାଦୀ ସଂଗଠନ ଭାବରେ ତାଲିକାଭୁକ୍ତ କରିଛନ୍ତି। ମନ୍ତ୍ରୀ ଗ୍ୟାରି ଆନନ୍ଦସାଙ୍ଗରୀ



କହିଛନ୍ତି, "କାନାଡାର ପ୍ରତ୍ୟେକ ବ୍ୟକ୍ତିର ନିଜ ଘରେ ଏବଂ ସମ୍ପ୍ରଦାୟରେ ସୁରକ୍ଷିତ ଅନୁଭବ କରିବାର ଅଧିକାର ଅଛି। ବିଷ୍ଣୋଇ ଗ୍ୟାଙ୍ଗ ଭୟ ଏବଂ ହିଂସା ମାଧ୍ୟମରେ କିଛି ସମ୍ପ୍ରଦାୟକୁ ଟାର୍ଗେଟ କରିଛି। ଏହି ଗ୍ୟାଙ୍ଗକୁ ଆତଙ୍କବାଦୀ ତାଲିକାରେ ରଖିବା ଦ୍ୱାରା ଆମେ ସେମାନଙ୍କ ଅପରାଧକୁ ରୋକିବା ଏବଂ ସମାଜରେ ସୁରକ୍ଷା ସୁନିଶ୍ଚିତ କରି ପାରିବା।" କାନାଡା ସରକାରଙ୍କ ଅନୁଯାୟୀ, ବର୍ତ୍ତମାନ କାନାଡାରେ ମୋଟ ୮୮ଟି ଆତଙ୍କବାଦୀ ସଂଗଠନ ତାଲିକାଭୁକ୍ତ ଅଛି। କ୍ରିମିନାଲ୍ କୋଡ୍ ଅଧୀନରେ କୌଣସି ଆତଙ୍କବାଦୀ ସଂଗଠନର ସମ୍ପତ୍ତି କିମ୍ବା ଆର୍ଥିକ ସେବା ସହିତ କାରବାର କରିବା ଏକ ଅପରାଧ। କାନାଡାର ରୟାଲ କାନାଡିଆନ ମାଉଣ୍ଟେଡ୍ ପୋଲିସ ଆତଙ୍କବାଦୀ କାର୍ଯ୍ୟକଳାପକୁ ରୋକିବା, ଚିହ୍ନଟ କରିବା ଏବଂ ତଦନ୍ତ କରିବ। ଏହି ଘୋଷଣା ପରେ କାନାଡାରେ ବିଷ୍ଣୋଇ ଗ୍ୟାଙ୍ଗର ସମ୍ପତ୍ତି ଜବତ କିମ୍ବା ଫ୍ରିଜ୍ କରାଯାଇପାରିବ। ଏହି ଗ୍ୟାଙ୍ଗ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂସ୍ଥାଗୁଡ଼ିକୁ ଅଧିକ କ୍ଷମତା ମିଳିବ। ଏହା ଦ୍ୱାରା ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଯାଇପାରିବ। କାନାଡା ସରକାରଙ୍କ ଅନୁଯାୟୀ, କାନାଡାରେ ବିଷ୍ଣୋଇ ଗ୍ୟାଙ୍ଗଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ପ୍ରବାସୀ ସମ୍ପ୍ରଦାୟ ଥିବା ଅଞ୍ଚଳରେ ସକ୍ରିୟ ଅଛି। ବିଷ୍ଣୋଇ ଗ୍ୟାଙ୍ଗ ହତ୍ୟା, ଗୁଳିମାଡ଼ ଏବଂ ପୋଡ଼ାଜଳାରେ ସାମିଲ ଅଛି।

## ଭାରତରୁ ଭୁଟାନକୁ ଚାଲିବ ଟ୍ରେନ



**ନୂଆଦିଲ୍ଲୀ,୨୯।୯ :** ଭାରତ ଏବଂ ଭୁଟାନ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ସୋମବାର ସରକାର ୪,୦୩୩ କୋଟି 'ଟଙ୍କା ମୂଲ୍ୟର ଦୁଇଟି ପ୍ରମୁଖ ରେଳ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ କେବଳ ଦୁଇ ଦେଶ ମଧ୍ୟରେ ସଂଯୋଗକୁ ବୃଦ୍ଧି କରିବ ନାହିଁ ବରଂ ବାଣିଜ୍ୟ, ପର୍ଯ୍ୟଟନ ଏବଂ ଲୋକ-ଲୋକଙ୍କ ମଧ୍ୟରେ ଗତିକୁ ମଧ ସୁଗମ କରିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆପଣ ଏବେ ଟ୍ରେନ୍ ଯୋଗେ ସିଧାସଳଖ ଭୁଟାନ ଯାତ୍ରା କରିପାରିବେ। ପୂର୍ବରୁ ପଶ୍ଚିମବଙ୍ଗର ହାସିମାରାକୁ ଯାଉଥିବା ଏହି ଟ୍ରେନ୍ ଏବେ ସିଧାସଳଖ ଭୁଟାନର ଗେଲେଫୁକୁ ଚାଲିବ। ପ୍ରଥମ ପ୍ରକଳ୍ପ ହେଉଛି ଆସାମର କୋକରାଝାରରୁ ଭୁଟାନର ଗେଲେଫୁ ପର୍ଯ୍ୟନ୍ତ ଏକ ରେଳ ଲାଇନ ନିର୍ମାଣ କରିବା। ଏହି ୬୯ କିଲୋମିଟର ଲାଇନ ପାଇଁ ୩,୪୫୬ କୋଟି ଟଙ୍କା ଖର୍ଚ୍ଚ ହେବ। ଦ୍ୱିତୀୟ ପ୍ରକଳ୍ପ ପଶ୍ଚିମବଙ୍ଗର ବନରହାଟକୁ ଭୁଟାନର ସାମସ୍ତେ ସହିତ ସଂଯୋଗ କରିବ। ଏହା ୨୦ କିଲୋମିଟର ଲମ୍ବା ଏବଂ ଏଥିରେ ୫୭୭ କୋଟି ଟଙ୍କା ଖର୍ଚ୍ଚ ହେବ। ଭାରତ ଏବଂ ଭୁଟାନ ମଧ୍ୟରେ ନୂତନ ରେଳ ଲାଇନ ପ୍ରକଳ୍ପ ବିଷୟରେ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ କହିଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ଭାବରେ ଦ୍ୱିପାକ୍ଷିକ ଚୁକ୍ତି ଆଧାରରେ କରାଯାଉଛି। ଏଥିରେ କୌଣସି ତୃତୀୟ ଦେଶର ହସ୍ତକ୍ଷେପ ନାହିଁ।

## ବରେଲିରେ ହିଂସା ପରେ ଇଣ୍ଟରନେଟ ଠପ୍



**ବରେଲି, ୨୯।୯:** ହିଂସା ଯୋଗୁଁ ବ୍ୟବସାୟ ଠପ୍, ବ୍ୟାଙ୍କିଙ୍ଗ୍ ସେବା ମଧ୍ୟ ବାଧାପ୍ରାପ୍ତ। ବରେଲିରେ ହିଂସା ପରେ ଇଣ୍ଟରନେଟ୍ ବନ୍ଦ ହେତୁ ସାଧାରଣ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଇଣ୍ଟରନେଟ୍ ସେବା ବନ୍ଦ ହେବା କାରଣରୁ ବ୍ୟବସାୟିକ କାର୍ଯ୍ୟକଳାପ ଗଭୀର ଭାବରେ ପ୍ରଭାବିତ ହୋଇଛି। ଯାହାଫଳରେ ଦୋକାନି ଏବଂ ଛୋଟ ବ୍ୟବସାୟୀମାନେ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଅନଲାଇନ୍ କାରବାର ଏବଂ ଡିଜିଟାଲ୍ ପେମେଣ୍ଟ ବାଧାପ୍ରାପ୍ତ ହୋଇଛି, ଯାହାଫଳରେ ଅନେକ ଲୋକଙ୍କ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ମଧ୍ୟ ସମାନ ପରିସ୍ଥିତି ଦେଖାଦେଇଛି। ଇଣ୍ଟରନେଟ୍ ଅଭାବରୁ ଅନେକ ବ୍ୟାଙ୍କ ଶାଖାରେ କାର୍ଯ୍ୟ ସ୍ଥଗିତ ରହିଛି। ଯାହାଫଳରେ ଗ୍ରାହକମାନେ ଟଙ୍କା ଉଠାଇବା, ଜମା କରିବା କିମ୍ବା ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ୍ ସେବା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଟିଏମ୍ ସେବା ମଧ୍ୟ ପ୍ରଭାବିତ ହୋଇଛି, ଯେଉଁଥିପାଇଁ ଲୋକଙ୍କୁ ନଗଦ ଟଙ୍କା ପାଇବା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଶିକ୍ଷା କ୍ଷେତ୍ରରେ ମଧ୍ୟ ଇଣ୍ଟରନେଟ୍ ବନ୍ଦ ହେବାର ପ୍ରଭାବ ଦେଖାଦେଇଛି। ଅନେକ ଶିକ୍ଷାନୁଷ୍ଠାନ ଅନଲାଇନ୍ କ୍ଲାସ୍ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି ଏବଂ ଛାତ୍ରଛାତ୍ରୀମାନେ ପାଠପଢ଼ାରେ ବାଧା ଅନୁଭବ କରୁଛନ୍ତି। ଖବରକାଗଜ ଏବଂ ଗଣମାଧ୍ୟମ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ ସୂଚନା ପ୍ରସାରଣରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ଇଣ୍ଟରନେଟ୍ ବନ୍ଦ ହେତୁ କାର୍ଯ୍ୟ ମନ୍ଥର ହୋଇଯାଇଛି। ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ ସେବା ଅନଲାଇନ୍ ମାଧ୍ୟମରେ ପ୍ରଦାନ କରାଯାଉଥିବାରୁ ଏହା ସାଧାରଣ ଲୋକଙ୍କୁ ପ୍ରଭାବିତ କରିଛି। ସାମାଜିକ ଜୀବନ ମଧ୍ୟ ପ୍ରଭାବିତ ହୋଇଛି। ଲୋକମାନେ ପରସ୍ପର ସହିତ ଯୋଗାଯୋଗ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଯାହା ବିଶେଷ କରି ଜରୁରୀକାଳୀନ ପରିସ୍ଥିତିରେ ଚିନ୍ତାଜନକ ହୋଇପଡ଼ିଛି। ସ୍ଥାନୀୟ ପ୍ରଶାସନ ଇଣ୍ଟରନେଟ୍ ସେବା ପୁନଃସ୍ଥାପିତ କରିବାକୁ ଚେଷ୍ଟା କରୁଛି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଦିଆଯାଇ ନାହିଁ। ଏହି ହିଂସା ଏବଂ ଇଣ୍ଟରନେଟ୍ ବନ୍ଦ ହେତୁ ବରେଲିର ସାଧାରଣ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି ଏବଂ ସହରରେ ଏକ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଛି।

● ସରିଫ ସରକାର ବିରୋଧରେ ପିଓକେରେ ଆନ୍ଦୋଳନ

## ରାଜରାସ୍ତାରେ ହଜାର ହଜାର ଲୋକଙ୍କ ପ୍ରତିବାଦ

**ନୂଆଦିଲ୍ଲୀ, ୨୯।୯:** ପାକିସ୍ତାନର ଶେହବାଜ ସରିଫ ସରକାର ବିରୋଧରେ ପାକିସ୍ତାନ ଅଧିକୃତ କାଶ୍ମୀର(ପିଓକେ) ରେ ବିଶାଳ ପ୍ରତିବାଦ କରାଯାଇଛି। ଆୱାମୀ ଆକ୍ସନ୍ କମିଟି -ଏଏସି ଡାକରାରେ ବନ୍ଦ ପାଳନ କରାଯାଉଛି। ହଜାର ହଜାର ଲୋକ ବିଭିନ୍ନ ଦାବି ନେଇ ରାସ୍ତାକୁ ଓହ୍ଲାଇଛନ୍ତି। ଗାଡ଼ି ମୋଟର ଚଳାଚଳ କରୁନାହିଁ। ପାକିସ୍ତାନ ଅଧିକୃତ କାଶ୍ମୀର- ପିଓକେର ସାମ୍ପ୍ରତିକ ଇତିହାସରେ ଏହା ସବୁଠାରୁ ବଡ଼ ପ୍ରତିବାଦ ମଧ୍ୟରୁ ଗୋଟିଏ ବୋଲି କୁହାଯାଉଛି। ପିଓକେ ବିଧାନସଭାରେ କାଶ୍ମୀର ଶରଣାର୍ଥୀଙ୍କ ପାଇଁ ସଂରକ୍ଷିତ ୧୨ଟି ଆସନ ଉଚ୍ଛେଦ, ରାଜନୈତିକ ଓ ଅର୍ଥନୈତିକ ଦୃଷ୍ଟିରୁ ପିଓକେ ଲୋକଙ୍କୁ ୭୦ ବର୍ଷ ଧରି ଅବହେଳା ଆଦି ୩୮ ଘଟଣା ଓ ଏହାର ସମାଧାନ ଦାବି ନେଇ ଆନ୍ଦୋଳନ କରୁଛି ଆୱାମୀ ଆକ୍ସନ୍ କମିଟି। ଅଧିକାର ପ୍ରଦାନ କର, ନଚେତ୍ ଲୋକଙ୍କ କ୍ରୋଧର ସମ୍ମୁଖୀନ ହୁଅ ବୋଲି ଆୱାମୀ ଆକ୍ସନ କମିଟି ନେତା ସୌକତ ନୱାଜ ମୀର୍ କହିଛନ୍ତି। ଉତ୍ତେଜନାକୁ ଦେଖି ଶେହବାଜ ସରକାର ଅଞ୍ଚଳରେ ଇଣ୍ଟରନେଟ୍ ବନ୍ଦ କରିବା ସହ ସୁରକ୍ଷା ବାହିନୀ ମୁତୟନ କରିଛନ୍ତି। ଉତ୍ତେଜନା ବଢ଼ିବାରେ ଲାଗିଛି । ପ୍ରମୁଖ ସହରଗୁଡ଼ିକର ପ୍ରବେଶ ଏବଂ ପ୍ରସ୍ଥାନ ପଥଗୁଡ଼ିକୁ ସିଲ୍ କରାଯିବା ସହିତ ସମ୍ବେଦନଶୀଳ ସ୍ଥାନ ଉପରେ ସୁରକ୍ଷାକର୍ମୀ କଡ଼ା ନଜର ରଖିଛନ୍ତି।

## ୨.୫ କୋଟି ଟଙ୍କାର ହେରୋଇନ୍ ଜବତ, ୨ ଗିରଫ



**ଶିଲଂ,୨୯।୯:** ମେଘାଳୟରେ ମାଦକ ଦ୍ରବ୍ୟ ଚୋରାଚାମାଲ ବିରୁଦ୍ଧରେ ବଡ଼ ପଦକ୍ଷେ ନେଇ ପୁଲିସ୍ ପଶ୍ଚିମ ଜୟନ୍ତିଆ ହିଲ୍ସ ଜିଲ୍ଲାରେ ପ୍ରାୟ ୨.୫ କୋଟି ଟଙ୍କା ମୂଲ୍ୟର ହେରୋଇନ୍ ଜବତ କରିଛି ଓ ମଣିପୁରର ଦୁଇଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ଜିଲ୍ଲା ପୁଲିସ ଓ ରାଜ୍ୟ ମାଦକ ପଦାର୍ଥ ନିରୋଧକ କାର୍ଯ୍ୟବଳଙ୍କ ସଂଯୁକ୍ତ ଦଳ ଏକ ଗୁପ୍ତ ସୂଚନା ଅଧାରରେ ଗତ ରାତିରେ ଫ୍ରାମର୍ ମେର୍ ପୁଲିସ୍ ଟ୍ରାଫିକ୍ ଚେକ ପଏଣ୍ଟ ନିକଟରେ ଏହି କାର୍ଯ୍ୟାନୁଷ୍ଠାନ କରିଥିଲେ। ଜିଲ୍ଲା ପୁଲିସ୍ ଅଧୀକ୍ଷକ ଗିରି ପ୍ରସାଦ କହିଛନ୍ତି ଯେ, ଖଲିହରିଆତ୍‌ରୁ ଜୋୱାଇଙ୍କୁ ଯାଉଥିବା ଗାଡ଼ିକୁ ଅତିରିକ୍ତ ତଦନ୍ତ କରାଯାଇଥିଲା। ଯାଞ୍ଚ ସମୟରେ, ପୁଲିସ୍ ହେରୋଇନ୍ ଥିବା ୫୦ଟି ପ୍ଲାଷ୍ଟିକ୍ ସାବୁନ୍ କେସ ଜବତ କରିଥିଲେ, ଯାହାର ମୋଟ ଓଜନ୍ ପ୍ରାୟ ୫୧୨.୬୩ ଗ୍ରାମ୍ ଥିଲା। ଗିରଫ ହୋଇଥିବା ଦୁଇଜଣ ବ୍ୟକ୍ତି ବର୍ତ୍ତମାନ ପୁଲିସ ହେପାଜତରେ ଅଛନ୍ତି ଓ ଏହି ଚୋରା ମାଲର ସ୍ରୋତ ଓ ପହଞ୍ଚାଉଥିବା ସ୍ଥାନ ଜାଣିବା ପାଇଁ ତଦନ୍ତ ଜାରି ରହିଛି।

# ଆଦାନୀ ପ୍ରପର୍ଟିଜ୍‌କୁ ସମ୍ପତ୍ତି ବିକିବ ସାହାରା ଗ୍ରୁପ

### ଅନୁମତି ପାଇଁ ସୁପ୍ରିମକୋର୍ଟରେ ଆବେଦନ ଦାଖଲ

**ନୂଆଦିଲ୍ଲୀ,୨୯।୯:** ସାହାରା ଗ୍ରୁପର କମ୍ପାନିଗୁଡ଼ିକର ଭବିଷ୍ୟତ ରଣନୀତି ଉପରେ ଏକ ବଡ଼ ଖବର ସାମନାକୁ ଆସିଛି। କମ୍ପାନିର ନୀତି ନିର୍ଦ୍ଧାରକମାନେ ଗ୍ରୁପର ସମ୍ପତ୍ତିଗୁଡ଼ିକୁ ଆଦାନୀ ଗ୍ରୁପକୁ ବିକ୍ରିକରିବା ପାଇଁ ପ୍ରସ୍ତୁତି କରୁଛନ୍ତି। ଏହାର ଅନୁମତି ପାଇଁ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ ଖରାଯାଇଛି। ସାହାରା ଇଣ୍ଡିଆ କମର୍ସିଆଲ୍ କର୍ପୋରେସନ୍ ଲିମିଟେଡ୍ ମହାରାଷ୍ଟ୍ରରେ ଏମ୍ବି ଭ୍ୟାଲି ଓ ଲକ୍ଷ୍ନୌରେ ସାହାରା ସହର ସମେତ ବିଭିନ୍ନ ସମ୍ପତ୍ତିକୁ ଆଦାନୀ ପ୍ରପର୍ଟିଜ ଲିମିଟେଡ୍‌କୁ ବିକ୍ରି କରିବା ଅନୁମତି ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏହି ଆବେଦନ ଉପରେ ସମ୍ଭବତଃ ଅକ୍ଟୋବର ୧୪ରେ ଶୁଣାଣି ହୋଇପାରେ।



ଆଇନଜୀବୀ ଗୌତମ ଅବସ୍ଥୀଙ୍କ ଦ୍ୱାରା ଦାଖଲ ଆବେଦନରେ ସାହାରା ଗ୍ରୁପର ସମ୍ପତ୍ତି ବିକ୍ରି ପାଇଁ ଅନୁମତି ମଗାଯାଇଛି। ଗ୍ରୁପର ସମ୍ପତ୍ତିଗୁଡ଼ିକୁ ୨୦୨୫ ସେପ୍ଟେମ୍ବରର ଟର୍ମ ସିଟ୍‌ରେ ନିର୍ଦ୍ଧାରିତ ନିୟମ ଓ ସର୍ତ୍ତରେ ଆଦାନୀ ପ୍ରପର୍ଟିଜ ପ୍ରାଇଭେଟ୍ ଲିମିଟେଡକୁ ବିକ୍ରି କରିବା ପାଇଁ ମଞ୍ଜୁରି ଦେବାକୁ କୁହାଯାଇଛି। ଆବେଦନରେ କୁହାଯାଇଛି ଯେ, ନ୍ୟାୟାଳୟଙ୍କ ଦ୍ୱାରା ସମୟ ସମୟରେ ପାରିତ ବିଭିନ୍ନ ଆଦେଶ ପାଳନ କରି କୋର୍ଟଙ୍କ ଅନୁମତି ହାସଲ କରି, ଏସଆଇସିସିଏଲ୍ ଓ ସାହାରା ଗ୍ରୁପ୍ କଠିନ ସମୟରେ ନିଜର କିଛି ସମ୍ପତ୍ତି ବିକ୍ରି କରିପାରିବ। ଏହାର ଆୟକୁ ସେବି-ସାହାରା ରିଫଣ୍ଡ ଖାତାରେ ଜମା କରାଯିବ। ବୟାନରେ କୁହାଯାଇଛି ଯେ, ମୋଟ ୨୪,୩୦୦ କୋଟି ଟଙ୍କାର ମୂଳ ରାଶି ମଧ୍ୟରୁ ସାହାରା ଗ୍ରୁପ ନିଜର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ବିକ୍ରି/ଲିକ୍ୱିଡେସନ ଜରିଆରେ ପ୍ରାୟ ୧୬,୦୦୦ କୋଟି ଟଙ୍କା ସଂଗ୍ରହ କରି ସେବି-ସାହାରା ରିଫଣ୍ଡ ଖାତାରେ ଜମା କରାଯାଇଛି। ପ୍ରତିଷ୍ଠିତ ଇଷ୍ଟେଟ୍ ବ୍ରୋକରେଜ୍ କମ୍ପାନିଗୁଡ଼ିକର ସାହାଯ୍ୟ ନେଇ ସୁଦ୍ଧା ସାହାରା ଗ୍ରୁପର ସମ୍ପତ୍ତିକୁ ଲିକ୍ୱିଡେଟ କିମ୍ବା ବିକ୍ରି କରିବାରେ ସେବିର ଅସମର୍ଥତାକୁ ଏଥିରେ ଦର୍ଶାଯାଇଛି। ଏସଆଇସିସିଏଲ କହିଛି ଯେ, ସେବି-ସାହାରା ରିଫଣ୍ଡ ଆକାଉଣ୍ଟରେ ଜମା ହୋଇଥିବା ସମ୍ପୂର୍ଣ୍ଣ ରାଶି ସାହାରା ଗ୍ରୁପର ପ୍ରୟାସରେ ବହୁ କଷ୍ଟରେ ଜମା କରାଯାଇଥିଲା। ଏସଆଇସିସିଏଲ୍ ଆହୁରି କହିଛି ଯେ, ନଭେମ୍ବର ୨୦୨୩ରେ ସାହାରା ଗ୍ରୁପ୍ ମୁଖ୍ୟ ସୁବ୍ରତ ରାୟଙ୍କ ମୃତ୍ୟୁ ପରେ, ଗ୍ରୁପ୍ ତାର ଏକମାତ୍ର ନୀତି ନିର୍ମାତାଙ୍କୁ ହରାଇଛି। ସେ ତାଙ୍କ ଜୀବନକାଳ ମଧ୍ୟରେ ଗ୍ରୁପ୍ ପକ୍ଷରୁ ସମସ୍ତ ନିଷ୍ପତ୍ତି ନେଉଥିଲେ। ଆବେଦନରେ କୁହାଯାଇଛି, "ଦିବଙ୍ଗତ ସୁବ୍ରତ ରାୟଙ୍କ ପରିବାର ସଦସ୍ୟମାନେ ସାହାରା ଗ୍ରୁପର ଦୈନନ୍ଦିନ ବ୍ୟବସାୟିକ କାର୍ଯ୍ୟ ଏବଂ ପରିଚାଳନାରେ ଜଡିତ ନଥିଲେ। ତେବେ ନିବେଶକଙ୍କ ସ୍ୱାର୍ଥ ରକ୍ଷା ପାଇଁ ପରିବାର ସଦସ୍ୟଙ୍କ ଇଚ୍ଛାକୁ ଧ୍ୟାନରେ ରଖି, ସାହାରା ଗ୍ରୁପର ସମ୍ପତ୍ତିଗୁଡ଼ିକୁ ସର୍ବାଧିକ ମୂଲ୍ୟରେ ଓ ଶୀଘ୍ର ବିକ୍ରି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା କୋର୍ଟଙ୍କ ଆଦେଶନକୁ ପାଳନ କରାଯାଇପାରିବ। ଏସଆଇସିସିଏଲ୍ କହିଛି ଯେ, ଏହି ନିଷ୍ପତ୍ତି ସମସ୍ତ ଅଂଶୀଦାର, ବିଶେଷକରି ସାହାରା ଗ୍ରୁପର ନିବେଶକଙ୍କ ସ୍ୱାର୍ଥରେ ନିଆଯାଇଛି।

# ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ତୌଫିକ ଗିରଫ

କେନ୍ଦ୍ରୀୟ ଏଜେନ୍ସିରୁ ସୂଚନା ପାଇ କାର୍ଯ୍ୟାନୁଷ୍ଠାନ

**ପଲୱାଲ, ୨୯।୯:** ହରିୟାଣାର ପଲୱାଲ ଜିଲ୍ଲାର ଆଲିମେଭ ଗ୍ରାମର ୩୫ ବର୍ଷୀୟ ତୌଫିକଙ୍କୁ ଦେଶଦ୍ରୋହ ଏବଂ ଗୁପ୍ତଚର ଅଭିଯୋଗରେ ସିଆଇଏ ପୋଲିସ ଗିରଫ କରିଛି। ସେ ଭାରତୀୟ ସେନା ଏବଂ ସୀମା ସୁରକ୍ଷା ବଳର ଗୁପ୍ତ ସୂଚନା ଦିଲ୍ଲୀରେ ଥିବା ପାକିସ୍ତାନ ହାଇକମିଶନର ଜଣେ କର୍ମଚାରୀଙ୍କୁ ହ୍ୱାଟ୍ସ ଆପ୍ ମାଧ୍ୟମରେ ପଠାଉଥିଲେ। ପୋଲିସ ଭାରତୀୟ ଦଣ୍ଡ ସଂହିତା, ସରକାରୀ ଗୁପ୍ତ ଆଇନ ୧୯୨୩ ଏବଂ ଦେଶଦ୍ରୋହର ଧାରା ଅନୁଯାୟୀ ଏକ ମାମଲା ରୁଜୁ କରିଛି।

କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ ସିଆଇଏ ଦଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ତୌଫିକ ପ୍ରାୟ ତିନିରୁ ଚାରି ବର୍ଷ ପୂର୍ବରୁ ସମ୍ପର୍କୀୟମାନଙ୍କୁ ଭେଟିବା ପାଇଁ ପାକିସ୍ତାନ ଯାତ୍ରା କରିଥିଲେ, ଯେଉଁଠାରେ ସେ ପାକିସ୍ତାନୀ ଦୂତାବାସରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ଭେଟିଥିଲେ। ପରବର୍ତ୍ତୀ ସମୟରେ, ଦୁଇଜଣ



ହ୍ୱାଟ୍ସଆପ୍ ମାଧ୍ୟମରେ ନିୟମିତ ଯୋଗାଯୋଗ ରକ୍ଷା କରିଥିଲେ ଏବଂ ଏହି ମାଧ୍ୟମରେ ସେ ଭାରତୀୟ ସେନା ସହ ଜଡିତ ସମ୍ବେଦନଶୀଳ ସୂଚନା ବାଣ୍ଟିବା ଆରମ୍ଭ କରିଥିଲେ। ପୋଲିସ ତଦନ୍ତରୁ ଏହା ମଧ୍ୟ ଜଣାପଡ଼ିଛି ଯେ ତୌଫିକ ଅନେକ ଲୋକଙ୍କୁ ପାକିସ୍ତାନ ଯାତ୍ରା କରିବା ପାଇଁ ଭିସା ବ୍ୟବସ୍ଥା କରିଥିଲେ। ତାଙ୍କ ମୋବାଇଲ ଫୋନ୍ ଖୋଜିବାରୁ ଦିଲ୍ଲୀରେ ଥିବା ପାକିସ୍ତାନ ହାଇକମିଶନର ଜଣେ କର୍ମଚାରୀଙ୍କୁ ହାଥିନ୍ ଉପବିଭାଗର ଜଣେ ସୈନିକଙ୍କ ସହ ଜଡିତ ଗୁପ୍ତ ସୂଚନା ପଠାଯାଇଥିବାର ପ୍ରମାଣ ମିଳିଛି। ଏହା ସହିତ, ତାଙ୍କ ମୋବାଇଲ୍ ଫୋନ୍ ରୁ ପଲୱାଲର ଅନ୍ୟ ଅନେକ ବ୍ୟକ୍ତିଙ୍କ ସହ ଜଡିତ ସୂଚନା ଏବଂ ଡଜନ ଡଜନ ପାକିସ୍ତାନୀ ନମ୍ବର ଉଦ୍ଧାର କରାଯାଇଛି। ପୋଲିସ ବର୍ତ୍ତମାନ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛି।

ସୂତ୍ର ଅନୁଯାୟୀ, ତୌଫିକ୍ ହାଥିନ୍ ତହସିଲ୍ କମ୍ପ୍ଲେକ୍ସରେ କାମ କରୁଥିଲେ, ଡ୍ରାଇଭିଂ ଲାଇସେନ୍ସ ଏବଂ ଯାନବାହାନ ପଞ୍ଜିକରଣ କାର୍ଯ୍ୟ କରୁଥିଲେ। ତାଙ୍କର କୌଣସି ସ୍ଥିର ଠିକଣା ନଥିଲା; ସେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ କାମ କରୁଥିଲେ। ତହସିଲ୍ କମ୍ପ୍ଲେକ୍ସରେ କାମ କରୁଥିବା ଲୋକମାନେ କୁହନ୍ତି ଯେ ତୌଫିକ୍‌ଙ୍କ ଆଚରଣ ଜଣେ ସାଧାରଣ ଏବଂ ଭଦ୍ର ବ୍ୟକ୍ତିଙ୍କ ପରି ଥିଲା। କେହି ସନ୍ଦେହ କରିନଥିଲେ ଯେ ସେ ଦେଶ ବିରୋଧୀ କାର୍ଯ୍ୟକଳାପରେ ସାମିଲ ହୋଇପାରନ୍ତି। ହାଥିନ୍ ଉପବିଭାଗର ମିନି ସଚିବାଳୟରେ କାମ କରୁଥିବା ଟାଇପିଷ୍ଟ ଅର୍ଶଦ, ଶାତିର ଏବଂ ଆମିର ଏହି ମାମଲାକୁ ଏକ ଆଶ୍ଚର୍ଯ୍ୟଜନକ ପ୍ରକାଶ ବୋଲି ବର୍ଣ୍ଣନା କରିଛନ୍ତି। ସେମାନେ କହିଛନ୍ତି ଯେ ତୌଫିକ୍ ସମସ୍ତଙ୍କ ସହିତ ସମନ୍ୱୟ ରଖି କାମ କରୁଥିଲେ, କିନ୍ତୁ କାହାରି ତାଙ୍କ କାର୍ଯ୍ୟ ବିଷୟରେ କୌଣସି ଧାରଣା ନଥିଲା।

# ୫ ବର୍ଷର ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ, ଅଭିଯୁକ୍ତ ଗିରଫ

**ଜୟପୁର, ୨୯।୯ (ସଂଚାର ବ୍ୟୁରୋ):** ଜଣେ ୫ ବର୍ଷ ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ମାମଲାରେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ। ଗିରଫ ଅଭିଯୁକ୍ତ ଜଣକ ଜୟପୁର ହେଲା ନୂଆସାହି ଦେବ ନାୟକ। ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ ଘର ଭିତରେ ପଶି ୫ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ନାବାଳିକାଙ୍କ ପରିବାର ଲୋକ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ଜୟପୁର ଟାଉନ ପୋଲିସ ମାମଲା ରୁଜୁ କରିଛି। ଏନେଇ ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିବା ବିଷୟ ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

# ମହାଗୌରୀ ବେଶରେ ଦର୍ଶନ ଦେଉଛନ୍ତି ମା’ ସୁରେଶ୍ୱରୀ ଓ ଭଗବତୀ

**ସୁବର୍ଣ୍ଣପୁର,୨୯।୯(ସଂଚାର ବ୍ୟୁରୋ):** ନବରାତ୍ରର ଅଷ୍ଟମ ଦିନରେ ସୋନପୁରର ଇଷ୍ଟଦେବୀ ମା’ ସୁରେଶ୍ୱରୀଙ୍କ ପୀଠରେ ଭୋର ସମୟରୁ ମନ୍ଦିର ଖୋଲା ଯାଇ ଯଥାବିଧି ପୂଜାର୍ଚ୍ଚନା ଶେଷ ହୋଇଥିବା ବେଳେ ଆଜି ମହଗୌରୀ ବେଶରେ ମା ଉଭା ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ମନ୍ଦିରରେ ନବଦିନାତ୍ମକ ଚଣ୍ଡୀ ମହାଯଜ୍ଞର ଅଷ୍ଟମ ଦିବସରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ, ବ୍ରାହ୍ମଣ ପୁଜନମ ବିଭିନ୍ନ ଦେବା ଦେବୀଙ୍କ ପୂଜାପାଠ ସୁରେଶ୍ୱରୀଙ୍କ ଷୋଡଶ ଉପଚାର ପୂଜା ଆରତୀ ପୁଷ୍ପାଞ୍ଜଳି ସହ ଚଣ୍ଡୀଯଜ୍ଞ, ହବନ, ଆରତୀ, ପୁଷ୍ପାଞ୍ଜଳି ଓ ପ୍ରସାଦ ବଣ୍ଟନ ହେବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି। ସେହିପରି ସହରର ସର୍ବ ପୁରାତନ ମା ଭଗବତୀଙ୍କ ପୀଠରେ ମଧ୍ୟ ମହଗୌରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ମା ଭଗବତୀ। ସହରର ଗଡ଼ଭିତର ସ୍ଥିତ ଦୁର୍ଗା ମନ୍ଦିରରେ ମଧ୍ୟ ମହଗୌରୀ ବେଶରେ ଦର୍ଶନ ଦେଉଛନ୍ତି ମା ଦୁର୍ଗା। ଆଜି ମା’ଙ୍କ ମହଗୌରୀ ବେଶ ତେବେ ଆସନ୍ତୁ ଜାଣିବା ମା’ଙ୍କର ଏହି ବେଶ ମହାତ୍ମ୍ୟ ବିଷୟରେ। **ମହାଗୌରୀ:** ‘ମହାଗୌରୀ’ ମା’ ଦୁର୍ଗାଙ୍କର ଅଷ୍ଟମ ଶକ୍ତି। ଶରୀରର ବର୍ଣ୍ଣ ଗୌର ହେତୁ ତାଙ୍କର ନାମ ’ମହାଗୌରୀ’। ଶଙ୍ଖ, ଚନ୍ଦ୍ର ଓ କୁନ୍ଦପୁଷ୍ପ ସହିତ ତାଙ୍କର ଶରୀରର ବର୍ଣ୍ଣ ର ତୁଳନା କରାଯାଏ। ଶାସ୍ତ୍ରୋକ୍ତି ଅଛି ‘ଅଷ୍ଟବର୍ଷା ଭବେଦ୍ ଗୌରୀ” ଅର୍ଥାତ୍-ତାଙ୍କୁ ଆଠବର୍ଷ ବୟସ ବୋଲି ମନେକରାଯାଏ। ଦେବୀ ଶ୍ୱେତବସନା ଏବଂ ଶ୍ୱେତବୃଷଭ ବାହନା। ଚତୁର୍ଭୁଜା ଏହି ଦେବୀଙ୍କର ଦକ୍ଷିଣ ଦୁଇ ଭୁଜରେ ଅଭୟ ମୁଦ୍ରା ଓ ତ୍ରିଶୂଳ ଏବଂ ବାମ ଦୁଇ ଭୁଜରେ ବରଦ ମୁଦ୍ରା ଓ ଡମ୍ବରୁ ଶୋଭାପାଏ। ଭାବଭଙ୍ଗୀରେ ଏହି ଦେବୀ ଶାନ୍ତ। ’ମହାଗୌରୀ’ ନବରାତ୍ରିର ଅଷ୍ଟମ ଦିନର ଉପାସ୍ୟା ତାଙ୍କର ଶକ୍ତି ଅମୋଘ ଓ ଫଳପ୍ରଦ ତାଙ୍କର ଉପାସନା ଭକ୍ତ ଓ ସାଧକଙ୍କର ସକଳ କଲୁଷ ନାଶ କରେ। ଭବିଷ୍ୟତରେ ମଧ୍ୟ ଭକ୍ତ ଓ ସାଧକଙ୍କର କୌଣସି ପାପ, ସନ୍ତାପ, ଦୁଃଖେ, ଦୈନ୍ୟ ରହେ ନାହିଁ ସେ ପର୍ବତୋ ଭାବେ ପବିତ୍ର ଓ ଅକ୍ଷୟ ପୁଣ୍ୟର ଅଧିକାରୀ ହୁଅନ୍ତି। ଦେବୀଙ୍କର କୃପା ଫଳରେ ଅଲୌକିକ ସିଦ୍ଧି ଲାଭ ହୁଏ।

# ଝାରପଡ଼ା ଦୁର୍ଗା ମଣ୍ଡପ ବୁଲିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ



ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ଧୁମ୍ ଧାମରେ ପାଳନ ହେଉଛି ଝାରପଡ଼ା ଦୁର୍ଗା ପୂଜା। ସପ୍ତମୀ ପୂଜାରେ ମା’ଙ୍କ ଦର୍ଶନ କରିବା ପାଇଁ ପ୍ରବଳ ଭିଡ ଜମିଛି। କିଏ ମାଙ୍କୁ ଦର୍ଶନ କରି ଭାବରେ ବିଭୋର ହୋଇଯାଇଛନ୍ତି ତ ଆଉ କିଏ ମା’ଙ୍କ ସହ ଫଟୋ ଉଠାଇ ସେଲ୍‌ଫି ନେଉଛନ୍ତି। ଚଳିତ ବର୍ଷ ଝାରପଡ଼ା ଦୁର୍ଗା ପୂଜା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଝାରପଡ଼ା ମେଲଣ ପଡ଼ିଆରେ ଅନୁଷ୍ଠିତ ଦୁର୍ଗା ପୂଜା ପାଇଁ ଭିଡ ନିୟନ୍ତ୍ରଣ କରିବାକୁ କମିଟି ପକ୍ଷରୁ ବ୍ୟବସ୍ଥା ହୋଇଛି। ଝାରପଡ଼ା ମେଲଣ ପଡିଆ ପର୍ଯ୍ୟନ୍ତ ଚାରି ଚକିଆ ଗାଡ଼ି ଭିତରକୁ ପ୍ରବେଶ ନିଷେଧ କରାଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ଦୁଇଟି ପ୍ରବେଶ ପଥ ଥିବାବେଳେ ପ୍ରସ୍ଥାନ ପଥ ମଧ୍ୟ କରାଯାଇଛି। ଝାରପଡ଼ା ଦୁର୍ଗା ପୂଜା ସମିତିର ମୁଖ୍ୟ ଜଗନ୍ନାଥ ପ୍ରଧାନ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥା କରିଛନ୍ତି। ସୋମବାର ସନ୍ଧ୍ୟାରେ ମା’ଙ୍କ ଦର୍ଶନ ଲାଗି ମନ୍ତ୍ରୀ ସୁରଜ୍ ସୂର୍ଯ୍ୟବଂଶୀ ଓ ବିଧାୟକ ବାବୁ ସିଂ ପହଞ୍ଚିଥିଲେ। ଭୁବନେଶ୍ୱରରେ ଆକର୍ଷଣୀୟ ତରୋଣ ସହ ପୂଜାର ମେଢ଼ ବୁଲିବା ସହ ଲୋକଙ୍କ ସହ କଥା ହୋଇଥିଲେ ମନ୍ତ୍ରୀ ଓ ବିଧାୟକ। ଶାନ୍ତି ଶୃଙ୍ଖଳାରେ ପୂଜା ନିୟନ୍ତ୍ରଣ କରିବାକୁ ପୋଲିସ ଫୋର୍ସ , ସିଆରପି, ଅଗ୍ନିଶମ ବାହିନୀ ମୁତୟନ କରାଯାଇଛି।





ରବି ଟକିଜ୍ ଓ ନୟାପଲ୍ଲୀ ଦୁର୍ଗା ମଣ୍ଡପରେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି

# ଶୁଣିଲାନି ପ୍ରଶାସନ : ନିଜେ ରାସ୍ତା ମରାମତି କଲେ ଗାଁ ଲୋକ

**ଚମ୍ପୁଆ,୨୯।୯(ସଂଚାର ବ୍ୟୁରୋ):** ଚମ୍ପୁଆ ବ୍ଲକ ପଡୁଆ ପଞ୍ଚାୟତ ଅନ୍ତର୍ଗତ ପଡୁଆ - ମଙ୍ଗଳପୁର ମଝିରେ ଥିବା ବାଘଡ଼ିଆଁ ନାଳ ପୋଲ ରାସ୍ତା ଦୀର୍ଘ ଦିନ ଧରି ଖାଲ ଖମା ହୋଇ ଲୋକଙ୍କ ଯିବା ଆସିବା ପାଇଁ ମରଣଯନ୍ତା ପାଲଟି ଥିଲେ ମଧ୍ୟ ଏଥିପ୍ରତି ବିଭାଗ ଦୃଷ୍ଟି ନ ଦେବାରୁ ଶେଷରେ ଗାଁ ଲୋକେ ନିଜେ ଏହି ରାସ୍ତା ମରାମତି କରିଥିବା ଜଣାପଡ଼ିଛି। ଚମ୍ପୁଆ ବ୍ଲକର ଜାଲି, ଭୂଇଁପୁର, ଓ ପଡୁଆ ତିନି ପଞ୍ଚାୟତର ଲୋକେ ପ୍ରତିଦିନ ଭଣ୍ଡା ଗ୍ରାମ୍ୟ ବ୍ୟାଙ୍କ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ଏହି ଗୋଟିଏ ରାସ୍ତା ଉପରେ ନିର୍ଭର କରିଥାନ୍ତି। ପ୍ରାୟ ଦୀର୍ଘ ତିରିଶି ବର୍ଷ ପୂର୍ବେ ନିର୍ମିତ ଏହି ବାଘଡ଼ିଆଁ ନାଳ ପୋଲ ରାସ୍ତା ମରାମତି ଅଭାବରୁ ଦୁର୍ବଳ ଅବସ୍ଥାରେ ରହିଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ପ୍ରତି ବର୍ଷ କିଛି ସ୍ଥାନୀୟ ଯୁବକ ମାଟି ପକାଇ ରାସ୍ତାକୁ ସମତୁଳ କରିଥାନ୍ତି। ଏବେ ପୋଲର ଦୁଇ କଡ଼ ରାସ୍ତା ଲଗାଣ ବର୍ଷାରେ ଧୋଇ ଖାଲ ହୋଇଯିବା ପରେ ରାସ୍ତାରେ ଯିବା ଆସିବା କରିବା କଷ୍ଟ ସାଧ୍ୟ ହୋଇପଡ଼ିଥିଲା। ଫଳରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ମାନଙ୍କୁ ନେଇ ଯିବାପାଇଁ ସିଲିପୁଞ୍ଜି ରାସ୍ତା ଦେଇ ପ୍ରାୟ ୧୦ ରୁ ୨୦ କି.ମି. ରାସ୍ତା ବୁଲି ଯିବାକୁ ପଡୁଥିଲା। ଯାହା ଜରୁରୀକାଳୀନ ସ୍ଥିତିରେ ରୋଗୀଙ୍କ ପାଇଁ ଜୀବନ ମରଣ ବିପଦ ସୃଷ୍ଟି କରୁଥିବାରୁ ବାଧ୍ୟହୋଇ ଶେଷରେ ଉଭୟ ପଡୁଆ ଓ ମଙ୍ଗଳପୁର ଗାଁ ଲୋକ ମିଶି ନିଜେ ହିଁ ଉକ୍ତ ରାସ୍ତା ମରାମତି କରିଛନ୍ତି। ପଡୁଆ ସରପଞ୍ଚ ମନୋଜ ନାଏକ ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଏ ସମ୍ପର୍କରେ ଜଣାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଜଣାପଡ଼ିଛି। ବର୍ତ୍ତମାନ ସାରା ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ଡବଲ ବିକାଶ ନେଇ ହଇଚଇ ସୃଷ୍ଟି କରୁଥିବା ବେଳେ ତୃଣମୂଳ ସ୍ତରରେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନଭାବ ଯୋଗୁଁ ଏପରି ସମସ୍ୟା ଗୁଡିକରେ ସୁଧାର ଆସୁନାହିଁ ବୋଲି ଅଞ୍ଚଳ ବାସୀ ପ୍ରକାଶ କରିଛନ୍ତି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଅଶୋକ ପଲେଇଙ୍କ ଦୁଇ କବିତା ସଂକଳନ ଲୋକାର୍ପିତ

ଜୟପୁର, ୨୯।୯(ସଂଚାର ବ୍ୟୁରୋ): ଯୁବ କବି ଅଶୋକ କୁମାର ପଲେଇଙ୍କ ଦୁଇ କବିତା ସଂକଳନ ଲୋକାର୍ପିତ ହୋଇଯାଇଛି। ଓଡ଼ିଆ ଚଳଚ୍ଚିତ୍ର ଅଭିନେତା, ନିର୍ଦ୍ଦେଶକ, ନାଟ୍ୟକାର, ଗୀତିକାର, ପ୍ରଚ୍ଛଦପଟ ଗାୟକ, ପୂର୍ବତନ ଓଡ଼ିଶାର ଶିକ୍ଷାମନ୍ତ୍ରୀ ଡ. ପ୍ରଶାନ୍ତ ନନ୍ଦ ଓ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ବାଗ୍ମୀ ପ୍ରକାଶନ ଓ ଅନ୍ୱେଷଣର ପ୍ରତିଷ୍ଠାନର ପ୍ରତିଷ୍ଠାତା ତଥା ପୁସ୍ତକର ପ୍ରକାଶକ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ତତ୍ୱାବଧାନରେ ଭୁବନେଶ୍ୱର ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ କବି ଶ୍ରୀ ପଲେଇଙ୍କ ପ୍ରଥମ କବିତା ସଂକଳନ ‘ଆତ୍ମୀୟତାର ଆୟାସ’ ଓ ଦ୍ୱିତୀୟ କବିତା ସଂକଳନ ‘ପ୍ରେୟାସୀ ଓ ମଧୁଗୀତି’ ପାଠକାର୍ପଣ କରାଯାଇଥିଲା। ପ୍ରେମ ଓ ପ୍ରଣୟକୁ ନେଇ ଚରିତ କବିଙ୍କ କବିତା ଗୁଡ଼ିକରେ ପ୍ରେମର ସକରାତ୍ମକ ଭାବ ପରିପ୍ରକାଶ ହୋଇଥିବା ବେଳେ ବିରହ ଓ ବିଚ୍ଛେଦର ଯନ୍ତ୍ରଣାରେ ପାଠକ ଭାରାକ୍ରାନ୍ତ ହେବେ ନାହିଁ। ମିଳନାତ୍ମକ କବିତା ଗୁଡ଼ିକ ସୁଖଦ ଅନୁଭୂତି ପ୍ରଦାନ କରିବା ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି କୁହାଯାଇଛି। ଏହି ଅବସରରେ ଶ୍ରୀ ପଲେଇଙ୍କୁ ବାଗ୍ମୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିରେ ସମାଜର ପୂର୍ବତନ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ ସମ୍ମାନିତ ଅତିଥି, ବକୁଳ ଫାଉଣ୍ଡେସନର ପ୍ରତିଷ୍ଠାତା ସୁଜିତ ମହାପାତ୍ର ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ଶ୍ରୀ ପଲେଇଙ୍କ କବିତା ସଂକଳନ ଉନ୍ମୋଚିତ ସମୟରେ ସମସ୍ତ ଅତିଥିଙ୍କ ସହ କବିଙ୍କ ବଡ଼ଭାଇ ତ୍ରିନାଥ ପଲେଇ, ପତ୍ନୀ କବିତାମଞ୍ଜରୀ ପଲେଇ, ପୁଅ ଆଦର୍ଶ ଅଭିଳାଷ ପଲେଇ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୩୦ଜଣ ସାହିତ୍ୟିକଙ୍କ ୪୦ସୃଷ୍ଟିକୁ ଲୋକାର୍ପଣ କରିବା ସହ ଉପଢୌକନ, ମାନପତ୍ର, ଚାରା ଦେଇ ସମସ୍ତ ସ୍ରଷ୍ଟାକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କର୍ତ୍ତବ୍ୟନିଷ୍ଠ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ପୁରୁଣା ବଜାର ଦୁର୍ଗାପୂଜା ୭୫ ବର୍ଷରେ ପଦାର୍ପଣ

କେନ୍ଦୁଝର, ୨୯।୯(ସଂଚାର ବ୍ୟୁରୋ): ଆରମ୍ଭ ହୋଇଛି ଶାରଦୀୟ ଦୁର୍ଗାପୂଜା। କେନ୍ଦୁଝର ସହରରେ ୧୨ରୁ ଉର୍ଦ୍ଧ୍ୱ ମେଢ଼ ତିଆରି ହୋଇଛି। କେନ୍ଦୁଝର ଜିଲ୍ଲାରେ ଧୁମଧାମରେ ଦଶହରା ପାଳନ ହେଉଥିବା ବେଳେ ରାଜ ରାଜୁଡା ସମୟରୁ ଆରମ୍ଭ ହୋଇଥିବା ପୁରୁଣା ବଜାର ଦୁର୍ଗାପୂଜା ୭୫ ବର୍ଷରେ ପଦାର୍ପଣ କରିଛ। ସାର୍ବଜନିନ ଶ୍ରୀ ଦୁର୍ଗା ଉତ୍ସବ କଲଚରାଲ କମିଟି ପକ୍ଷରୁ ପ୍ଲାଟିନମ ଜୁବୁଲି ପାଳନ କରାଯାଉଛି ଚଳିତ ବର୍ଷ ଓ ମହାସପ୍ତମୀ ଠାରୁ ଦଶମୀ ପର୍ଯ୍ୟନ୍ତ ମା ଦୁର୍ଗାଙ୍କ ରୀତିନୀତିରେ କରାଯାଉଛି। ସୁନ୍ଦର ତୋରଣ ସହିତ ଆଲୋକ ସାଜସଜ୍ଜା ଅତ୍ୟନ୍ତ ସୁନ୍ଦର ହୋଇଛି। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୯ ତାରିଖ ମହାସପ୍ତମୀ ଦିନ ଭଜନ ସନ୍ଧ୍ୟା, ୩୦ ତାରିଖ ମହାଷ୍ଟମୀ ଦିନ ପାଲା ସହିତ ଭଜନ ସମାରୋହ ଅନୁଷ୍ଠିତ ହେବ। ସେହିପରି ୧ ତାରିଖ ନବମୀ ଦିନ ପାଲା ସହିତ ଡାନ୍ସ ଧମାକା ଓ ୨ ତାରିଖ ଦଶହରା ଦିନ ଡାନ୍ସ ଧମାକା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୩ ତାରିଖରେ ମା ଦୁର୍ଗାଙ୍କର ଭସାଣି ଉତ୍ସବରେ ବିର୍ସଜନ କରାଯିବ ଏବଂ ୪ ତାରିଖ ଦିନ ପ୍ଲାଟିନମ ଜୁବୁଲି ସାର୍ବଜନୀନ ଶ୍ରୀ ଦୁର୍ଗାଉତ୍ସବ କଲଚରାଲ କମିଟିର ସଭାପତି ସଂଗ୍ରାମ ଦାସ ଜଣେଇଛନ୍ତି।

# ରାଜଧାନୀର ୭ ସ୍ଥାନରେ ହେବ ‘ରାବଣ ପୋଡ଼ି ଉତ୍ସବ’



**ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ):** ରାଜଧାନୀରେ ହେଉଥିବା ଦୁର୍ଗାପୂଜାର ମୁଖ୍ୟ ଆକର୍ଷଣ ରାବଣ ପୋଡ଼ି ଉତ୍ସବ। ଏହି ରାବଣୀ ପୋଡ଼ି ଦେଖିବା ସକାଶେ ସହର ବାହାରୁ ମଧ୍ୟ ଭକ୍ତମାନଙ୍କ ଆଗମନ ହୋଇଥାଏ। ତେବେ ଚଳିତ ବର୍ଷ ବିଜୟା ଦଶମୀ ଅବସରରେ ରାଜଧାନୀ ଭୁବନେଶ୍ୱରରେ ୭ଟି ପ୍ରମୁଖ ସ୍ଥାନରେ ‘ରାବଣ ପୋଡ଼ି ଉତ୍ସବ’ ପାଳନ ହେବ ବୋଲି ସୂଚନା ମିଳିଛି। ଏହି ଉତ୍ସବ ଦେଖିବା ଲାଗି ବହୁ ଲୋକଙ୍କ ଭିଡ଼ ଜମିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ୍ ପକ୍ଷରୁ ଟ୍ୱିନ ସିଟି କମିଶନରେଟ ପୁଲିସ ସୂଚନାନୁଯାୟୀ, ନହରକଣ୍ଟା (ପାହାଳ ଥାନା), ବରମୁଣ୍ଡା (ଖଣ୍ଡଗିରି ଥାନା), କୋରଡ଼ାକଣ୍ଟା (ବଡ଼ଗଡ଼ ଥାନା), ବାଙ୍କୁଆଳ (ବଡ଼ଗଡ଼ ଥାନା), ଗୋପାଳପୁର (ଇନ୍‌ଫୋ-ଭ୍ୟାଲି ଥାନା), କିଟ୍ସ ରୋଡ୍ (ଇନ୍‌ଫୋସିଟି ଥାନା) ଓ ଫୁଟବଲ ଗ୍ରାଉଣ୍ଡ (କପିଳପ୍ରସାଦ ଏୟାରଫିଲ୍ଡ ଥାନା)ରେ ରାକ୍ଷସ ରାଜା ରାବଣର ପ୍ରତିକୃତି ପୋଡ଼ାଯିବ। ଏହି ଉତ୍ସବ ରାମାୟଣରେ ଭଗବାନ ରାମଙ୍କ ରାବଣ ଉପରେ ବିଜୟର ପ୍ରତୀକ ଭାବେ ଦୁଷ୍ଟ ଉପରେ ସତ୍ୟର ଜୟକୁ ଦର୍ଶାଏ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏଣିକି...

ଅନୁଯାୟୀ, କୌଣସି ପ୍ରତିଷ୍ଠାନରେ କର୍ମଚାରୀମାନେ ୬ ଘଣ୍ଟା କାମ କଲେ ଅଧଘଣ୍ଟା ବିଶ୍ରାମ ନେଇପାରିବେ। ଅର୍ଥାତ୍ ନିରନ୍ତର କାମ କରିବାର ସର୍ବାଧିକ ସମୟ ୬ ଘଣ୍ଟାରୁ ଅଧିକ ହେବନାହିଁ। ସେହିପରି ତ୍ରୈମାସିକ ଓଭରଟାଇମ କାର୍ଯ୍ୟସୀମା ୧୪୪ ଘଣ୍ଟାକୁ ବୃଦ୍ଧି କରାଯାଇଛି। କୌଣସି ପ୍ରତିଷ୍ଠାନରେ ଜଣେ କର୍ମଚାରୀ ଗୋଟିଏ ଦିନରେ ୧୦ ଘଣ୍ଟାରୁ ଅଧିକ କିମ୍ବା ସପ୍ତାହେ ଭିତରେ ୪୮ ଘଣ୍ଟାରୁ ଅଧିକ କାମ କଲେ, ଓଭରଟାଇମ ବାବଦରେ ସାଧାରଣ ମଜୁରି ହାରର ଦୁଇଗୁଣ ମଜୁରି ପାଇବେ। ପ୍ରତିଷ୍ଠାନଗୁଡିକ ଦିନରାତି ୨୪ ଘଣ୍ଟା ଓ ବର୍ଷକୁ ୩୬୫ ଦିନ ଖୋଲା ରହିପାରିବ।

ଏହାଛଡ଼ା ରାତିରେ ମହିଳା କର୍ମଚାରୀଙ୍କ କାର୍ଯ୍ୟ ଉପରେ ଥିବା ପ୍ରତିବନ୍ଧକ ହଟିଛି। ମହିଳା କର୍ମଚାରୀମାନଙ୍କୁ ସେମାନଙ୍କ ଲିଖିତ ସମ୍ମତି ଓ ରାଜ୍ୟ ସରକାରଙ୍କ ଅଧିସୂଚିତ ସର୍ତ୍ତାବଳୀ ଅନୁଯାୟୀ ରାତ୍ରିରେ ନିୟୋଜିତ କରାଯାଇପାରିବ। ଏହି ସଂସ୍କାରଗୁଡିକ ରାଜ୍ୟରେ ନୂତନ ଶିଳ୍ପ ଓ ନିବେଶକୁ ଆକର୍ଷିତ କରିବ। କାରଖାନାଗୁଡ଼ିକୁ ସର୍ବୋଚ୍ଚ ଚାହିଦା ପୂରଣ କରିବା ଦିଗରେ ସକ୍ଷମ କରିବ ଓ ଉତ୍ପାଦକତା ବୃଦ୍ଧି କରିବ। ଏହା ଅଧିକ ଓଭର ଟାଇମ କାମ କରିବାକୁ ଅନୁମତି ଦେଇ ଶ୍ରମିକଙ୍କ ରୋଜଗାର ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିବ। କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣ ମୁକ୍ତି ବା ଡି-ରେଗୁଲେସନ ପଦକ୍ଷେପର ପ୍ରାଥମିକତା କ୍ଷେତ୍ରରେ ପ୍ରସ୍ତାବିତ ଏହି ସଂଶୋଧନ ପ୍ରସ୍ତାବଗୁଡିକ ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଓ ଦ୍ରୁତ ବ୍ୟବସାୟୀକରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ, ଯାହାକି ଆମକୁ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଢ଼ିବାରେ ସାହାଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାରେ ପ୍ରତି ପଞ୍ଚାୟତରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଏ ସମ୍ପର୍କିତ ପ୍ରସ୍ତାବରେ ମୋହର ମାରିଛନ୍ତି କ୍ୟାବିନେଟ। ଜାତୀୟ ଶିକ୍ଷା ନୀତି ଓ ଶିକ୍ଷା ଅଧିକାର ଆଇନର ଉଦ୍ଦେଶ୍ୟ ପୂରଣ କରିବା ସହ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ପ୍ରତି ପଞ୍ଚାୟତରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ପ୍ରଥମ ପର୍ଯ୍ୟାୟରେ ୩ ବର୍ଷରେ ନିର୍ମାଣ ହେବ ୨୨୦୦ଟି ଆଦର୍ଶ ବିଦ୍ୟାଳୟ ଓ ଏ ବାବଦରେ ଖର୍ଚ୍ଚ ହେବ ୧୨ ହଜାର କୋଟି। ବିଦ୍ୟାଳୟ ପିଛା ଖର୍ଚ୍ଚ ହେବ ୫ କୋଟିରୁ ଅଧିକ। ଗୁଣାତ୍ମକ ଶିକ୍ଷା, ଭିତ୍ତିଭୂମି, ଶିକ୍ଷକ ନିଯୁକ୍ତି କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ସବୁ ପଞ୍ଚାୟତରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯିବ। କେନ୍ଦୁଝର ଜିଲ୍ଲା ଘଟଗାଁ ତାରିଣୀ ମନ୍ଦିର ପରିସର ଓ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରି ଦେଇଛନ୍ତି। ପ୍ରତି ସ୍କୁଲ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ଆଧାରରେ ପ୍ରକୃତ ଖର୍ଚ୍ଚ ନିର୍ଣ୍ଣୟ କରାଯିବ। ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନା ଓଡ଼ିଶାରେ ଏକ ଅନ୍ତର୍ଭୁକ୍ତିମୂଳକ ଓ ଗୁଣାତ୍ମକ ଶିକ୍ଷା ଇକୋସିଷ୍ଟମ ଗଠନ ଦିଗରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ, ସମାନ ଶିକ୍ଷା ସୁଯୋଗ ଓ ପ୍ରତ୍ୟେକ ପିଲାର ମୌଳିକ ସଶକ୍ତିକରଣ ପ୍ରତି ରାଜ୍ୟର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ତାରିଣୀ ମନ୍ଦିର ନିକଟରେ ପାର୍କିଂ ଓ ଅନ୍ୟ ବ୍ୟବସ୍ଥା ପାଇଁ ଡିପିଆର ପ୍ରସ୍ତୁତ ହୋଇଛି। ବିକାଶ ଯୋଜନାକୁ ସାକାର ରୂପ ଦେବା ସାକଶେ ୫୯ ଏକରରୁ ଅଧିକ ଜାଗା ରଖାଯାଇଛି। ଏଥିରେ ମୋଟ ୨୨୬ କୋଟି ଖର୍ଚ୍ଚ ହେବ। ଏଥିରୁ ୮୦ କୋଟି ଟଙ୍କା ଜମି ଅଧିଗ୍ରହଣ ପାଇଁ ଦିଆଯିବ। ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଭକ୍ତଙ୍କ ସୁବିଧା ପାଇଁ ୨୧୬ ଶଯ୍ୟାବିଶିଷ୍ଟ ଯାତ୍ରୀ ନିବାସ, ତୀର୍ଥଯାତ୍ରୀ କେନ୍ଦ୍ର, ଇଣ୍ଟରପ୍ରିଟେସନ ସେଣ୍ଟର, ଫୁଡ ପ୍ଲାଜା, ୱାଚ୍ ଟାୱାର, ମାର୍କେଟ କମ୍ପ୍ଲେକ୍ସ, ନଡ଼ିଆ ଭଣ୍ଡାର ଓ ପ୍ରସାଦ ସେବନ ପ୍ରକୋଷ୍ଠ ଏବଂ ଜିନିଷ ରଖିବା ଘର ଆଦି ତିଆରି ହେବ। ଏହିସବୁ କାର୍ଯ୍ୟ ଶେଷ ହେବା ପରେ, ଘଟଗାଁସ୍ଥିତ ମା’ଙ୍କ ପୀଠ, ଦେଶର ପ୍ରମୁଖ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଗଣିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଶିରୀଶ...

ଶୁଳ୍କ ଓ କମ ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ଆର୍‌ବିଆଇ ରେପୋ ହାର ବଜାୟ ରଖିବାର ଯଥେଷ୍ଟ ସମ୍ଭାବନା ରହିଛି। ଆର୍‌ବିଆଇ ରେପୋ ହାର ଏବେ ୫.୫୦ ପ୍ରତିଶତ ରହିଛି। ଏହି ବର୍ଷ ଆରମ୍ଭରୁ ଆର୍‌ବିଆଇ ଏହାକୁ ୧ ପ୍ରତିଶତ ହ୍ରାସ କରିଛି, ଯେଉଁଥିରେ ଗତ ଫେବୃଆରୀରେ ୦.୨୫ ପ୍ରତିଶତ, ଏପ୍ରିଲରେ ୦.୨୫ ପ୍ରତିଶତ ଓ ଜୁନରେ ୦.୫୦ ପ୍ରତିଶତ ରହିଥିଲା। ବିଶ୍ଳେଷକଙ୍କ ଅନୁଯାୟୀ, ଜିଏସ୍‌ଟି ସଂସ୍କାରର ଚାହିଦା ଉପରେ ସକାରାତ୍ମକ ପ୍ରଭାବ, ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ତ୍ରୈମାସରେ ଆଶାଠାରୁ ଅଧିକ ଜିଡିପି ଅଭିବୃଦ୍ଧି ଓ ଆଶା କରାଯାଇଥିବା ମୁଦ୍ରାସ୍ଫୀତି, ଯାହା ଆହୁରି ବୃଦ୍ଧି ପାଇବାର ଆଶା କରାଯାଉଛି, ତାହାକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ବ୍ୟାଙ୍କ ରେପୋ ହାର ଉପରେ ସ୍ଥିତାବସ୍ଥା ବଜାୟ ରଖିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଶ୍ରୀ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଜଣେ ସୁଯୋଗ୍ୟ ଓଡ଼ିଆ ଭାବେ ଦେଶର ସର୍ବୋଚ୍ଚ ବ୍ୟାଙ୍କରେ ନିଯୁକ୍ତି ପାଇଁ ସେ ଶ୍ରୀ ମୁର୍ମୁଙ୍କୁ ବଧାଇ ଜଣାଇଛନ୍ତି।

## ଏନ୍‌ଆଇଟି...

ଭାନେଟ୍‌ସର ମୂଳ ଧାରଣା ହେଉଛି ନିକଟବର୍ତ୍ତୀ ଯାନବାହନଗୁଡ଼ିକ ପରସ୍ପର ସହ ସିଧାସଳଖ ଯୋଗାଯୋଗ କରିପାରିବେ। ଉଦାହରଣସ୍ୱରୂପ, ଏକ କାର୍ ଅନ୍ୟ ଯାନବାହନକୁ ହଠାତ୍ ବ୍ରେକ୍ କଷିବା କିମ୍ବା ରାସ୍ତାରେ ଆଗକୁ ଥିବା ଅନ୍ୟାନ୍ୟ ବାଧା ସମ୍ପର୍କରେ ଆଗୁଆ ଚେତାବନୀ ଦେଇପାରେ। ଏହା ଡ୍ରାଇଭିଂ, ସ୍ୱୟଂଚାଳିତ ଟ୍ରାଫିକ୍ ସିଷ୍ଟମ ଓ ଜରୁରୀ ସେବାକୁ ସହାୟତା ପ୍ରଦାନ କରେ। କିନ୍ତୁ ଯେତେବେଳେ ଏକାଧିକ ଯାନବାହନ ଏକକାଳୀନ ଭାବେ ମେସେଜ୍ ପଠାଇବେ, ସେତେବେଳେ ସିଷ୍ଟମରେ ଅଧିକ ଟ୍ରାଫିକ ହେବାର ସମସ୍ୟା ସୃଷ୍ଟି କରିପାରେ, ଯାହା ସିଷ୍ଟମର କାର୍ଯ୍ୟକ୍ଷମତାକୁ ପ୍ରଭାବିତ କରେ।

ଏନ୍‌ଆଇଟି ରାଉରକେଲାର ଗବେଷକମାନେ ଏହି ସମସ୍ୟାର ସମାଧାନ ପାଇଁ ଏଆଇ ଉପରେ ଆଧାରିତ ଏକ ମଡେଲ୍‌ର ପ୍ରସ୍ତାବ ଦେଇଛନ୍ତି। ଏହି ମଡେଲ ମଲ୍ଟି-ଏଜେଣ୍ଟ ଡିପ୍ ରିଇନଫୋର୍ସମେଣ୍ଟ ଲର୍ଣ୍ଣିଂ ବ୍ୟବହାର କରେ, ଯାହାଦ୍ୱାରା ପ୍ରତ୍ୟେକ ଯାନବାହନ ଅନ୍ୟ ଯାନବାହନର କାର୍ଯ୍ୟ ଅନୁସାରେ ନିଜର ମେସେଜ୍ ପଠାଇବାର ସମୟକୁ ନିୟନ୍ତ୍ରଣ କରିପାରିବେ। ଏହା ଯୋଗାଯୋଗରେ ପ୍ରତିଯୋଗିତା ହ୍ରାସ କରି ଜରୁରୀ ମେସେଜ୍‌ଗୁଡ଼ିକୁ ଅଗ୍ରାଧିକାର ଦେଇ ନିର୍ଭରଯୋଗ୍ୟ ଭାବେ ପଠାଇବାରେ ସହାୟକ ହୁଏ। ଏହି ଗବେଷଣାର ପ୍ରେରଣା ବିଷୟରେ ଡକ୍ଟର ଅରୁଣ କୁମାର କହିଛନ୍ତି ଯେ ଗତ ୨୦୨୩ରେ ଭାରତରେ ପ୍ରାୟ ୪ ଲକ୍ଷ ୮୦ ହଜାର ସଡ଼କ ଦୁର୍ଘଟଣା ଓ ତଜ୍ଜନିତ ୧ ଲକ୍ଷ ୭୨ ହଜାର ମୃତ୍ୟୁ ରିପୋର୍ଟ ହୋଇଥିଲା। ଯାହା ମଧ୍ୟରୁ ଅନେକ ଦୁର୍ଘଟଣାକୁ ଏହି ଆଧୁନିକ ପ୍ରଯୁକ୍ତି ବ୍ୟବହାର କରି ରୋକାଯାଇପାରିଥାନ୍ତା। ଆମର କାର୍ଯ୍ୟ ନିରାପଦ ରାସ୍ତା ଓ ସ୍ମାର୍ଟ ସହର ନିର୍ମାଣରେ ଏକ ନୂଆ ପଦକ୍ଷେପ। ଆମେ ଭାରତରେ ସ୍ୱୟଂଚାଳିତ ଯାନବାହନକୁ ବାସ୍ତବତାରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛୁ ଓ ଏହି ପେଟେଣ୍ଟ ହେଉଛି ‘ଇନୋଭେଟ ଇନ୍ ଇଣ୍ଡିଆ’ ଓ ‘ମେକ୍ ଇନ୍ ଇଣ୍ଡିଆ’ର ଚେତନାକୁ ଆଗେଇ ନେବାରେ ଏକ ଛୋଟ ପଦକ୍ଷେପ। ସେହିପରି ଏହି ଟେକ୍ନୋଲୋଜି ବିଷୟରେ ପ୍ରଫେସର ବିଭୁଦତ୍ତ ସାହୁ କହିଛନ୍ତି ଯେ ଏହି ପେଟେଣ୍ଟ ଭାରତର ରାସ୍ତା ବ୍ୟବସ୍ଥାକୁ ଭେହିକିଲ-ଟୁ-ଭେହିକିଲ ଯୋଗାଯୋଗ ପାଇଁ ପ୍ରସ୍ତୁତ କରିବାରେ ଏକ ବ୍ୟବହାରିକ ପଦକ୍ଷେପ। ଭାନେଟ୍‌ସରେ ଭିଡ଼କୁ ସମାଧାନ କରି ଏକ ଅନୁକୂଳ, ସମନ୍ୱିତ ଯୋଗାଯୋଗ ମଡେଲ ପ୍ରଦାନ କରିବାକୁ ସକ୍ଷମ। ଏହା ଏକ ନିରାପଦ ଓ ଅଧିକ ଦକ୍ଷ ଟ୍ରାଫିକ୍ ମ୍ୟାନେଜମେଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରିବାର ଲକ୍ଷ୍ୟ ରଖିଛି।

## ଓଡ଼ିଆ...

ଅନୁଭବ କରୁଛି। ଏହି ପବିତ୍ର ପାଦଦେଶରେ ହିଁ ଖ୍ରୀଷ୍ଟପୂର୍ବ ୨୬୧ରେ ମହାନ କଳିଙ୍ଗ ଯୁଦ୍ଧ ସଂଘଟିତ ହୋଇଥିଲା। ଆମର ପୂର୍ବଜମାନେ ଏହି ଭୂମିରେ ଅଦମ୍ୟ ସାହସ ଦେଖାଇ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଲଢ଼ିଥିଲେ। ତେଣୁ ଏହି ଭୂମିର ମହତ୍ତ୍ୱ ଓ ଐତିହ୍ୟ ଅତୁଳନୀୟ। ସେହିପରି ଧଉଳିଗିରି ପାଦଦେଶରେ ଥିବା ଅଶୋକ ଶିଳାଲେଖରେ କଳିଙ୍ଗ ସାମ୍ରାଜ୍ୟର ବିସ୍ତାର, କଳିଙ୍ଗ ଯୁଦ୍ଧର ଘଟଣାବଳୀ, ସମ୍ରାଟ ଅଶୋକଙ୍କ ବୌଦ୍ଧ ଧର୍ମ ଗ୍ରହଣ, ଚଣ୍ଡାଶୋକରୁ ଧର୍ମାଶୋକକୁ ପରିବର୍ତ୍ତନ ହେବା ଉପରେ ଲିପିବଦ୍ଧ ହୋଇଛି। ପ୍ରାଚୀନ କଳିଙ୍ଗର ରାଜନୀତି, ସଂସ୍କୃତି, ଧର୍ମ ଓ ଲିପିର ଇତିହାସ ଜାଣିବା ପାଇଁ ଏହି ଶିଳାଲେଖ ଅମୂଲ୍ୟ ଭଣ୍ଡାର ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

ଏଥିସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ପୂର୍ବୋଦୟ’ ମିଶନରେ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ମାର୍ଗ ଧଉଳି ଓ କଳିଙ୍ଗ ସାମ୍ରାଜ୍ୟର ଐତିହ୍ୟ ଭିତ୍ତିରେ ପ୍ରସ୍ତୁତି ପାଇଁ ଆମେ ସମସ୍ତେ ଉଦ୍ୟମ କରିବା ଉଚିତ। ଭାରତକୁ ସ୍ୱଦେଶୀ ଅର୍ଥନୀତି ସହ ଯୋଡିବା, ପରିବେଶକୁ ସ୍ୱଚ୍ଛ ରଖିବା ଓ ଆର୍ଥିକ ଅଭିବୃଦ୍ଧିକୁ ଗତି ଦେବା ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ। ଏହାଦ୍ୱାରା ହିଁ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ଲକ୍ଷ୍ୟ ସାକାର ହୋଇପାରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

## ଆଇଏଏସ୍...

ଆଇଏଏସ୍ ସମର୍ଥ ବର୍ମା ଏବେ ଓଡ଼ିଶା ସରକାରରେ ମାଇନର ମିନେରାଲ୍ସ ନିର୍ଦ୍ଦେଶକ ଓ ଅତିରିକ୍ତ ଭାବେ ଓଡ଼ିଶା ବନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଛନ୍ତି। ସମର୍ଥଙ୍କୁ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟରେ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ସେ ଦାୟିତ୍ୱ ନେବା ଦିନଠୁ ୫ବର୍ଷ ପର୍ଯ୍ୟନ୍ତ ଅବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇବେ। ତାଙ୍କୁ ନିଜର ନୂଆ ଦାୟିତ୍ୱ ତୁଲାଇବା ନିମନ୍ତେ ତୁରନ୍ତ ରିଲିଭ୍ କରିବାକୁ ମୁଖ୍ୟ ସଚିବଙ୍କୁ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଆଜି ଚିଠି ଲେଖି ଅବଗତ କରାଯାଇଛି।

୨୦୧୪ ବ୍ୟାଚ୍ ଆଇଏଏସ୍ ସ୍ୱାଧାଦେବ ସିଂ ଏବେ ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ଓ ରାଜ୍ୟ ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କୁ ଗତ ୨୬ତାରିଖରେ ନୂଆଦିଲ୍ଲୀସ୍ଥିତ ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କ କାର୍ଯ୍ୟାଳୟରେ ଜନଗଣନା ନିର୍ଦ୍ଦେଶକ/ନାଗରିକ ପଞ୍ଜିକରଣ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ସେ ଏହି ପଦବୀରେ ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବେ। ଏହାପରେ କେନ୍ଦ୍ରୀୟ ଷ୍ଟାଫିଙ୍ଗ୍ ସ୍କିମ୍ ଅଧୀନରେ ଅନୁମୋଦିତ ତାଙ୍କର କାର୍ଯ୍ୟକାଳକୁ ବୃଦ୍ଧି କରାଯାଇପାରିବ ବୋଲି ଉଲ୍ଲେଖ ରହିଛି। ତାଙ୍କୁ ତୁରନ୍ତ ରିଲିଭ୍ କରିବା ନିମନ୍ତେ ମୁଖ୍ୟ ସଚିବଙ୍କୁ ମଧ୍ୟ ଚିଠି ଲେଖି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ବିଭାଗ ସୂଚନା ଦେଇଛି।

## ଓଇଆରସି...

ତେଣୁ ବିଦ୍ୟୁତ ଆଇନ, ୨୦୦୩ ଧାରା ୬୨(୬) ଅନୁସାରେ ଅଧିକ ଆଦାୟ ହୋଇଥିବା ୮୯୫ କୋଟି ଟଙ୍କାର ରାଜସ୍ୱ ଉପଭୋକ୍ତାଙ୍କୁ ଫେରସ୍ତ କରାଯିବା ପାଇଁ ଆଦେଶ ଜାରି ହୋଇଛି। ଏଥିପାଇଁ ଆନ୍ଧ୍ର ଆୟୋଗ ବିତରଣ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ଆସନ୍ତା ନଭେମ୍ବରରୁ ୨୦୨୬ ଅକ୍ଟୋବର ମଧ୍ୟରେ ୧୨ଟି କିସ୍ତିରେ ଉପଭୋକ୍ତାଙ୍କ ମାସିକ ବିଦ୍ୟୁତ ବିଲ କିସ୍ତି ଅନୁସାରେ ଆଡଜଷ୍ଟ ମାଧ୍ୟମରେ ଫେରସ୍ତ କରାଯିବ। ଆନ୍ଧ୍ରପ୍ରଦେଶ ବିଦ୍ୟୁତ ନିୟାମକ ଆୟୋଗ ଜାରି କରିଥିବା ଫେରସ୍ତ ଆଦେଶ ଦେଶରେ ପ୍ରଥମ ହୋଇଥିବା ବେଳେ ଓଡିଶାରେ ଖୁଚୁରା ବିଦ୍ୟୁତ ମୂଲ୍ୟ ନିର୍ଣ୍ଣୟ ପ୍ରଣାଳୀରେ ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଅନୁମୋଦନ କରୁଥିବା ଆକଳିତ ବିଦ୍ୟୁତ କ୍ରୟ ମୂଲ୍ୟ (କେନ୍ଦ୍ରୀୟ ବିଦ୍ୟୁତ ଉତ୍ପାଦନ ସଂସ୍ଥାଙ୍କଠାରୁ) ଆଜି ପର୍ଯ୍ୟନ୍ତ ନିଜର କୌଣସି ଆଦେଶରେ ଟୃଇଙ୍ଗ ଅପ୍ ହୋଇଥିବା ଦର୍ଶାଇ ନାହାନ୍ତି। କିନ୍ତୁ ଆନ୍ଧ୍ର ଆୟୋଗ ବର୍ଷ ପୂରିବାର ୬ ମାସ ଭିତରେ ଟୃଇଙ୍ଗ ଅପ କରିଦେଇଛନ୍ତି ଓ ଫେରସ୍ତ ପାଇଁ ଆଦେଶ ମଧ୍ୟ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ୨୦୧୭-୧୮ରୁ ୨୦୨୩-୨୪ ପର୍ଯ୍ୟନ୍ତ ୭ ବର୍ଷ ମଧ୍ୟରେ ଓଡ଼ିଶାର ବିତରଣ କମ୍ପାନୀମାନେ ଆୟୋଗ ଅନୁମୋଦିତ ହାରାହାରି ବିଦ୍ୟୁତ ମୂଲ୍ୟଠାରୁ ଉପଭୋକ୍ତାଙ୍କଠାରୁ ୬୧୧୦ କୋଟି ଟଙ୍କା ଅଧିକ ଆଦାୟ କରିଛନ୍ତି। ଏହାର ସମ୍ପୂର୍ଣ୍ଣ ହିସାବ ସମ୍ପର୍କରେ ଓଡ଼ିଶା ଆୟୋଗଙ୍କୁ ଅବଗତ କରାଯାଇଥିଲେ ବି ଅଦ୍ୟାବଧି ଉପଭୋକ୍ତାଙ୍କୁ ଏହି ଅର୍ଥ ଫେରସ୍ତ ଦିଗରେ କୌଣସି ପଦକ୍ଷେପ ନିଆଯାଇନଥିବା ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ସୂଚନା ଦେଇଛନ୍ତି।

## କେବେ...

ମାନ ଓ ଓଜନ ଆଦିର ଯାଞ୍ଚ ଚଳାଇଛି।

ତେବେ ଏଭଳି ସାଇବର ଜାଲିଆତି ପଛରେ ରାଇସ୍ ମିଲ୍ ମାଲିକ ମାଷ୍ଟରମାଇଣ୍ଡ ଥିବା ଆଲୋଚନା ହେଉଛି। ବର୍ତ୍ତମାନ ଏହି ଅପରାଧରୁ ଖସିବା ପାଇଁ ସେ ନିଜର ଦୁଇ ଜଣ ବିଶ୍ୱସ୍ତ ଠିକା କର୍ମଚାରୀଙ୍କ ମୁଣ୍ଡରେ ଅଠା ବୋଳିବାକୁ ଉଦ୍ୟମ ଚଳାଇଛନ୍ତି। ସେମାନେ ଏଭଳି ଜାଲିଆତି କରିବା କଥା କୁହାଯାଉଛି। ସେହିଭଳି ଏହି ସାଇବର ଜାଲିଆତି ର୍‍ୟାକେଟରେ ଯୋଗାଣ ବିଭାଗର କେତେକ ଅସାଧୁ କର୍ମଚାରୀ ରାଇସ୍ ମିଲ୍ ମାଲିକଙ୍କଠାରୁ ଅର୍ଥ ନେଇଥିବା ବି ଆଲୋଚନା ହେଉଛି।

ରାଇସ୍ ମିଲ୍ ଉପରେ ଚଢ଼ାଉ ଓ ଯାଞ୍ଚ ଜାରି ରହିଥିବାବେଳେ ମାଲିକଙ୍କର କିନ୍ତୁ ଦେଖାଦର୍ଶନ ନାହିଁ। ଏଭଳି ଜାଲିଆତି ଅପରାଧରେ ସରକାର କାହିଁକି ତାଙ୍କୁ ତୁରନ୍ତ ବାନ୍ଧୁନାହାନ୍ତି ବୋଲି ଏବେ ସାଧାରଣରେ ପ୍ରଶ୍ନ ହେଲାଣି। ଏହି ଘଟଣାରେ ତୁରନ୍ତ ମିଲ୍ ମାଲିକଙ୍କୁ ବାନ୍ଧିବା ସହ ସାଇବର ପୁଲିସ୍ ଦ୍ୱାରା ଏହାର ଖୋଳତାଡ଼ କରାଗଲେ ଅନେକ ଗୁପ୍ତ ତଥ୍ୟ ପଦାକୁ ଆସିବା ସହ ରାଇସ୍ ମିଲ୍ ମାଲିକଙ୍କ ମୁଖା ଖୋଲିବ ବୋଲି କୁହାଯାଉଛି।

■ ମା'ଙ୍କ ଆବାହନ ଚାଲିଛି, କିନ୍ତୁ...

## ସାମାନ୍ୟ ଫୁଲତୋଳାରୁ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ



**ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ):** ଇତିମଧ୍ୟରେ ରାଜ୍ୟରେ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନାରେ ଏକ ଭକ୍ତିଭୟ ପରିବେଶ ସୃଷ୍ଟି ହୋଇଛି। ସବୁଠି ଭକ୍ତମାନେ ଏକ ଉତ୍ସବମୁଖର ପରିବେଶରେ ମା'ଙ୍କ ଆବାହନ କରିବାରେ ବ୍ୟସ୍ତ। କିନ୍ତୁ ସମାନ ସମୟରେ ସାମାନ୍ୟ ଫୁଲତୋଳାକୁ ନେଇ ଜଣେ ମା'ଙ୍କୁ ଯେପରି ଭାବେ ଅମାନୁଷିକ ଆକ୍ରମଣ କରାଯାଇଛି, ତାହା ନିଶ୍ଚିତ ଭାବେ କାହାକୁ ବି ବ୍ୟଥିତ କରିବ। ଭୁବନେଶ୍ୱରର ଜିଜିପି କଲୋନୀରେ ଆଜି ଭୋର୍ ସମୟରେ ଘଟିଛି ଏଭଳି ଅଘଟଣ। କେତେକ ଦୁର୍ବୃତ୍ତ ଉକ୍ତ ମହିଳାଙ୍କୁ ବିଧା, ମୁଥ ମାରିବା ସହ ଶେଷରେ ତଳେ ପକାଇ ତାଙ୍କ ଛାତିକୁ ଗୋଇଠା ମାରିବାକୁ ବି ପଛାଇନାହାନ୍ତି। ମାଡ଼ ଖାଇ ମହିଳା ଜଣଙ୍କ ଅଚେତ ହୋଇଯାଇଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଏନେଇ ମଞ୍ଚେଶ୍ୱର ଥାନାରେ ଏକ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୁଲିସ୍ ଖବର ଲେଖାଯିବା ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାରେ ସକ୍ଷମ ହୋଇପାରିନାହିଁ। ଅଧିକନ୍ତୁ ଏହି ମାମଲାରେ ଦୁର୍ବୃତ୍ତଙ୍କୁ ଠାବ କରାଯାଇପାରିନଥିବାରୁ ସମ୍ପୃକ୍ତ ମହିଳା ଜଣଙ୍କ ଡିସିପି ଅଫିସ୍‌ର ମଧ୍ୟ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

ଆକ୍ରମଣର ଶିକାର ହୋଇଥିବା ମହିଳାଙ୍କ ନାମ ପାର୍ବତୀ ପ୍ରଧାନ ହୋଇଥିବା ବେଳେ ତାଙ୍କୁ ମାଡ଼ ମାରିଥିବା ଯୁବକ ଜଣଙ୍କ ସ୍ଥାନୀୟ ଅଞ୍ଚଳରେ ଫୁଲ ଦୋକାନ କରିଥିବା ଦୀପୁ ସାହୁ ବୋଲି ଜଣାପଡ଼ିଛି। ଦୀପୁ ରହୁଥିବା ଭଡ଼ା ଘର ପାଚେରି ନିକଟରେ ଏକ ଫୁଲ ଗଛ ରହିଥିବା ବେଳେ ସେହି ଗଛରୁ ଫୁଲ ତୋଳିବାକୁ ନେଇ ସେ ପାର୍ବତୀଙ୍କୁ ଧମକଚମକ ଦେଇଥିଲା। ତେବେ ପାର୍ବତୀ ଏନେଇ ଦୀପୁର ମା'ଙ୍କୁ କହିଦେବାରୁ ସେ ଏଥିରେ କ୍ରୋଧାନ୍ୱିତ ହୋଇ ତାଙ୍କୁ ଆକ୍ରମଣ କରିଛି। ଏପରିକି ଏହି ଆକ୍ରମଣ ସମୟରେ ଦୀପୁର ଭଉଣୀ ତାକୁ ରୋକିବା ପରିବର୍ତ୍ତେ ଉସକାଇଥିବା ମଧ୍ୟ ଅଭିଯୋଗ ହୋଇଛି। ତେଣୁ ଏପରି ଏକ ଅମାନବୀୟ ଆକ୍ରମଣ ନେଇ ଦୀପୁ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସକାଶେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

■ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତିଙ୍କ ଦୃଢ଼ୋକ୍ତି

## ଜନଆନ୍ଦୋଳନରେ ପରିଣତ ହେବ ଭୋଟ୍ ଚୋରି ପ୍ରସଙ୍ଗ



**ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଭାବେ ନିକଟରେ ବରିଷ୍ଠ ନେତା ପ୍ରକାଶ ଚନ୍ଦ୍ର ଜେନାଙ୍କ ନାମ ଘୋଷଣା କରାଯାଇଛି। ଏହାପରେ ଶ୍ରୀ ଜେନା ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି ଓ ଦଳର ବିଭିନ୍ନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବା ନେଇ ସେମାନେ ସଙ୍କେତ ଦେଇଛନ୍ତି। ଭୁବନେଶ୍ୱର ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ଦେଇଥିବାରୁ ଶ୍ରୀ ଜେନା ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ପୂର୍ବତନ ଏଆଇସିସି ଅଧ୍ୟକ୍ଷା ସୋନିଆ ଗାନ୍ଧି, ସାଂସଦ ପ୍ରିୟଙ୍କା ଗାନ୍ଧି ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ସେ କହିଛନ୍ତି ଯେ ରାହୁଲ ଗାନ୍ଧି ଆରମ୍ଭ କରିଥିବା ଭୋଟ୍ ଚୋରି ପ୍ରସଙ୍ଗକୁ ରାଜ୍ୟରେ ଆଗାମୀ ଦିନରେ ବିରାଟ ଜନଆନ୍ଦୋଳନରେ ପରିଣତ କରାଯିବ। ଏହି ପ୍ରସଙ୍ଗରେ ରାଜ୍ୟର କୋଣଅନୁକୋଣରେ ଥିବା ଲୋକଙ୍କୁ ସଚେତନ କରାଯିବ ବୋଲି ଶ୍ରୀ ଜେନା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ଗତ ବିଜେଡି ସରକାର କେବଳ ରଙ୍ଗ ବଦଳାଇ ଲୋକଙ୍କୁ ଭୁଆଁ ବୁଲାଉଥିଲେ ବୋଲି ଶ୍ରୀ ଜେନା କହିଛନ୍ତି। ଏହାଛଡ଼ା କଂଗ୍ରେସ ସରକାର ଅମଳରେ ଓଡ଼ିଶାରେ ଏନଆରଏଚଏମଠାରୁ ଆରମ୍ଭ କରି ଏମ୍ସ, ପାରାଦ୍ୱୀପ ବନ୍ଦର, ନାଲକୋ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ହାଲ, ହୀରାକୁଦ ଡ୍ୟାମ, ଇନ୍ଦ୍ରାବତୀ, କୋଲାବ ଆଦି ପ୍ରକଳ୍ପ ବାସ୍ତବ ରୂପ ନେଇଥିଲା। କିନ୍ତୁ ଏବେ ରାଜ୍ୟରେ ନାରୀ ପ୍ରତି ଅତ୍ୟାଚାର ବୃଦ୍ଧି ପାଉଛି, ହସ୍ପିଟାଲ ଅଛି କିନ୍ତୁ ଡାକ୍ତର ନାହାନ୍ତି। ସେହିଭଳି ସ୍କୁଲ କଲେଜରେ ଶିକ୍ଷକ ନାହାନ୍ତି। ଭୁବନେଶ୍ୱର ଏବେ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଛି। ଗୋଟିଏ ପଟେ ସମସ୍ତ ବଡ଼ ବଡ଼ କର୍ପୋରେଟ ହାଉସ୍ ରହିଥିବା ବେଳେ ବସ୍ତି ଅଞ୍ଚଳରେ ଲୋକେ ପୋକମାଛି ଭଳି ରହିବାକୁ ବାଧ୍ୟ ହେଉଛନ୍ତି। ବେକାରୀ ସମସ୍ୟା ଏତେ ବୃଦ୍ଧି ପାଇଛି ଯେ ଶିକ୍ଷିତ ଯୁବକଯୁବତୀ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ତେଣୁ ସାମ୍ପ୍ରତିକ ସମୟରେ କଂଗ୍ରେସର ପ୍ରଥମ କର୍ତ୍ତବ୍ୟ ପ୍ରତ୍ୟେକ ୱାର୍ଡରେ ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା। ଏଥିସହ ଆଗାମୀ ମହାନଗର ନିର୍ବାଚନରେ ସମସ୍ତ ୱାର୍ଡରେ କର୍ପୋରେଟର ନିର୍ବାଚନ ଲଢ଼ିବା ସହ ମେୟର ପାଇଁ ଶକ୍ତିଶାଳୀ ପ୍ରାର୍ଥୀ ଦେଇ ଦଳ ନିର୍ବାଚନ ରଣାଙ୍ଗନରେ ଜୋରଦାର ଲଢ଼େଇ କରିବ ବୋଲି ଶ୍ରୀ ଜେନା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ପୂଜା ପାଇଁ ଟ୍ୱିନସିଟିରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

# ୧୯୩ ମଣ୍ଡପକୁ ଜଗିବେ ୬୧ ପ୍ଲାଟୁନ୍ ଫୋର୍ସ

**ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ):** ଟ୍ୱିନ୍‌ସିଟିରେ ଜମିଲାଣି ପାର୍ବଣ ମାହୋଲ୍। ଉଭୟ ଭୁବନେଶ୍ୱର ଓ କଟକରେ ପୂଜା ପେଣ୍ଡାଲ୍‌ରେ ଭକ୍ତମାନଙ୍କ ଭିଡ଼ ଜମିବା ଆରମ୍ଭ ହୋଇଗଲାଣି। ଆସନ୍ତାକାଲିଠାରୁ ମଣ୍ଡପଗୁଡ଼ିକରେ ଅଷ୍ଟମୀ ପୂଜା ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଭକ୍ତମାନେ ଯେପରି ସୁରୁଖୁରୁରେ ମଣ୍ଡପ ବୁଲି ସୁରକ୍ଷିତ ଭାବେ ଘରକୁ ଫେରିପାରିବେ, ସେ ଦିଗରେ କମିଶନରେଟ୍ ପୁଲିସ୍ ପକ୍ଷରୁ ଠୋସ୍ ପଦକ୍ଷେପ ନିଆଯାଇଛି। ଏ ନେଇ ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ ସୂଚନା ଦେଇଛନ୍ତି। ସେ ଦେଇଥିବା ସୂଚନାନୁସାରେ, ଏଥର ଦ୍ୱୈତନଗରୀରେ ମୋଟ ୧୯୩ଟି ମେଢ଼




ପୂଜା ପାଇବେ। ତେଣୁ ଏହିସବୁ ମେଢ଼କୁ ଜଗିବା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସକାଶେ ମୋଟ ୬୧ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି। ଏହାଛଡ଼ା ୨୦ ପ୍ଲାଟୁନ୍ ହୋମ୍‌ଗାର୍ଡଙ୍କୁ ମଧ୍ୟ ପୂଜା ଡ୍ୟୁଟିରେ ନିୟୋଜିତ କରାଯାଇଥିବା ବେଳେ ସେମାନେ ମୁଖ୍ୟତଃ ଟ୍ରାଫିକ୍ ଡ୍ୟୁଟିରେ ରହିବେ ବୋଲି କମିଶନର୍ ଶ୍ରୀ ସିଂହ କହିଛନ୍ତି। ତାଙ୍କ କହିବାନୁସାରେ, ୧୯୩ ମଣ୍ଡପ ମଧ୍ୟରୁ ୨୪ଟି ପେଣ୍ଡାଲରେ ଅଳଙ୍କାର ସୁରକ୍ଷା ବ୍ୟବସ୍ଥା ହୋଇଛି। ସେହିପରି ବିଦ୍ୟୁତ୍ ଓ ନିଆଁଜନିତ ବିପଦରୁ ଭକ୍ତମାନଙ୍କୁ ସୁରକ୍ଷା ଦେବା ସକାଶେ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଏହାଛଡ଼ା ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣ ଉପରେ ପୁଲିସ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଡ୍ରୋନ ସହାୟତାରେ ମଣ୍ଡପ ଉପରେ କଡ଼ା ନଜର ମଧ୍ୟ ରଖାଯାଇଛି। ଏପରିକି ସ୍ମାର୍ଟ କଣ୍ଟ୍ରୋଲ ରୁମ ଜରିଆରେ ପାର୍ବଣ ପରିଚାଳନା ମଧ୍ୟ କରାଯାଉଛି। ସିସିଟିଭି ନଜରରେ ସମସ୍ତ ପୂଜା ମଣ୍ଡପ ରହିଛି। ପାର୍ବଣକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବାକୁ ପୁଲିସ କମିଶନର ଜନସାଧାରଣଙ୍କୁ କହିବା ସହ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ସେହିପରି ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅପରାଧିକ ତତ୍ତ୍ୱକୁ ପ୍ରଶ୍ରୟ ନ ଦେବା ସକାଶେ ୩ ପ୍ଲାଟୁନ ସେଣ୍ଟ୍ରାଲ ଆର୍ମଡ୍ ଫୋର୍ସ ମଧ୍ୟ ମୁତୟନ ରହିବେ। ୩ ଜଣ ଡିସିପି ର୍‍ୟାଙ୍କ୍ ଅଫିସର ପୂଜା ପ୍ରସ୍ତୁତିର ମନିଟର କରିବେ। ଡ୍ରୋନ ମାଧ୍ୟମରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ହେବା ସହ ୪ଟି ଅତ୍ୟାଧୁନିକ ଡ୍ରୋନ ଜରିଆରେ ସହରର ଭିଡ଼ ଓ ପୂଜା ଉପରେ ନଜର ରଖାଯିବ। ଏହାଛଡ଼ା ଚୋରି, ଛିନତାଇ ଓ ଲୁଟପାଟ ଉପରେ ନଜର ରଖିବାକୁ ମୋବାଇଲ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ଷ୍ଟ୍ରାଇକିଂ ଫୋର୍ସ, ସ୍ପେଶାଲ ଟାକ୍ଟିକାଲ ୟୁନିଟ, ବମ ଡିସ୍ପୋଜାଲ ସ୍କ୍ୱାଡ୍ ମଧ୍ୟ ମୁତୟନ ରହିବେ ବୋଲି ଶ୍ରୀ ସିଂହ ସୂଚନା ଦେଇଛନ୍ତି।

## ଧାମନଗର କଲେଜର ଏନ୍‌ଏସ୍‌ଏସ୍ ସ୍ପେଶାଲ କ୍ୟାମ୍ପ ଉଦ୍‌ଘାଟିତ

**ଭଦ୍ରକ,୨୯।୯ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଧାମନଗର ମହାବିଦ୍ୟାଳୟର +୩ ଜାତୀୟ ସେବା ଯୋଜନା ଏନଏସଏସ ୟୁନିଟ୍ ଦ୍ୱାରା ଆୟୋଜିତ ସାତଦିନିଆ ଦୁର୍ଗାପୂଜା ସ୍ପେଶାଲ କ୍ୟାମ୍ପ ରବିବାର ପୋଷ୍ୟଗ୍ରାମ ନନ୍ଦିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉଦଘାଟିତ ହୋଇଛି। ଉଦଘାଟନୀ ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ବେଜ ସଭାପତିତ୍ୱ କରି "ଛାତ୍ରଜୀବନରେ ସେବା, ପରୋପକାର ଓ ସମାଜସେବା ହେଉଛି ଜୀବନର ଅବିଚ୍ଛିନ୍ନ ଅଂଶ ଏନଏସଏସ ଏହି ମୂଲ୍ୟବୋଧକୁ ପ୍ରାଣବନ୍ତ କରିଥାଏ। ସ୍ଥାନୀୟ ଗ୍ରାମର ଅବସରପ୍ରାପ୍ତ ଶିକ୍ଷାବିତ ପ୍ରିୟରଞ୍ଜନ ସାମଲ ଏନଏସଏସ ର ଉତ୍ପତ୍ତି, ଇତିହାସ ଓ ଛାତ୍ରଜୀବନରେ ଏହାର ଭୂମିକା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ୱାର୍ଡ ମେମ୍ବର ବାସନ୍ତୀ ବେହେରା, ବରିଷ୍ଠ ନାଗରିକ ଧନେଶ୍ୱର ନାଏକ, ମହାବିଦ୍ୟାଳୟର ଅଧ୍ୟାପକ ଚିନ୍ମୟ ଜେନା, ଅଧ୍ୟାପିକା ଗୀତାଞ୍ଜଳି ଦେବତା, କର୍ମଚାରୀ ଜିଜ୍ଞାସୁ ଦାଶ ଓ ଅବସରପ୍ରାପ୍ତ କର୍ମଚାରୀ ରାମଚନ୍ଦ୍ର ବେହେରା ମଧ୍ୟ ସଭାକୁ ସମ୍ବୋଧିତ କରି "ସେବା ହିଁ ପରମ ଧର୍ମ ବୋଲି ଉଲ୍ଲେଖ କରିଥିଲେ। ପ୍ରୋଗ୍ରାମ ଅଫିସର ଡ. ମନୋଜ କୁମାର କର ଏନଏସଏସ ସ୍ୱେଚ୍ଛାସେବୀ ହେବାର ସୁଫଳ, ସମାଜ ସେବା ମାଧ୍ୟମରେ ବ୍ୟକ୍ତିଗତ ଉନ୍ନତି ଓ ଦାୟିତ୍ୱବୋଧ ବୃଦ୍ଧି ବିଷୟରେ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିଥିଲେ।ଶିବିରର ପ୍ରଥମ ଦିନରେ ୪୬ ଜଣ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଯୋଗଦାନ କରିଥିଲେ। ପୂର୍ବତନ ସ୍ୱେଚ୍ଛାସେବୀ ଭାଗିରଥି ମାଝୀ ଓ ଅନ୍ୟମାନଙ୍କର ସହଭାଗୀତା ଶିବିରକୁ ଆଉ ଉତ୍ସାହିତ କରିଥିଲା।ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀମାନେ ସମୁଦାୟଭାବେ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଅଧ୍ୟାପକ ଚିନ୍ମୟ ଜେନା ଧନ୍ୟବାଦ ଜଣାଇ ସଭାର ସମାପନ କରିଥିଲେ।

## ଟ୍ରକ୍ ଚେସିସ୍‌ରେ ୬ଫୁଟ ଲମ୍ବା ଅଜଗର ସାପ



**ରାୟଗଡ଼ା,୨୯।୯(ସଂଚାର ବ୍ୟୁରୋ):** ଏକ ୬ ଫୁଟ ଲମ୍ବ ଅଜଗର ସାପ ଟ୍ରକ ଭିତରୁ ଉଦ୍ଧାର ହୋଇଛି। ସାପଟିର ଓଜନ ପ୍ରାୟ ୩୦ କେଜି ପାଖାପାଖି ରହିଥିବା ନେଇ କୁହାଯାଉଛି। ରାୟଗଡ଼ା ସହର ଦେଇ ଯାଇଥିବା ୩୨୬ ନଂ ଜାତୀୟ ରାଜପଥ କଡ଼ରେ ଥିବା ଏକ ଗ୍ୟାରେଜ ନିକଟରେ ଛିଡା ହୋଇଥିବା ଏକ ଟ୍ରକ ଭିତରୁ ସାପଟିକୁ ଉଦ୍ଧାର କରାଯାଇଛି । ଖବର ପାଇ ରାୟଗଡ଼ ସହରର ଖ୍ୟାତନାମା ସାପ ଧରାଳି ପ୍ରଦୀପ ସେନାପତି ଏହି ସାପଟିକୁ ଉଦ୍ଧାର କରି ବନ ବିଭାଗ ସହଯୋଗରେ ସହର ଉପକଣ୍ଠ ସ୍ଥିତ ଜଙ୍ଗଲରେ ଛାଡ଼ିଥିଲେ ।ମିଳିଥିବା ସୂଚନା ପ୍ରକାରେ ଦଶହରା ପୂଜା ପାଇଁ ଟ୍ରକ ମାଲିକ ବାସୁ ନିଜ ଟ୍ରକ ସଫା କରିବାକୁ ଯାଇଥିବା ବେଳେ ଟ୍ରକ ଚେସିସ ପାଖରେ ଏକ ବଡ଼ ସାପ ଥିବା ଦେଖିବାକୁ ପାଇଥିଲେ ।

## ଚମ୍ପୁଆ ରେଞ୍ଜକୁ ଫେରିଲେ ୩୦ଟିକିଆ ହାତୀପଲ

**କେନ୍ଦୁଝର,୨୯।୯(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜକୁ ପୁଣି ଫେରିଛନ୍ତି ୩୦ ଟିକିଆ ହାତୀପଲ। ଏନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ହାତୀପଲ ଆସୁଆସୁ ମାଳିପଶି ଗାଁରେ ପଶି ୩ଟି ଘର ଭାଙ୍ଗି



ଦେଇଥିବା ବେଳେ ଧାନଚାଉଳ ଖାଇ ବ୍ୟାପକ କ୍ଷୟକ୍ଷତି କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳରୁ ହାତୀପଲକୁ ଘଉଡାଇ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି। ସୂଚନା ଯୋଗ୍ୟ ଯେ ହାତୀପଲରେ ୧୨ଟି ମାଈ ହାତୀ ଥିବା ବେଳେ ୧୧ଟି ଦନ୍ତା ଓ ୭ଟି ଛୁଆ ହାତୀ ଥିବା ଜଣାପଡିଛି।

## ବବ୍ରୁବାହନ ନାୟକଙ୍କ ଶୋକସଭା

**ଭଦ୍ରକ, ୨୯।୯ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଧିନ ମତୋ ଫାଣ୍ଡି ପରିସରରେ ସୋମବାର ଦିନ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମତୋ ଫାଣ୍ଡି ର ପୂର୍ବତନ ଫାଣ୍ଡି ଅଧିକାରୀ ତଥା ଏବେକାର ପୁରୁଣା ବଜାରର ଥାନା ର ଥାନା ଅଧିକାରୀ ବବ୍ରୁବାହନ ନାୟକଙ୍କ ଅକାଳ ବିୟୋଗ ପାଇଁ ମତୋ ଫାଣ୍ଡି ପରିସରରେ ଶ୍ରୀ ନାୟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଶୋକସଭା ଅନୁଷ୍ଠିତ ହୋଇଥିଲା।ଶ୍ରୀ ନାୟକ ଏକ କାର୍ଯ୍ୟ ପାଇଁ କଟକ ଯାଇଥିଲେ ଫେରିବା ବାଟରେ ବାଇକ ଦୁର୍ଘଟଣା ହୋଇଥିଲା। ଏହା କୁ ନଜରରେ ରଖି ମତୋ ଅଞ୍ଚଳ ର ବୁଦ୍ଧିଜିବୀ ଙ୍କ ସମେତ ଚାନ୍ଦବାଲି ଥାନାର ଥାନା ଅଧିକାରୀ ପରେଶ ମହାନ୍ତି, ମତୋ ଫାଣ୍ଡି ର ଫାଣ୍ଡି ଅଧିକାରୀ ଛତିଶକୁମାର ଗୋଛି ଙ୍କ ସମେତ ମତୋ ଫାଣ୍ଡି ର ସମସ୍ତ କର୍ମଚାରୀ ଙ୍କ ସମେତ ମତୋ ଅଞ୍ଚଳର ବୁଦ୍ଧିଜିବୀ ଉମାକାନ୍ତ ସାମଲ, ପ୍ରଦୀପ ପଲାଇ, ବାନାମ୍ବର ନାୟକ, ଅଶୋକ ପଣ୍ଡା, ଦେବକାନ୍ତ ମହାନ୍ତି, ମୁରଲିଧର ମହାନ୍ତି, ରବିନାରାୟଣ ମହାନ୍ତି, ମୁକ୍ତିକାନ୍ତ ସେଠୀ, ରାଜେଶ ସ୍ୱାଇଁ, ପ୍ରବଣ ବଳ, ରତିକାନ୍ତ ନାୟକ, ସୁଦର୍ଶନ ନାୟକ, ନିଲୁ ନାୟକ, ରସ୍ମିକାନ୍ତ ପଣ୍ଡା, ରମେଶ ପାଣିଗ୍ରାହୀ ଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ମାନେ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା କରିଥିଲେ।

## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ଉତ୍ସବ

**ଭଦ୍ରକ, ୨୯।୯ (ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ଉତ୍ସବ ରବିବାର ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ଆଗରପଡ଼ା ମେଳନ ପଡ଼ିଆ ଠାରେ ପାଳିତ ହୋଇଯାଇଛି। ସଂଘ ୧୯୨୫ ମସିହା ସେପ୍ଟେମ୍ବର ୨୭ ତାରିଖ କିଛି ଉତ୍ସାହୀ ଯୁବକ ମାନଙ୍କୁ ନେଇ ଆରମ୍ଭ କରାଯାଇଥିଲା। ପ୍ରତିଷ୍ଠାତା ଡ.କେଶବ ବଳିରାମ ହେଡ୍‌ଗେୱାର୍ ଏକ ମହାନ୍ ଚିନ୍ତାଧାରା ନେଇ ଏହା ଗଠନ କରିଥିବା ବେଳେ ବ୍ୟକ୍ତି କୈନ୍ଦ୍ରିକ ନ ହୋଇ ସମାଜ କୈନ୍ଦ୍ରିକ ଭାବେ ରାଷ୍ଟ୍ର ହିତରେ କାର୍ଯ୍ୟ କରିବା ସଂଗଠନର ଲକ୍ଷ୍ୟ ଥିଲା। ଦେଶରେ କ୍ରାନ୍ତି ଆଣିବାର ପ୍ରୟାସରେ ଲକ୍ଷ ଲକ୍ଷ ସ୍ୱୟଂ ସେବକ ଏବେ ବିଭିନ୍ନ ପ୍ରାନ୍ତରେ କାର୍ଯ୍ୟ କରି ଆସୁଛନ୍ତି। ଅନେକ ବାଧା ପ୍ରତିବନ୍ଧକକୁ ସାମ୍ନା କରି ସଂଘ ଆଗକୁ ବଢ଼ୁଥିବା ବେଳେ ବିଶେଷ କରି ଅଯୋଧ୍ୟାର ରାମ ଜନ୍ମଭୂମି ଆନ୍ଦୋଳନ କାଳରେ ସ୍ୱୟଂ ସେବକଙ୍କ କାର୍ଯ୍ୟଧାରକୁ ବିଶ୍ୱବାସୀ ପରଖି ଥିବା ଜିଲ୍ଲା କାର୍ଯ୍ୟବାହକ ରଶ୍ମିରଞ୍ଜନ ରାଉତ୍ ପ୍ରକାଶ କରିଥିଲେ। ଜିଲ୍ଲା ଶାରିରୀକ ଶିକ୍ଷା ଶିକ୍ଷଣ ପ୍ରମୁଖ ସଞ୍ଜୟ କୁମାର ବାରିକ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶତାଧିକ ସ୍ୱୟଂ ସେବକ ଗଣବେଶରେ ଏକତ୍ରିତ ହେବା ସହ ଗୈରିକ ଧ୍ୱଜ ପୂଜା କରାଯାଇଥିଲା। ପରେ ସଂଚଳନରେ ଆଗରପଡ଼ା ବଜାର ପରିକ୍ରମା କରିଥିଲେ ସ୍ୱୟଂ ସେବକ ମାନେ। ଶେଷରେ ଶାରିରୀକ ଓ ବୌଦ୍ଧିକ କାର୍ଯ୍ୟକ୍ରମ ସହ ସଂଘ ପ୍ରାର୍ଥନା ବୋଲାଯାଇ ସମାପନ କରାଯାଇଥିଲା। ବନ୍ତ ଖଣ୍ଡ କର୍ଯ୍ୟବାହ ସୁବାଷ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଦୀପ କୁମାର ପୁହାଣ, ରାଜୀବ ଲୋଚନ ରାୟ, ଅମୂଲ୍ୟ ରତ୍ନ ନନ୍ଦ, ଗୋପାଳ କୃଷ୍ଣ ଦାଶ, ମଧୁସୂଦନ ପଣ୍ଡା, କିରଣ ମୟ ବେହେରା, ଅଶୋକ ପରିଡ଼ା, ବାବୁରାମ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରକାଶଯେ ଶତାବ୍ଦୀ ପୂର୍ତ୍ତି ଅବସରରେ ଏକ ବର୍ଷ ବ୍ୟାପି ବିବିଧ କାର୍ଯ୍ୟକ୍ରମ ଜାରି ରହିବ।

## ରାସ୍ତା ଅବରୋଧ କରି ମ୍ୟାଚ୍ ଦେଖୁଥିଲେ, ପୁଲିସ୍‌କୁ ଆକ୍ରମଣ

**ସୋର,୨୯।୯(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ସୋର ପୌରପାଳିକା ଅନ୍ତର୍ଗତ କୋର୍ଟ ସମ୍ମୁଖରେ ରବିବାର ବିଳମ୍ବିତ ରାତିରେ ସୋର ଥାନାଧିକାରୀଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ ହୋଇଛି। ରାସ୍ତା ଅବରୋଧ କରି ମ୍ୟାଚ୍ ଦେଖୁଥିବା ଯୁବକଙ୍କୁ ବାରଣ କରିବାରୁ ଉତ୍‌କ୍ଷିପ୍ତ ଯୁବକମାନେ ପୁଲିସ୍‌କୁ ମାଡ଼ ମାରିଥିବା ଜଣାପଡ଼ିଛି। ସୂଚନାନୁସାରେ, ରବିବାର ଏସିଆ କପ୍ ଫାଇନାଲ୍ ମ୍ୟାଚ୍ ଚାଲିଥିବା ବେଳେ କୋର୍ଟ ନିକଟସ୍ଥ ତାରିଣୀ ମନ୍ଦିର ସମ୍ମୁଖରେ ରାସ୍ତା ଅବରୋଧ କରି ଏକ କ୍ଲବ୍‌ର ସଦସ୍ୟମାନେ ଏଲ୍‌ଇଡି ଲଗାଇ ମ୍ୟାଚ୍‌ର ସିଧାପ୍ରସାରଣ ଦେଖୁଥିଲେ। ଏହି ସମୟରେ ସୋର ଥାନାଧିକାରୀ ସୁଦୀପ୍ତ କୁମାର ସାହୁ ପାଟ୍ରୋଲିଂ କରୁଥିବା ବେଳେ ସେଠାରେ ପହଞ୍ଚି ରାସ୍ତା ଅବରୋଧ ହଟାଇବାକୁ ଯୁବକମାନଙ୍କୁ ପ୍ରଶ୍ନ କହିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ କେତେକ ଯୁବକ ଥାନାଧିକାରୀ ଶ୍ରୀ ସାହୁ ଓ ଏଏସ୍‌ଆଇ ସମୀର ବେହେରାଙ୍କୁ ଆକ୍ରମଣ କରିଥିଲେ। ଶ୍ରୀ ବେହେରା ଗୁରୁତର ହୋଇଥିବା ବେଳେ ଥାନାଧିକାରୀ ଶ୍ରୀ ସାହୁ ଆହତ ହୋଇଛନ୍ତି। ଘଟଣାରେ ପୁଲିସ୍ ଜଣଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିବା ସହ ଘଟଣାର ତଦନ୍ତ କରୁଛି।

## ମାଳତୀରାରେ ଶାରଦୀୟ ଦୁର୍ଗାପୂଜା

**ଭଦ୍ରକ, ୨୯।୯ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ପଧାନପଡ଼ା ପଞ୍ଚାୟତ ମାଳତୀରା ଦେବୀସାହି ଠାରେ ଶହେ ବର୍ଷରୁ ଉର୍ଦ୍ଧ୍ୱ ହେବ ପାଳିତ ହୋଇ ଆସୁଥିବା ଶାରଦୀୟ ଦୁର୍ଗା ପୂଜା ଚଳିତ ବର୍ଷ ମହାସମାରୋହରେ ଆରମ୍ଭ ହୋଇଛି। ନେପାଳ ଦାସ, ସୁବାଷ ଦାସ, କାହ୍ନୁ ଚରଣ ରାମଙ୍କ ଦ୍ୱାରା ସ୍ଥାନୀୟ ଗୋପାଳ ପୋଖରୀରୁ କଳସ ଅଣାଯାଇ ଘଟ ସ୍ଥାପନ କରାଯାଇଥିଲା। ରବିବାର ତପଷଷ୍ଠୀ ଓ ବେଲ୍ଲାଧିବାସ, ସୋମବାର ମହାସପ୍ତମୀ ପୂଜା, ମଙ୍ଗଳବାର ମହାଷ୍ଟମୀ ପୂଜା ଓ ସନ୍ଧି ପୂଜା, ପ୍ରସାଦ ସେବନ, ବୁଧବାର ମହାନବମୀ ପୂଜା, ଗୁରବାର ଦଶହରା ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂଜକ ଭାବେ ଭାସ୍କର ଚନ୍ଦ୍ର ଶତପଥି ଓ ସହଯୋଗୀ ଭାବେ ସନ୍ତୋଷ ଶତପଥି, ଶଶୀକାନ୍ତ ମହାପାତ୍ର ଏବଂ ସହଯୋଗୀ ଭାବେ କୃପାସିନ୍ଧୁ ରଣା, ପଦ୍ମନାଭ ପଣ୍ଡା ଦାୟିତ୍ୱ ତୁଲାଉଛନ୍ତି। ଏହି ପୂଜା ପାଇଁ ମାଳତୀରା ଗ୍ରାମକୁ ଅତ୍ୟାଧୁନିକ ଆଲୋକମାଳାରେ ସଜା ଯାଇଥିବା ବେଳେ ମା'ଙ୍କୁ ଦର୍ଶନ କରିବା ପାଇଁ ଆଖପାଖ ଅଚଂଳରୁ ଶତାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳୁଛି। କମିଟିର ସଭାପତି ନାରାୟଣ ଚନ୍ଦ୍ର ସାହୁ, ଉପ-ସଭାପତି ନରହରି ଜେନା, ସମ୍ପାଦକ ସୁଧାଂଶୁ ଶେଖର ମହାନ୍ତି, ସହ-ସମ୍ପାଦକ ରମାକାନ୍ତ ଜେନା, କୋଷାଧ୍ୟକ୍ଷ ଅକ୍ଷୟ ଅନନ୍ତ କର, ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ନିରାକର ସାହୁ, ଗୋବିନ୍ଦ ଜେନା, ପଚାଂନନ ସୁତାର, ବୁଦ୍ଧିରାମ ଜେନା ଓ ଉପଦେଷ୍ଟା ରଘୁନାଥ ରଣା, ସନାତନ ସାହୁଙ୍କ ସମେତ ମାଳତୀରା ଗ୍ରାମବାସୀ ମାନେ ସହାୟତା କରୁଛନ୍ତି। ଦଶହରା ଦିବସରେ ଲାଖବିନ୍ଧା ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

ପ୍ରଧାନ ଶିକ୍ଷକଙ୍କ ନାଲି ଆଖି ଯୋଗୁଁ ଭବିଷ୍ୟତ ଅନ୍ଧାର

# ୧୪ ବର୍ଷରେ ଦାଦନ ଗଲେ ୯ମ ଛାତ୍ର

**ରାୟଗଡ଼ା,୨୯।୯(ସଂଚାର ବ୍ୟୁରୋ):** ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନାଲିଆଖି ଯୋଗୁଁ ଅନ୍ଧାରରେ ଛାତ୍ରଙ୍କ ଭବିଷ୍ୟତ। ନବମ ଶ୍ରେଣୀ ପରୀକ୍ଷାରୁ ବଞ୍ଚିତ ହୋଇ କେରଳ ରାଜ୍ୟକୁ ଦାଦନ ଖଟି ଗଲେ ୧୪ ବର୍ଷର ଛାତ୍ର। ବିଦ୍ୟାଳୟରେ ଡ୍ରପ ଆଉଟ୍ ହ୍ରାସ କରିବା ବଦଳରେ ପିଲାଙ୍କ ପାଠ ଛଡାଉଛନ୍ତି ପ୍ରଧାନ ଶିକ୍ଷକ।

**ଡ୍ରପ ଆଉଟ ହ୍ରାସ ବଦଳରେ ପାଠ ଛଡ଼ାଉଛନ୍ତି ପ୍ରଧାନ ଶିକ୍ଷକ**

ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତି। ରାଜ୍ୟ ସରକାର ଆସ ସ୍କୁଲକୁ ଯିବା ଯୋଜନାର ପରିକଳ୍ପନା କରୁଥିବା ବେଳେ ବାବୁ ଜଣଙ୍କ ସରକାରଙ୍କ ସବୁ ନିୟମକୁ ଉଲ୍ଲଂଘନ କରିଥିବା ଅଭିଭାବକ ଆଦିତ୍ୟ ସୁନା, ସୁଲୋଚ ସୁନା, ଅନୁ ବାଗ, ବୁଲୁ ବାଗ, ନୀରୁ ବାଗଙ୍କ ସମେତ ମୁନିଗୁଡ଼ା ସାଂସଦ ପ୍ରତିନିଧି ରଜନୀକାନ୍ତ ପୋତାଲ ଅଭିଯୋଗ କରିଛନ୍ତି। ସମସ୍ତ ଅଭିଯୋଗକୁ ଆଧାର କରି ଗଣମାଧ୍ୟମରେ ଖବର ପରିବେଷଣ କରାଯିବା ପରେ ଘଟଣାକୁ ମିଛ ପ୍ରମାଣିତ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି ବାବୁ। ଜଣେ ଛାତ୍ର ୧୦ ଦିନ ବିଦ୍ୟାଳୟରେ ଅନୁପସ୍ଥିତ ଥିବାରୁ ତାଙ୍କ ନାମ କାଟି ଦେଇଥିବା ଅଭିଯୋଗ କରିଥଲେ। ପୁନର୍ବାର ଅଭିଭାବକମାନେ ବିଦ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷକଙ୍କ ଗୋଡ଼ ଧରି ନେହୁରା ହେବା ସହ ଅନୁପସ୍ଥିତ କାରଣ ଦର୍ଶାଇ ଦରଖାସ୍ତ ଦେବା ପରେ ମଧ୍ୟ ପ୍ରଧାନଶିକ୍ଷକ ଜଣଙ୍କ ମହିଳା ଅଭିଭାବକ ଅନୁ ବାଗଙ୍କୁ ନାଲି ଆଖି ଦେଖାଇବା ସହ ମେଡ଼ିକାଲ ରିପୋର୍ଟ ମାଗିଥିବା ଅନୁ ଅଭିଯୋଗ କରିଛନ୍ତି। ତାଙ୍କ ପୁଅର ସ୍ୱାସ୍ଥ୍ୟ ଖରାପ ଥିବାରୁ ବିଦ୍ୟାଳୟରେ ଅନୁପସ୍ଥିତ ରହି ୧୦ ଦିନ ଘରେ ଚେରମୂଳି ଚିକିତ୍ସା କରାଇଥିବା ଅଭିଭାବକ ଅନୁ ବାଗ ଜଣାଇଥିବା ବେଳେ ଚେରମୂଳି ଚିକିତ୍ସାର ରିପୋର୍ଟ ଦିଅ ବୋଲି ପ୍ରଧାନ ଶିକ୍ଷକ ଜଣଙ୍କ ଅଭିଭାବକଙ୍କ ନାଲି ଆଖି ଦେଖାଇଥିବା ଛାତ୍ରଙ୍କ ମା' ଅନୁ ବାଗ ଅଭିଯୋଗ କରିଛନ୍ତି। ସେହିପରି ବିଦ୍ୟାଳୟ ବାହାର ସ୍କୁଲ୍ ସମୟରେ କିଛି ଛାତ୍ରଙ୍କ ନିଶା ସେବନ କରୁଥିବା ଭିଡ଼ିଓ ଉକ୍ତ ପ୍ରଧାନଶିକ୍ଷକ ସୋସିଆଲ ମିଡିଆରେ ଭାଇରାଲ କରି ଅଭିଭାବକଙ୍କ ଠାରୁ ସାଦା କାଗଜରେ ଦସ୍ତଖତ ନେଇ ୪ଜଣ ଛାତ୍ରଙ୍କୁ ବିଦ୍ୟାଳୟରୁ ଟିସି ଦେଇଥିଲେ। ଅଭିଭାବକମାନେ ଜାଣିବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାମନ ମୂର୍ତ୍ତିଙ୍କ ଗୋଡ଼ ଧରି ପିଲାମାନଙ୍କ ଭବିଷ୍ୟତ ଅନ୍ଧାର କରନି ବୋଲି କାକୁତି ମିନତି ହେବା ପରେ ମଧ୍ୟ ଅମାନିଆ ଶିକ୍ଷକ ଜଣଙ୍କ ମାନମାନି କରିବା ସହ ପିଲାମାନଙ୍କୁ ଦୁଇ ମାସ ପ୍ରେଜେଣ୍ଟ ନପକାଇବା ସହ ନବମ ଶ୍ରେଣୀ ପରୀକ୍ଷାରୁ ବଞ୍ଚିତ ରଖିଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ସମେତ ଅଭିଭାବକମାନେ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ବେଳେ ଘଟଣାର ଅନୁଧ୍ୟାନ କରିବା ସହ ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାଇଥିଲେ। ୧୪ ବର୍ଷର ନବମ ଶ୍ରେଣୀ ଛାତ୍ରମାନଙ୍କ ଭିଡିଓ ଭାଇରାଲ କରି ପ୍ରଧାନ ଶିକ୍ଷକ ଜଣଙ୍କ ସମାଜକୁ କି ପ୍ରକାର ସନ୍ଦେଶ ଦେବାକୁ ଚାହୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପିଲା ମାନଙ୍କ ଭବିଷ୍ୟତକୁ ନେଇ ଅଭିଭାବକ ମାନେ ଚିନ୍ତିତ ଥିବା ବେଳେ ପରୀକ୍ଷାରୁ ବଞ୍ଚିତ ଛାତ୍ର ମାନେ ମାନସିକ ଦୁଶ୍ଚିନ୍ତା ଭୋଗୁଥିବା ପାରିବାର ଲୋକେ ପ୍ରକାଶ କରିଛନ୍ତି। ତେବେ ବିଦ୍ୟାଳୟରେ ଡ୍ରପ ଆଉଟ୍ ହ୍ରାସ କରିବା ବଦଳରେ ପ୍ରଧାନ ଶିକ୍ଷକଙ୍କ ନାଲିଆଖି ପିଲାଙ୍କ ପାଠ ପଢା ଛଡାଉଛି ବୋଲି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ପିଲାଙ୍କ ଭବିଷ୍ୟତ ଉପରେ ଖେଳୁଥିବା ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତିଙ୍କ ଉପରେ ଜିଲ୍ଲା ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନବମ ଶ୍ରେଣୀ ପରୀକ୍ଷାରୁ ବଞ୍ଚିତ ଛାତ୍ରଙ୍କୁ ପରୀକ୍ଷା ଦେବା ପାଇଁ ସୁଯୋଗ ଦେବାକୁ ଅଞ୍ଚଳ ବାସୀ ଦାବୀ କରିଛନ୍ତି।

## ବାଇକ୍- କାର ମୁହାଁମୁହିଁ ଧକ୍କା, ୨ ମୃତ



**ଆଳି,୨୯।୯(ସଂଚାର ବ୍ୟୁରୋ) :** ପିଉସୀ ଘରକୁ ବେଭାର ନେଇ ଆସିଥିଲେ ହେଲେ ଆଉ ଫେରିଲେନି ଘରକୁ। ବାଟରେ ଚାଲିଗଲା ଦୁଇଜଣଙ୍କ ଜୀବନ। ଏମିତି ଏକ ଦୁଖଦଃ ଘଟଣା ଘଟିଛି ଆଳି ନିକଟରେ। ଫେରିବା ବେଳେ ସଡ଼କ ଦୁର୍ଘଟଣାରେ ଚାଲିଗଲା ପୁତୁରା ଓ ଜଣେ ସମ୍ପର୍କୀୟଙ୍କ ଜୀବନ। କେନ୍ଦ୍ରାପଡା ଜିଲ୍ଲା କଟକ-ଚାନ୍ଦବାଲି ରାସ୍ତାର ଆଳି ଗୋପୀନାଥପୁର ଶାସନ ଛକରେ ବାଇକ୍ ଓ କାର ମୁହାଁମୁହିଁ ଧକ୍କା ହେବା ଯୋଗୁ ଦୁଇ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ଦୁଇଜଣ ହେଉଛନ୍ତି ପଟ୍ଟାମୁଣ୍ଡାଇ ଅରଡ଼ ଗାଁର ଅଜିତ ନାୟକ ଓ ଅନ୍ୟଜଣେ ସମ୍ପର୍କୀୟ ହେଉଛନ୍ତି ଅରଡ଼ପଲି ଗାଁର ନରେନ୍ଦ୍ର ଦାସ। ମୃତକ ଦୁଇଜଣ ପିଉସୀ ଘରକୁ ବେଭାର ଦେଇ ବାଇକରେ ଘରକୁ ଫେରୁଥିଲେ। ହେଲେ କଟକ-ଚାନ୍ଦବାଲି ରାସ୍ତାର ଗୋପିନାଥପୁର ଶାସନ ଛକ ନିକଟରେ ପଟ୍ଟାମୁଣ୍ଡାଇ ପଟୁ ଆସୁଥିବା ଏକ କାର ସହିତ ତାଙ୍କ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ ଆରୋହୀ ଦୁଇଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ସଙ୍ଗେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ଦୁଇଜଣଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏହି ଦୁଃଖଦ ଘଟଣା ଯୋଗୁ ମୃତକଙ୍କ ଗାଁରେ ଶୋକର ଛାୟା ଖେଳିଯାଇଛି।



















## ଉପର ପଡ଼ିଆରେ ହେବ ବାଲିଯାତ୍ରା
# ୯ରେ ହାଇକୋର୍ଟରେ ଶୁଣାଣି

**କଟକ,୨୯।୯(ସଂଚାର ବ୍ୟୁରୋ):** ଉପର ପଡ଼ିଆରେ ବି ହେବ ବାଲିଯାତ୍ରା। ଏନେଇ କୋର୍ଟଙ୍କୁ ଦିଆଯିବ ସତ୍ୟପାଠ। ରୂପରେଖ କ'ଣ ହେବ କୋର୍ଟଙ୍କୁ ଅବଗତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାପାଳଙ୍କ ଆବାସିକ ବାସଭବନରେ ବସିଥିବା ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୯ ତାରିଖରେ ହାଇକୋର୍ଟରେ ଏହି ମାମଲାର ଶୁଣାଣି ହେବ। ସେପଟେ ଗତ ୨୬ରୁ ଆରମ୍ଭ ହୋଇଥିବା ପଞ୍ଜିକରଣ ପାଇଁ ଆବେଦନ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଜଣେ ବ୍ୟକ୍ତି ଓ ଅନୁଷ୍ଠାନ ୩ଟି ଲେଖାଁଏ ପ୍ଲଟ ପଞ୍ଜିକରଣ ପାଇଁ ଆବେଦନ କରିପାରିବେ। ୧୦୦ ଟଙ୍କା ଦେଇ ସେମାନେ ଫର୍ମ କିଣି ଏହି ଆବେଦନ କରିପାରିବେ। ଏ ସଂକ୍ରାନ୍ତରେ cuttack.odisha.gov.in ୱେବସାଇଟରେ ଅଧିକ ବିବରଣୀ ମିଳିପାରିବ। ସେହିପରି ଖାଦ୍ୟ ପାଇଁ ଅଲଗା ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ପୃଥକ୍ ଭାବେ ଆବେଦନ କରିବାକୁ କୁହାଯାଇଛି। ଚଳିତ ବର୍ଷ ପ୍ଲଟ ପଞ୍ଜିକରଣ ମୂଲ୍ୟ ୫ ହଜାର ଟଙ୍କା ରଖାଯାଇଛି।

# ଏଥର କଟକରେ ୧୭୬ ମଣ୍ଡପ, ୩୬ ଚାନ୍ଦିମେଢ଼

**କଟକ, ୨୯।୯(ସଂଚାର ବ୍ୟୁରୋ):** ଷଷ୍ଠୀ ତିଥିରୁ ମଣ୍ଡପରେ ଜଗତଜନନୀ ମା'ଦୁର୍ଗା ପୂଜା ଆରମ୍ଭ ହୋଇଥିବା ବେଳେ ଏହା ଦଶହାର ପର୍ଯ୍ୟନ୍ତ ଜାରି ରହିବ। ଭକ୍ତମାନେ ମା'ଙ୍କ ଚରଣରେ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରୁଛନ୍ତି। ଦଶହରା ପାଇଁ ଐତିହାସିକ କଟକ ସହର ପୁଣି ଥରେ ଚଳଚଞ୍ଚଳ ହୋଇଉଠିଛି। ୫୨ ବଜାର ୫୩ ଗଳିରେ ଦଶହରାର ମାହୋଲ ଦେଖିବାକୁ ମିଳିଛି। ଚଳିତବର୍ଷ ୧୭୬ ମଣ୍ଡପରେ ମା' ଦୁର୍ଗା ପୂଜା ପାଉଛନ୍ତି। ଏହିମଧ୍ୟରୁ ମା' ଦୁର୍ଗା ୩୬ଟି ଚାନ୍ଦି ମେଢ଼ଯୁକ୍ତ ମଣ୍ଡପ ନିର୍ମାଣ ହୋଇଛି। କଟକ ଦଶହରାର ବିଶେଷତା ହେଉଛି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଓ ମେଢ଼। ଏଠାରେ ମା'ଙ୍କର ମେଢ଼କୁ ପ୍ରଥମେ ରଙ୍ଗୀନ କାଗଜ ଓ ସୋଲରୁ ପ୍ରସ୍ତୁତ କରାଯାଉଥିଲା। ପରେ ଏଥିରେ ଜରି ବ୍ୟବହାର କରାଗଲା, ଯାହା କି ମା'ଙ୍କ ମୂର୍ତ୍ତିକୁ ଆହୁରି ଆକର୍ଷଣୀୟ କରିଥିଲା। ପରବର୍ତ୍ତୀ ସମୟରେ ଜରିର ସ୍ଥାନ ନେଇଛି ରୁପା ଓ ସୁନା। ଚୌଧୁରୀବଜାର, ଶେଖ୍ ବଜାର, ଅଲିଶା ବଜାର, ବାଲୁବଜାର, ଚାଉଳିଆଗଂଜ, ଚାନ୍ଦିନୀ ଚୌକ, ଶଙ୍କରପୁର-ବାଦାମବାଡ଼ି (ମହାଦେବ), କାଜିବଜାର, ତୁଳସୀପୁର (ମହାଦେବ), ବୁଢ଼ି ଠାକୁରାଣୀ, ଗଣେଶଘାଟ (ମହାଦେବ), ବାଖରାବଜାର (ଛିନ୍ନମସ୍ତା), ଫିରିଙ୍ଗିବଜାର, ନୟାସଡ଼କ (ମହାଦେବ), କାଠଗଡ଼ାସାହି, ପୀଠାପୁର (କାଳୀୟଦଳନ), ଦରଘାବଜାର, ମାଛୁଆବଜାର, ମଙ୍ଗଳାବାଗ, ରାଣୀହାଟ, ଛତ୍ରବଜାର, ଖାନନଗର, ଶିଖରପୁର, ହରିପୁର-ଦୋଳମୁଣ୍ଡାଇ, ବିଡ଼ାନାସୀ କୁମ୍ଭାରସାହି, ଗଙ୍ଗାମନ୍ଦିର, କଲେଜଛକ, ଖଟବିନସାହି, କାଫଲାବଜାର, ମହମ୍ମଦିଆବଜାର, ନିମସାହି (ମହାଦେବ), ନିମଚୌଡ଼ି (ହରପାର୍ବତୀ), ତୁଳସୀପୁର ମଠସାହି, ରାମଗଡ଼-କନିକାଛକ, ଯୋବ୍ରା ଓ ଗୋପାଳଜୀଉ ମଠସାହିରେ ଚାନ୍ଦିମେଢ଼ ନିର୍ମାଣ କରାଯାଇଛି।
















# ବାପୁଜୀନଗର ମା' ଦୁର୍ଗାଙ୍କ ପୀଠରେ ନବରାତ୍ର ପୂଜା

**ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ):** ଏକାମ୍ର କ୍ଷେତ୍ର ବାପୁଜୀନଗର ସ୍ଥିତ ପ୍ରସିଦ୍ଧ ଶ୍ରୀଦୁର୍ଗା ମନ୍ଦିରରେ ଚଳିତବର୍ଷ ଶାରଦୀୟ ପୂଜାଉତ୍ସବ ଅବସରରେ ଗତ ୨୨ ତାରିଖ ପ୍ରତିପଦ ତିଥିଠାରୁ ନବରାତ୍ର ପୂଜାର୍ଚ୍ଚନା ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଛି। ଦୀର୍ଘ ୫୫ ବର୍ଷ ଧରି ଭୁବନେଶ୍ୱରର ଏହି ପ୍ରମୁଖ ଶକ୍ତିପୀଠରେ ଚଳିତ ବର୍ଷ ୧୦ ଜଣ ବ୍ରାହ୍ମଣ ପଣ୍ଡିତ ମା'ଙ୍କର ବିଶେଷ ପୂଜା ଭୋଗ ପ୍ରସ୍ତୁତ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ରାଧାବଲ୍ଲଭ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନବରାତ୍ର ପୂଜା ଉପଲକ୍ଷେ ପ୍ରତେହ ସୂର୍ଯ୍ୟପୂଜା ହୋମ, ଷୋଡଶ ଉପଚାରରେ ଦିବା ରାତ୍ର ଦୁଇଥର ଅନ୍ନଭୋଗ ଆଳତି ବେଶ ଅଖଣ୍ଡ ଦୀପ ପ୍ରଦାନ ଇତ୍ୟାଦି ବିଶେଷ ନୀତି ଆଧ୍ୟାତ୍ମିକ ପରିବେଶରେ ପାଳିତ ହେଉଅଛି। ଘଣ୍ଟ, ଘଣ୍ଟା, ଶଙ୍ଖ ଧ୍ୱନି ମଧ୍ୟରେ ମା'ଙ୍କ ପୀଠରେ ଚଣ୍ଡୀ ପାଠ ସମେତ ପ୍ରତ୍ୟେହ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କୁ ମନ୍ଦିର ଟ୍ରଷ୍ଟି ପକ୍ଷରୁ ଶୃଙ୍ଖଳା ଭୋଗ ବିତରଣ କରାଯାଉଛି।

ବାପୁଜୀ ନଗରସ୍ଥିତ ୨୦ ପରିବାର ପକ୍ଷରୁ ଏହି ଅବସରରେ ପାଳି ଅନୁଯାୟୀ ପ୍ରସାଦ ବ୍ୟବସ୍ଥାର ଆୟୋଜନ ହେବା ସହ ମହାସପ୍ତମୀ, ମହାଷ୍ଟମୀ, ମହାନବମୀରେ ପୀଠରେ ମା'ଙ୍କ ବିଶେଷ ପୂଜାର୍ଚ୍ଚନା ସମେତ ପୁରୀର ପାରମ୍ପରିକ ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ବେଶ ଉପକରଣରେ ମା'ଙ୍କୁ ମହାକାଳୀ, ମହାଲକ୍ଷ୍ମୀ, ମହାଦୁର୍ଗା ଓ ମହା ସରସ୍ୱତୀ ବେଶରେ ମଣ୍ଡିତ କରାଯିବ। ବିଜୟାଦଶମୀ ତିଥିରେ ଦୁର୍ଗା ଦେବୀଙ୍କ ଅପରାଜିତା ପୂଜା ମହା ସମାରୋହରେ ପାଳିତ ହେବ। ନବରାତ୍ରି ପୂଜା ନିମନ୍ତେ ମନ୍ଦିର ଟ୍ରଷ୍ଟିର ବରିଷ୍ଠ ସଦସ୍ୟ ଦୁଷ୍ମନ୍ତ ସାହୁ, ସୁର କିଶୋର ମହାନ୍ତି, ସୂର୍ଯ୍ୟ ସୁନ୍ଦର ସେନଗୁପ୍ତ, ମୀନକେତନ ଜେନା, ବିଶ୍ୱଜିତ ମିତ୍ର, ନିରଂଜନ ସାମନ୍ତରା ପ୍ରମୁଖ ପରିଚାଳନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଭୁବନେଶ୍ୱର ସମତା ପୁରୀ, କଟକ, ଚୌଦ୍ୱାର, ଖୋର୍ଦ୍ଧା, ଜଟଣୀ ଇତ୍ୟାଦିରୁ ବହୁ ସଂଖ୍ୟକ ବିଶିଷ୍ଟ ଅତିଥି, ଭକ୍ତ ଶ୍ରଦ୍ଧାଳୁ ମା'ଙ୍କ ଦିବ୍ୟ ବେଶ, ଆଳତି ପ୍ରସାଦ ପ୍ରାପ୍ତ ହୋଇ ନିଜକୁ କୃତାର୍ଥ ମଣିଥିଲେ।



## 'ଅଗ୍ନି' ଅଭିଯାନ: ୧୦ ଦିନରେ ୧୮୪ ମାମଲା
# ୧୩୩ ଗିରଫ, ୪୫ ଜଣଙ୍କୁ ନୋଟିସ ଜାରି

**ଭୁବନେଶ୍ୱର, ୨୯।୯(ସଂଚାର ବ୍ୟୁରୋ):** ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଗତ ୧୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଓଡିଶା ପୋଲିସ ତରଫରୁ ସମଗ୍ର ଓଡ଼ିଶାରେ 'ଅଗ୍ନି' ଅଭିଯାନ ଆରମ୍ଭ କରାଯାଇଥିଲା। ଆସନ୍ତା ପର୍ବପର୍ବାଣିକୁ ଦୃଷ୍ଟିରେ ରଖି ବେଆଇନ ବିସ୍ଫୋରକ ଭଣ୍ଡାର, ବିନା ଅନୁମତିରେ ପରିବହନ ଓ ବେଆଇନ ଆତସବାଜି ବିକ୍ରୟକୁ ରୋକିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଇଛି। ସମଗ୍ର ରାଜ୍ୟରେ ଏହି ଅଭିଯାନରେ ସର୍ବମୋଟ ୧୮୪ ଟି ମାମଲା ରୁଜୁ ହୋଇଥିବା ବେଳେ ୧୩୩ ଜଣଙ୍କୁ ଗିରଫ ଏବଂ ୪୫ ନୋଟିସ ଜାରି କରାଯାଇଛି। ମୋଟ ଆନୁମାନିକ ୮,୩୪,୬୦,୭୦୦/- ମୂଲ୍ୟର ସାମଗ୍ରୀ ଜବତ କରାଯାଇଛି।

'ଅଗ୍ନି' ଅଭିଯାନ ଫଳରେ ରାଜ୍ୟରେ ବେଆଇନ ଆତସବାଜି ଓ ବିସ୍ଫୋରକ ବ୍ୟବସାୟରେ ରୋକ ଲାଗି ପାରିଛି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅପରେସନ ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ରାଜ୍ୟ ପୋଲିସର ଏହି ପ୍ରୟାସ ପର୍ବ-ପର୍ବାଣୀ ସମୟ ରେ ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତି ସୁରକ୍ଷାକୁ ସୁନିଶ୍ଚିତ କରିଛି। ଉଲ୍ଲେଖଯୋଗ୍ୟ ଯେ, ଏହି ଅଭିଯାନରେ ସମଗ୍ର ରାଜ୍ୟରେ ଅନୁଗୁଳ, କେନ୍ଦୁଝର, ଗଞ୍ଜାମ, ବୌଦ୍ଧ ଜିଲ୍ଲାରେ ସର୍ବାଧିକ ପରିମାଣର ବେଆଇନ ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ବୌଦ୍ଧ ଜିଲ୍ଲାରେ ସର୍ବାଧିକ ୫ କୋଟି ମୂଲ୍ୟର ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ୧୦ଟି ମାମଲା ରୁଜୁ ହୋଇଥିଲା ବେଳେ ୫ ଜଣଙ୍କୁ ଗିରଫ ଏବଂ ୫ ଜଣଙ୍କୁ ନୋଟିସ ଜାରି କରାଯାଇଛି। ସେହିପରି ଗଞ୍ଜାମ ଜିଲ୍ଲାରେ ୨୧,୦୫.୦୦୦ ଟଙ୍କା ମୂଲ୍ୟର ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିବା ବେଳେ ୧୪ ଟି ମାମଲା ରୁଜୁ ସହ ୪ ଜଣଙ୍କୁ ଗିରଫ ଏବଂ ୧୦ ଜଣଙ୍କୁ ନୋଟିସ ଜାରି କରାଯାଇଛି। ସେହିପରି କେନ୍ଦୁଝର ଜିଲ୍ଲାରେ ୧୫,୧୬,୦୦୦/- ଟଙ୍କା ମୂଲ୍ୟର ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିବା ବେଳେ ୨୧ ଟି ମାମଲା ରୁଜୁ ଏବଂ ୨୧ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଅନୁଗୁଳ ଜିଲ୍ଲାରେଚ ୧.୫୦/- କୋଟି ଟଙ୍କା ମୂଲ୍ୟର ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିବା ବେଳେ ୧୭ ଟି ମାମଲା ରୁଜୁ ସହ ୧୩ ଜଣଙ୍କୁ ଗିରଫ କରାଯାଇଛି।

## ବିଦ୍ୟୁତ କାଟ୍‌କୁ ନେଇ ଅତିଷ୍ଠ ଗ୍ରାମବାସୀ
# ୫ ବିଦ୍ୟୁତ କର୍ମଚାରୀ ୧୦ ଘଣ୍ଟା ଅଟକ

**ଗଞ୍ଜାମ,୨୯।୯(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ଗାଁରେ ରବିବାର ସନ୍ଧ୍ୟାରୁ ବିଳମ୍ବିତ ରାତି ଯାଏ ବିଦ୍ୟୁତ୍ କର୍ମଚାରୀଙ୍କୁ ଅଟକ ରଖାଯାଇଥିଲା। ପ୍ରାୟ ୨ମାସ ହେଲା ସମଗ୍ର ପଞ୍ଚାୟତ ଅଞ୍ଚଳରେ, ବାରମ୍ବାର ବିଦ୍ୟୁତ୍ କାଟ ଏବଂ ଅତ୍ୟଧିକ ବିଦ୍ୟୁତ୍ ବିଲକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ରବିବାର ସନ୍ଧ୍ୟାରେ ଟିପିଏସଓଡିଏଲର ବିଦ୍ୟୁତ୍ ବିଭାଗର ୫ଜଣ କର୍ମଚାରୀ ଗାଁରେ ପହଞ୍ଚି ଥିଲେ। ବିଦ୍ୟୁତ କାଟ ସମ୍ବନ୍ଧୀୟରେ ଗ୍ରାମବାସୀ ଓ କର୍ମଚାରୀଙ୍କ ସହ ବଚସା ହୋଇଥିଲା। ପରେ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ବିଭାଗର ଗାଡ଼ି ସମେତ ଗାଁ ମଠ ଦାଣ୍ଡ ସ୍ଥିତ ଏକ ଘରେ କର୍ମଚାରୀଙ୍କୁ ଦୀର୍ଘ ୧୦ ଘଣ୍ଟା ଅଟକ ରଖିଥିଲେ। ଉପରିସ୍ଥ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ କର୍ମଚାରୀଙ୍କୁ ଛଡାଯିବ ବୋଲି ଗ୍ରାମବାସୀ ଜିଦ୍ ଧରି ବସିଥିଲେ।

## ● ବିଦେଶୀ ମଦ ଦୋକାନରୁ ଡକାୟତି
# କାନ୍ଥ ଭାଙ୍ଗି ଲୁଟିନେଲେ ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା



**କଳାହାଣ୍ଡି,୨୯।୯(ସଂଚାର ବ୍ୟୁରୋ) :** କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅନ୍ତର୍ଗତ ବିଜମରା ବିଦେଶୀ ମଦ ଦୋକାନରୁ ଡକାୟତି ହୋଇଥିବା ଅଭିଯୋଗ କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ଡକାୟତମାନେ ଏହି ଦୋକାନର କାନ୍ଥ ଭାଙ୍ଗି ପ୍ରାୟ ଆଠ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଆଜି ମଦ ନିଗମରେ ଏହି ଟଙ୍କା ଜମା କରିଥାନ୍ତି କର୍ମଚାରୀ। କଲମପୁର ଥାନାରେ ଅଭିଯୋଗ ପରେ କଲମପୁର ପୋଲିସ ପହଞ୍ଚି ତନାଘନା ଆରମ୍ଭ କରିଛି। ଘଟଣାସ୍ଥଳରେ ଧର୍ମଗଡ ଏସଡିପିଓ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# ସାମ୍ବାଦିକଙ୍କୁ ଗୁଳିମାଡ଼, ହସ୍ପିଟାଲରେ ଭର୍ତ୍ତି

**ନରସିଂହପୁର, ୨୯।୯(ସଂଚାର ବ୍ୟୁରୋ) :** ସାମ୍ବାଦିକଙ୍କୁ ହୋଇଛି ଗୁଳିମାଡ଼। ଘରେ ପଶି ରାତି ଅଧରେ ଗୁଳିମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। କଟକ ଜିଲ୍ଲା ମାଣିଆ ବନ୍ଧ ଥାନା ସୁନ୍ଦରିଆ ଗାଁରେ ଘଟିଛି ଏହି ଗୁଳିକାଣ୍ଡ। ଏକ ଘରୋଇ ଟିଭି ଚ୍ୟାନେଲର ସାମ୍ବାଦିକ ମନୋଜ ନାଏକଙ୍କୁ ଗୁଳିମାଡ଼ ହୋଇଛି। ତାଙ୍କ ଡାହାଣ କାନ୍ଧ ଓ ବାମ ହାତରେ ଗୁଳି ବାଜିଛି। ତାଙ୍କୁ ଆହତ ଅବସ୍ଥାରେ ମାଣିଆବନ୍ଧ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗୁଳିମାଡ଼ ହୋଇଥିବା ସୂଚନା ମିଳିଛି। ରାତିରେ ଶୋଇଥିବା ବେଳେ ତାଙ୍କୁ ନିଦରୁ ଉଠାଇ ଦୁର୍ବୃତ୍ତ ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ଛାନଭିନ ଆରମ୍ଭ କରିଛି।

## ● ସୁଶିଲ ସୁବୁଦ୍ଧି ଅପହରଣ ମାମଲା
# ୫ ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ

**ବାଲୁଗାଁ, ୨୯।୯(ସଂଚାର ବ୍ୟୁରୋ):** ବାଲୁଗାଁର ବ୍ୟବସାୟୀ ସୁଶିଲ ସୁବୁଦ୍ଧିଙ୍କୁ ଅପହରଣ କରି ୧କୋଟି ଟଙ୍କା ମାଗିବା ଘଟଣାରେ ପାଞ୍ଚ ଜଣଙ୍କୁ ଗିରଫ କରିଛି ପୁଲିସ। ସେମାନଙ୍କ ନିକଟରୁ କାର, ନଗଦ ୬ ଲକ୍ଷ ୨୫ହଜାର ଟଙ୍କା , ମାରଣାସ୍ତ୍ର ସହ ମୋବାଇଲ ଜବତ କରିଛି ପୁଲିସ। ଏହି ମାସ ୨୭ତାରିଖ ରାତିରେ କରାଯାଇଥିଲା ଅପହରଣ। ଫିଲ୍ମ ଷ୍ଟାଇଲରେ ଅପରାଧୀ କରିଥିଲେ ଯୋଜନା। ୧୨ ଘଣ୍ଟାର ଅପରେସନ ପରେ ଉଦ୍ଧାର କଲା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଓ ବାଣପୁର ଅଞ୍ଚଳର ବୋଲି ଏସପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶନିବାର ରାତି ପ୍ରାୟ ୧୧ଟା ୫୦ ମିନିଟରେ ସୁଶିଲ ନିଜ ଦୋକାନ ବନ୍ଦ କରି ସ୍କୁଟି ଯୋଗେ ପାଟଣାସାହି ସ୍ଥିତ ଘରକୁ ଫେରୁଥିଲେ। ବାଲୁଗାଁ କେନ୍ଦ୍ରୀୟ ସ୍କୁଲ ଠାରେ ୫ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ମାରଣାସ୍ତ୍ର ଦେଖାଇ ପାଟି କଲେ ଜୀବନରେ ମାରିଦେବାକୁ ଧମକ ଦେଲେ ଆଖିରେ କଳାକନା ଓ ହାତକୁ ବାନ୍ଧିଦେବା ପରେ ତାଙ୍କୁ ଏକ କାରରେ ଉଠାଇନେଇ ଚାଲିଯାଇଥିଲେ। ସୁଶୀଳ ନିକଟରେ ଥିବା ୩ ଲକ୍ଷ ୪୫ହଜାର ଟଙ୍କା ନଗଦ ଓ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ। ରାତି ସାରା କାର୍‌ରେ ସୁଶୀଲଙ୍କୁ ମାଡ଼ ମାରିଥିଲେ। ଘରକୁ ଫୋନ୍ କରି ୧ କୋଟି ଟଙ୍କା ଅଣାଇଲେ ଛାଡ଼ିବୁ ବୋଲି କହିଥିଲେ।

# ଟ୍ରାକ୍ଟର ଓଲଟି ୧୫ ଆହତ

**ମୋହନା,୨୯।୯(ସଂଚାର ବ୍ୟୁରୋ) :** ସୋମବାର ଦିନ ଗଜପତି ଜିଲ୍ଲାରେ ଏକ ଟ୍ରାକ୍ଟର ଓଲଟି ପଡ଼ିବା ଫଳରେ ପ୍ରାୟ ୧୫ ଜଣ ଆହତ ହୋଇଛନ୍ତି। ଜିଲ୍ଲାର ଆଡାବା ପୋଲିସ ଷ୍ଟେସନ ସୀମା ଅନ୍ତର୍ଗତ ଢେପାଗୁଡ଼ା ଘାଟ ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। ରିପୋର୍ଟ ଅନୁଯାୟୀ, ଟ୍ରାକ୍ଟରଟି ଗରାଡାମା ପଞ୍ଚାୟତରୁ ରାସନ ଲୋଡ୍ କରି ଫେରୁଥିଲା। ଏହା ଢେପାଗୁଡ଼ା ଘାଟ ରାସ୍ତା ପାର ହେଉଥିଲା ବେଳେ ଗାଡ଼ିର ଡ୍ରାଇଭର କୌଣସି ପ୍ରକାରେ ଷ୍ଟିଅରିଂ ଉପରୁ ନିୟନ୍ତ୍ରଣ ହରାଇ ଦେଇଥିଲେ। ଫଳରେ ଗାଡ଼ିଟି ଓଲଟି ପଡ଼ିଥିଲା। ଏଥିରେ ପ୍ରାୟ ୧୫ ଜଣ ଆହତ ହୋଇଛନ୍ତି।










ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଶସ୍ତା ହେବ ସ୍ୱିସ୍ ଘଣ୍ଟା, ଚକୋଲେଟ୍

## ସ୍ୱିଜରଲ୍ୟାଣ୍ଡ୍, ନରୱେ ଜିନିଷ ଦାମ୍ କମିବ

## ୧ରୁ ଲାଗୁ ହେବ ବାଣିଜ୍ୟ ରାଜିନାମା



ନୂଆଦିଲ୍ଲୀ, ୨୯।୯: ଆସନ୍ତା ଅକ୍ଟୋବର ୧ରୁ ଭାରତୀୟ ଗ୍ରାହକମାନେ ସୁଲଭ ମୂଲ୍ୟରେ ସ୍ୱିସ୍ ହାତଘଣ୍ଟା, ଚକୋଲେଟ୍, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଓ ସାଇକଲ୍ ଆଦି କିଣିପାରିବେ। କାରଣ ସେହିଦିନଠାରୁ ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ (ଇଏଫ୍‌ଟିଏ) ସହ ହୋଇଥିବା ରାଜିନାମା କାର୍ଯ୍ୟକାରୀ ହେବ। ଏହି ରାଷ୍ଟ୍ର ସମୂହରେ ସ୍ୱିଜରଲ୍ୟାଣ୍ଡ୍, ଆଇସ୍‌ଲ୍ୟାଣ୍ଡ୍, ନରୱେ ଓ ଲିଚେନ୍‌ଷ୍ଟିନ୍ ରହିଛନ୍ତି। ରାଜିନାମା ଅନୁସାରେ ଆସନ୍ତା ୧୫ ବର୍ଷରେ ଭାରତରେ ୧୦,୦୦୦ କୋଟି ଡଲାର ନିବେଶ କରିବାକୁ ଏହି ଦେଶଗୁଡ଼ିକ ପ୍ରତିଶ୍ରୁତି ଦେଇଛନ୍ତି।

୨୦୨୪ ମାର୍ଚ୍ଚ ୧୦ରେ ଇଏଫ୍‌ଟିଏ ଓ ଭାରତ ମଧ୍ୟରେ ବାଣିଜ୍ୟ ଓ ଅର୍ଥନୈତିକ ସହଯୋଗିତା ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏହି ସମୂହରେ ଥିବା ଦେଶଗୁଡ଼ିକ ଲାଗି ଭାରତ ଏହାର ବଜାରକୁ ଅଧିକ ଖୋଲା କରିବ। ବିଶେଷ କରି ହାତଘଣ୍ଟା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଚକୋଲେଟ୍, ଅଲିଭ୍ ଅଏଲ୍, ବିସ୍କୁଟ୍, ଶିଳ୍ପ ଉତ୍ପାଦ, ସାଇକଲ୍, କେତେକ କୃଷିଜାତ ସାମଗ୍ରୀ, ଖଣିଜ ପଦାର୍ଥ, ମୃଦୁ ପାନୀୟ, କଫି ଓ ଔଷଧ ଉପରୁ ଭାରତ ଆମଦାନୀ ଶୁଳ୍କ ହ୍ରାସ କରିବ। ଫଳରେ ସେହି ସବୁ ଜିନିଷ ଭାରତରେ ସୁଲଭ ମୂଲ୍ୟରେ ଗ୍ରାହକମାନଙ୍କୁ ମିଳିପାରିବ। ତେବେ ଏକାଥରେ ଭାରତ ଶୁଳ୍କ କମ୍ କରିବ ନାହିଁ। ୧୦ ବର୍ଷ ସମୟ ମଧ୍ୟରେ ପର୍ଯ୍ୟାୟକ୍ରମେ ବିଭିନ୍ନ ଜିନିଷ ଉପରୁ ଶୁଳ୍କ କମ୍ ହେବ। ତେବେ ଇଏଫ୍‌ଟିଏ ଦେଶଗୁଡ଼ିକ ଲାଗି ଭାରତ ଏହାର ଦୁଗ୍ଧ ବଜାରକୁ ଖୋଲିବାକୁ ମନା କରିଦେଇଛି। ଅନେକ କୃଷିଜାତ ସାମଗ୍ରୀକୁ ମଧ୍ୟ ରାଜିନାମାରେ ସାମିଲ କରାଯାଇନାହିଁ। କିଭଳି ଏହି ଦେଶଗୁଡ଼ିକରୁ ଘରୋଇ କ୍ଷେତ୍ର ପାଇଁ ନିବେଶ ଆସିପାରିବ, ତାହା ଉପରେ ରାଜିନାମାରେ ଅଧିକ ଧ୍ୟାନ ଦିଆଯାଇଛି। ଇଏଫ୍‌ଟିଏ ଦେଶଗୁଡ଼ିକ ସହ ଭାରତର ବଡ଼ ଧରଣର ବାଣିଜ୍ୟ ନିଅଣ୍ଟ ରହିଛି। ୨୦୨୪-୨୫ରେ ଏହି ଦେଶଗୁଡ଼ିକ ମିଳିତ ଭାବେ ଭାରତକୁ ୨୨୪୦ କୋଟି ଡଲାରର ସାମଗ୍ରୀ ରପ୍ତାନି କରିଥିଲେ। କିନ୍ତୁ ଭାରତ ମାତ୍ର ୨୦୦ କୋଟି ଡଲାରର ଜିନିଷ ସେମାନଙ୍କୁ ବିକ୍ରି କରିଥିଲା। ବ୍ୟବସାୟରେ ଥିବା ଏହି ବୃହତ୍ ଅନ୍ତରକୁ ନିବେଶ ଜରିଆରେ ଦୂର କରିବାକୁ ଭାରତ ସେମାନଙ୍କୁ କହିଛି। କିନ୍ତୁ ସମସ୍ୟା ହେଉଛି ଘରୋଇ କମ୍ପାନିଗୁଡ଼ିକ ନିବେଶ କରିବେ, ଯାହା ଉପରେ ସେହି ଦେଶଗୁଡ଼ିକର ସରକାର କୌଣସି ପ୍ରତିଶ୍ରୁତି ଦେଇପାରିବେ ନାହିଁ। ରାଷ୍ଟ୍ରଦୂତମାନଙ୍କ ଜରିଆରେ ବିଦେଶୀ କମ୍ପାନିଗୁଡ଼ିକୁ ନିବେଶ ପାଇଁ ମନାଇବାକୁ ଏହି ଦେଶଗୁଡ଼ିକ ଭାରତକୁ କହିଛନ୍ତି।

## ‘ସିଏସ୍ଏମ୍ ଟେକ୍ନୋଲୋଜିସ୍’ ଆଣିବ ଆଇପିଓ




ଭୁବନେଶ୍ୱର, ୨୯।୯: ରାଜ୍ୟର ଅଗ୍ରଣୀ ସୂଚନା ପ୍ରଯୁକ୍ତି କମ୍ପାନି ସିଏସ୍ଏମ୍ ଟେକ୍ନୋଲୋଜିସ୍ ଇକ୍ୱିଟି ସେୟାରକୁ ଇନିସିଆଲ୍ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ଉପଲବ୍ଧ କରି ପୁଞ୍ଜି ବଜାରରୁ ପାଣ୍ଠି ସଂଗ୍ରହ କରିବାକୁ ଯୋଜନା ରଖିଛି। କମ୍ପାନି ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଏନେଇ ପ୍ରାରମ୍ଭିକ କାଗଜପତ୍ର ଦାଖଲ କରାଯାଇଛି। ଏହି ଇସ୍ୟୁରେ ୧.୨୯ କୋଟି ଇକ୍ୱିଟି ସେୟାର ଜାରି କରାଯିବ। ଏଥିରେ ଅଫର୍ ଫର୍ ସେଲ୍ ରହିବ ନାହିଁ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗ୍ରହ କରାଯିବ ତାହାକୁ କମ୍ପାନି ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା, ପ୍ରଯୁକ୍ତି ଭିତ୍ତିଭୂମିକୁ ସୁଦୃଢ଼ କରିବା, ଋଣ ପରିଶୋଧ ଏବଂ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରିବାକୁ ଯୋଜନା ରଖିଛି। କମ୍ପାନିର ଇକ୍ୱିଟି ସେୟାରକୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ଓ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ରେ ତାଲିକାଭୁକ୍ତ କରିବା ପ୍ରସ୍ତାବ ରହିଛି। ଆଇପିଓରେ ଉପଲବ୍ଧ କରାଯିବାକୁ ଇକ୍ୱିଟି ସେୟାର ମଧ୍ୟରୁ କିଛି ସେୟାରକୁ ଯୋଗ୍ୟ କର୍ମଚାରୀମାନଙ୍କ ନିମନ୍ତେ ସଂରକ୍ଷିତ ରଖାଯିବ। ତେବେ କମ୍ପାନି କେତେ ପାଣ୍ଠି ସଂଗ୍ରହ କରିବାକୁ ଚାହୁଁଛି ତାହା ଜଣାପଡ଼ିନାହିଁ। ବୁକ୍ ରନିଂ ଲିଡ୍ ମ୍ୟାନେଜରଙ୍କ ସହ ଆଲୋଚନା ପରେ ସିଏସ୍ଏମ୍ ଟେକ୍ନୋଲୋଜିସ୍‌ର ଇକ୍ୱିଟି ସେୟାର ପିଛା ମୂଲ୍ୟ କେତେ ରହିବ ତାହା ଧାର୍ଯ୍ୟ କରାଯିବ। ୨୦୨୪-୨୫ରେ ସିଏସ୍ଏମ୍ ଟେକ୍ନୋଲୋଜିସ୍‌ର ପରିଚାଳନାରୁ ରାଜସ୍ୱ ୧୯୯୨.୪ କୋଟି ଟଙ୍କା ଥିଲା। ଭୁବନେଶ୍ୱରର ଏହି କମ୍ପାନି ଆମେରିକା, ୟୁଏଇ, କାନାଡା, କେନିଆ ଓ ଆଫ୍ରିକାରେ ମଧ୍ୟ କାରବାର କରୁଛି। କମ୍ପାନିର ଆଇପିଓ ପାଇଁ ବୁକ୍ ରନିଂ ଲିଡ୍ ମ୍ୟାନେଜର ଭାବେ କିନୋଟ୍ ଫାଇନାନ୍ସିଆଲ ସର୍ଭିସେସ୍ କାର୍ଯ୍ୟ କରୁଛି। ୧୯୯୮ରେ ସିଏସ୍ଏମ୍ ଗଠନ ହୋଇଥିଲା ଯାହାର ନାମ ୨୦୧୪ରେ ସିଏସ୍ଏମ୍ ଟେକ୍ନୋଲୋଜିସ୍ ରଖାଯାଇଥିଲା। କମ୍ପାନିର ପ୍ରତିଷ୍ଠାତା ଭାବେ ପ୍ରିୟଦର୍ଶୀ ପାଣି ଓ ଲଗ୍ନା ପଣ୍ଡାଙ୍କ ନାମ ରହିଛି। ପ୍ରମୋଟର୍ ଗ୍ରୁପ୍ ମଧ୍ୟରେ ସୁଷମା ପାଣିଙ୍କ ନାମ ରହିଛି। କମ୍ପାନିର ୯୪.୯୦ ପ୍ରତିଶତ ସେୟାର ପ୍ରତିଷ୍ଠାତାଙ୍କ ପାଖରେ ରହିଛି। ସର୍ବାଧିକ ୯୩.୬୦ ପ୍ରତିଶତ ସେୟାର ପ୍ରିୟଦର୍ଶୀଙ୍କ ନାମରେ ରହିଛି। ସିଏସ୍ଏମ୍ ଟେକ୍ନୋଲୋଜିସ୍ ସରକାରୀ, ସଂସ୍ଥା ଓ କ୍ଷୁଦ୍ର ବ୍ୟବସାୟ କ୍ଷେତ୍ରରେ ୫୦୦ରୁ ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ କରିଛି। ଅଢ଼େଇ ଦଶନ୍ଧିରୁ ଅଧିକ ସମୟ ଅତିକ୍ରମ କରିସାରିଥିବା ଏହି କମ୍ପାନିରେ ପ୍ରାୟ ୧୬୦୦ କର୍ମଚାରୀ କାର୍ଯ୍ୟ କରୁଛନ୍ତି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୫,୪୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୫,୮୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୫,୪୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୫,୮୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୫,୪୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୦୫,୮୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୫,୬୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୬,୦୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୧୬,୦୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୬,୪୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୫,୪୮୦ ଓ ୧,୦୫,୮୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୪୯,୦୦୦ ଟଙ୍କା ହୋଇଛି।

# ଭାରତକୁ ରୁପା ଆମଦାନୀ ଉପରେ ଲାଗିଲା ରୋକ



ନୂଆଦିଲ୍ଲୀ ୨୯।୯: ସୁନା ଓ ରୂପା ଭାରତରେ କେବଳ ବିବାହ,ବ୍ରତ ଅଥବା ଧାର୍ମିକ କାର୍ଯ୍ୟ ନିମନ୍ତେ ନୁହେଁ ନିବେଶର ଏକ ମାଧମ ପାଲଟିଛି। ଏଥିରେ ଏକ୍ସପର୍ଟଙ୍କ କହିବା କଥା ହେଉଛି ସୁନା ସୁରକ୍ଷିତ ନିବେଶ ହୋଇଥିବା ବେଳେ ଏବେ ରୂପା ନିବେଶର ଭଲ ରିଟର୍ଣ୍ଣ ଦେଉଛି। ଖାସ ଏହି କାରଣରୁ ନିବେଶକ ଓ ଜ୍ୱେଲରୀ ଇଣ୍ଡଷ୍ଟ୍ରି ରୂପା ପ୍ରତି ଏତେ ଆକର୍ଷିତ ହେଉଛନ୍ତି। ତେବେ ରୂପାକୁ ନେଇ କେନ୍ଦ୍ରର ମୋଦି ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଡାଇରେକ୍ଟର ଜେନେରାଲ ଅଫ ଫରେନ ଟ୍ରେଡ୍ (ଡିଜିଏଫଟି) ନୋଟିଫିକେସନ ଜାରି କରି ରୂପା ଆଭୂଷଣ ଆମଦାନୀ ଉପରେ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ରୋକ ଲଗାଇଛନ୍ତି। ଏହାର ଅର୍ଥ ହେଉଛି ଏବେ କୌଣସି ଜ୍ୱେଲର ଅଥବା ବ୍ୟବସାୟୀ ରୂପା ଜ୍ୱେଲରୀ ପ୍ରଡକ୍ଟ ବିଦେଶରୁ ଆମଦାନୀ କରିପାରିବେନି। ଏଥିରେ ଯଦି ବିଶେଷ ପରିସ୍ଥିତିରେ ଇମ୍ପୋର୍ଟ ଆବଶ୍ୟକ ହୁଏ ତେବେ ଏଥି ପାଇଁ ଡିଜିଏଫଟିଙ୍କ ଠାରୁ ଅନୁମତି ନେବାକୁ ପଡିବ। ସରକାରଙ୍କ କହିବା କଥା ହେଉଛି ଗତ କିଛି ସମୟ ହେଲା ଆଭୂଷଣ ଆଡୁଆଳରେ ବହୁଳ ପରିମାଣରେ ରୂପା ଆମଦାନୀ ହେଉଛି। ଏହାର ଯାଞ୍ଚରେ ଜଣାପଡିଛି ଯେ କିଛି ବ୍ୟବସାୟୀ ଫ୍ରି ଟ୍ରେଡ ଏଗ୍ରିମେଣ୍ଟ (ଏଫଟିଏ)ର ତ୍ରୁଟିପୂର୍ଣ୍ଣ ଉପଯୋଗ କରୁଛନ୍ତି। ଏହାର ସିଧା ପ୍ରଭାବ ଦେଶର ବଜାର ଓ ଛୋଟ ବ୍ୟବସାୟୀମାନଙ୍କ ଉପରେ ପଡୁଛି। ଡିଜିଏଫଟିଙ୍କ ଅନୁସାରେ ଏପ୍ରିଲ-ଜୁନ ୨୦୨୪-୨୫ ଓ ଏପ୍ରିଲ-ଜୁନ ୨୦୨୫-୨୬ରେ ପ୍ରେଫରେନସିଆଲ ଡ୍ୟୁଟିରେ ରିହାତି କାରଣରୁ ଦେଶକୁ ରୂପା ଆମଦାନୀ ଲଗାତାର ବଢ଼ିବାରେ ଲାଗିଛି। ଏହି ସ୍ଥିତି ଭାରତରେ ଘରୋଇ ଉଦ୍ୟୋଗ ଓ ରୋଜଗାର ନିମନ୍ତେ ବିପଦର ସଂକେତ ଥିଲା। ବାହାରୁ ଆମଦାନୀ ବଢ଼ିବା ଯୋଗୁ ଭାରତର ସ୍ଥାନୀୟ ବଜାରରେ ଚାପ ବଢ଼ି ଯାଇଛି। ପାଇକାରୀ ମୂଲ୍ୟ ହ୍ରାସ ଯୋଗୁ ଛୋଟ କାରିଗର ଓ ଘରୋଇ ରୂପା ଜ୍ୱେଲରୀ ନିର୍ମାଣକାରୀ ଉଦ୍ୟୋଗ କ୍ଷତିରେ ପଡିଛନ୍ତି। ତେବେ ସରକାରୀ ଅଧିକାରୀଙ୍କ କହିବା କଥା ହେଉଛି ଡିଜିଏଫଟିଙ୍କ ଏହି ପଦକ୍ଷେପ ଦେଶରେ ଏମଏସଏମଇକୁ ସୁରକ୍ଷା ଦେବ। ଏଏସଇଏନ ଦେଶଙ୍କ ମଧରେ ଥାଇଲ୍ୟାଣ୍ଡ, ମାଲେସିୟା, ଭିଏତନାମ, ସିଙ୍ଗାପୁର ସମେତ ୧୦ ଦେଶ ଅଛନ୍ତି। ଏମାନଙ୍କ ମଧରୁ ଥାଇଲ୍ୟାଣ୍ଡ ରୂପା ଉତ୍ପାଦନକାରୀ ଦେଶ ନୁହେଁ। ଏହା ସତ୍ତ୍ୱେ ସେଠାରୁ ଭାରତକୁ ବିପୁଳ ପରିମାଣରେ ରୂପା ଗହଣା ଆମଦାନୀ ହୋଇଛି। ଅଧିକାରୀମାନେ କହିଛନ୍ତି ଏହି ସବୁ ଆସିୟାନ-ଭାରତ ବାଣିଜ୍ୟ ବୁଝାମଣା (ଏଆଇଟିଆଇଜିଏ)ରେ ମିଳୁଥିବା କର ରିହାତିର ଲାଭ ନେବା ପାଇଁ ଏହା କରାଯାଇଛି। ଅର୍ଥାତ ଅନ୍ୟ ଦେଶରେ ତିଆରି ସାମଗ୍ରୀକୁ ଥାଇଲ୍ୟାଣ୍ଡ ରାସ୍ତାରେ ଭାରତକୁ ପଠାଇ ଟାରିଫ ଲାଭ ନିଆଯାଇଛି।

# ହ୍ୱିସ୍କି ବିକ୍ରିରେ ପୂର୍ବ ଭାରତରେ ଓଡ଼ିଶା ଦ୍ୱିତୀୟ



ନୂଆଦିଲ୍ଲୀ, ୨୯।୯: ପୂର୍ବ ଭାରତର ଦ୍ୱିତୀୟ ସର୍ବାଧିକ ହ୍ୱିସ୍କି ଓଡ଼ିଶାରେ ବିକ୍ରି ହେଉଛି। ହ୍ୱିସ୍କିକୁ ଭାରତ ତିଆରି ବିଦେଶୀ ମଦ (ଆଇଏମ୍ଏଫ୍ଏଲ୍) ଭାବେ ବିବେଚନା କରାଯାଉଛି। ପୂର୍ବ ଭାରତରେ ସର୍ବାଧିକ ହ୍ୱିସ୍କି ପଶ୍ଚିମବଙ୍ଗରେ ବିକ୍ରି ହେଉଥିବା ବେଳେ ଏହା ପଛକୁ ରହିଥିବା ରାଜ୍ୟଗୁଡ଼ିକ ହେଉଛି ଓଡ଼ିଶା, ଆସାମ ଓ ଝାଡ଼ଖଣ୍ଡ। ପଶ୍ଚିମବଙ୍ଗରେ ୧.୪୯ କୋଟିରୁ ଅଧିକ ହ୍ୱିସ୍କି ବିକ୍ରି ହେଉଛି। ଓଡ଼ିଶାରେ ୯୮ ଲକ୍ଷ, ଆସାମରେ ୯୬ ଲକ୍ଷ ଓ ଝାଡ଼ଖଣ୍ଡରେ ୩୨ ଲକ୍ଷ ହ୍ୱିସ୍କି ବିକ୍ରି ହେଉଥିବା କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଆଲ୍‌କୋହଲିକ୍ ବେଭରେଜ୍ କମ୍ପାନିଜ୍ (ସିଆଇଏବିସି) ତଥ୍ୟରୁ ଜଣାପଡ଼ିଛି। ଜାତୀୟ ସ୍ତରରେ ସର୍ବାଧିକ ହ୍ୱିସ୍କି ଦକ୍ଷିଣ ଭାରତରେ ବିକ୍ରି ହେଉଛି। ଏଥିରେ ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, କେରଳ, ତାମିଲନାଡ଼ୁ ଓ ତେଲେଙ୍ଗାନାର ସିଂହଭାଗ ଅଂଶ ରହିଛି। ଏହି ରାଜ୍ୟଗୁଡ଼ିକରେ ଦେଶର ୫୮ ପ୍ରତିଶତ ହ୍ୱିସ୍କି ବିକ୍ରି ହେଉଥିବା ବେଳେ ଅନ୍ୟ ସବୁ ରାଜ୍ୟଗୁଡ଼ିକରେ ମିଳିତ ଭାବେ ଅବଶିଷ୍ଟ ୪୨ ପ୍ରତିଶତ ବିକ୍ରି ହେଉଛି। ଜାତୀୟ ସ୍ତରରେ କର୍ଣ୍ଣାଟକ ଶୀର୍ଷ ସ୍ଥାନରେ ରହିଥିବା ବେଳେ ତା’ପଛକୁ ରହିଛନ୍ତି ତାମିଲନାଡୁ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ କେରଳ। ପଶ୍ଚିମବଙ୍ଗ ଷଷ୍ଠ, ରାଜସ୍ଥାନ ନବମ, ଦିଲ୍ଲୀ ଦଶମ ଓ ହରିୟାଣା ଏକାଦଶ ସ୍ଥାନରେ ରହିଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ଫୁଡ୍ ପ୍ରୋସେସିଂ କ୍ଷେତ୍ରରେ ମିଳିଲା ୧.୨ ଟ୍ରିଲିଅନ ଟଙ୍କାର ନିବେଶ

ନୂଆଦିଲ୍ଲୀ, ୨୯।୯: ‘ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫’ ଶିଖର ସମ୍ମିଳନୀ ସମୟରେ ଭାରତର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର(ଫୁଡ୍ ପ୍ରୋସେସିଂ ସେକ୍ଟର) ପାଇଁ ମୋଟ ୧.୦୨ ଟ୍ରିଲିୟନ ନିବେଶ ପାଇଛି। କେନ୍ଦ୍ର ସରକାର ୨୬ ଟି ଘରୋଇ ଏବଂ ଆନ୍ତର୍ଜାତୀୟ କମ୍ପାନୀ ସହିତ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଫୁଡ ପ୍ରୋସେସିଂ ଇଣ୍ଡଷ୍ଟ୍ରି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିଥିଲେ। ଏହା ସେପ୍ଟେମ୍ବର ୨୫ ରୁ ୨୮ ପର୍ଯ୍ୟନ୍ତ ରାଜଧାନୀ ଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ହୋଇଥିଲା।

ତେବେ ଏହି ସମ୍ମିଳନୀ ଐତିହାସିକ ଭାବେ ଶେଷ ହୋଇଛି। ଏଥିରେ ଅଭୁତପୂର୍ବ ପୁଞ୍ଜି ନିବେଶ ମିଳିଛି ବୋଲି ରବିବାର ମନ୍ତ୍ରଣାଳୟ ପକ୍ଷରୁ ବିବୃତ୍ତି ଜାରି କରାଯାଇଛି। ଫୁଡ ପ୍ରୋସେସିଂ କ୍ଷେତ୍ରରେ ନିବେଶ କରିବାକୁ ଚୁକ୍ତି କରିଥିବା କମ୍ପାନୀଙ୍କ ମଧ୍ୟରେ ଉଭୟ ଘରୋଇ ଓ ବିଦେଶୀ କମ୍ପାନୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ୍, ଦି କୋକା-କୋଲା ସିଷ୍ଟମ୍ ଇନ୍ ଇଣ୍ଡିଆ, ଗୁଜରାଟ କୋଅପରେଟିଭ୍ ମିଲ୍କ ମାର୍କେଟିଂ ଫେଡେରେସନ (ଅମୁଲ), ନେସଲେ ଇଣ୍ଡିଆ, ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ ଏବଂ କାର୍ଲସବର୍ଗ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଓ ଗୋଡରେଜ୍ ଆଗ୍ରୋଭେଟ୍, ବିଏଲ ଆଗ୍ରୋ ଇଣ୍ଡଷ୍ଟ୍ରିଜ୍, ପତଞ୍ଜଳି ଫୁଡ୍ସ,



ହଳଦିରାମ ସ୍ନାକ୍ସ ଫୁଡ୍, ଇଣ୍ଡିଆନ୍ ପୋଲ୍ଟ୍ରି ଆଲାଏନ୍ସ, ଏମଆରଏସ ବେକ୍ଟରସ୍ ଫୁଡ୍ ସ୍ପେଶାଲିଟିଜ୍ ଲିମିଟେଡ୍, ଡାବର ଇଣ୍ଡିଆ ଲିମିଟେଡ୍ ଏବଂ ଏବି ଇନବେ ଆଦି ରହିଛନ୍ତି। ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ ସାରା ଦେଶରେ ସମନ୍ୱିତ ଖାଦ୍ୟ ଉତ୍ପାଦନ ୟୁନିଟ୍(ଇଣ୍ଟିଗ୍ରେଟେଡ୍ ଫୁଡ୍ ପ୍ରୋସେସିଂ ୟୁନିଟ) ପ୍ରତିଷ୍ଠା କରିବା ପାଇଁ ଫୁଡ୍ ପ୍ରୋସେସିଂ ଇଣ୍ଡଷ୍ଟ୍ରୀ ମନ୍ତ୍ରଣାଳୟ ସହିତ ୪୦ ହଜାର କୋଟିର ଚୁକ୍ତିନାମା କରିଛି। ସେହିପରି ଭାରତରେ ତିନୋଟି କୋକା-କୋଲା ବୋଟଲର୍ ଦେଶର ଖାଦ୍ୟ ପ୍ରକ୍ରିୟାକରଣ ଭିତ୍ତିଭୂମିକୁ ବିସ୍ତାର କରିବା ପାଇଁ ସାମୂହିକ ଭାବରେ ₹୨୫,୭୬୦ କୋଟି ($୨.୯୬ ବିଲିୟନ) ନିବେଶ କରିବାକୁ ଯୋଜନା କରୁଛନ୍ତି। ଗ୍ରୀନଫିଲ୍ଡ ଏବଂ ବ୍ରାଉନଫିଲ୍ଡ ପ୍ରକଳ୍ପ ପାଇଁ ମନ୍ତ୍ରଣାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।

ଏନେଇ ମନ୍ତ୍ରଣାଳୟ କହିଛି “ଚାରି ଦିନିଆ କାର୍ଯ୍ୟକ୍ରମ ମଧରେ, ୨୬ଟି ପ୍ରମୁଖ ଘରୋଇ ଏବଂ ବିଶ୍ୱସ୍ତରୀୟ କମ୍ପାନୀ ମୋଟ ୧୦୨,୦୪୬ କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଯାହା ଭାରତର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ସର୍ବବୃହତ ନିବେଶ ଘୋଷଣା ମଧ୍ୟରୁ ଗୋଟିଏ।” ଶିଖର ସମ୍ମିଳନୀର ଉଦଘାଟନୀ ଦିନରେ, କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ଚିରାଗ ପାସୱାନ କହିଥିଲେ ଯେ ଚାରି ଦିନିଆ କାର୍ଯ୍ୟକ୍ରମ ମଧ୍ୟରେ ୧ ଟ୍ରିଲିୟନରୁ ଅଧିକ ମୂଲ୍ୟର ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ଆଶା କରାଯାଉଛି। ଯାହା ସତ ହୋଇଛି। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ସରକାରଙ୍କ ସହିତ କମ୍ପାନୀଗୁଡ଼ିକର ହୋଇଥିବା ବିଭିନ୍ନ ବୁଝାମଣାପତ୍ରରେ ୬୪,୦୦୦ ରୁ ଅଧିକ ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି ଆକଳନ କରାଯାଇଛି। ପରୋକ୍ଷ ଭାବରେ ଦେଖିଲେ ୧୦ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି ହେବ।

ଏହି ନିବେଶ ଏ କ୍ଷେତ୍ରରେ ବହୁବିଧ ବ୍ୟବସାୟରେ କରାଯିବ। ଯଥା ଦୁଗ୍ଧ, ମାଂସ ଏବଂ କୁକୁଡ଼ା, ପ୍ୟାକେଜ୍ ହୋଇଥିବା ଖାଦ୍ୟ, ମଦ୍ୟପାନ ଏବଂ ଅଣ-ମଦ୍ୟପାନ ପାନୀୟ, ମସଲା ଏବଂ ମିଠା, ଖାଦ୍ୟ ତେଲ, ଫଳ ଏବଂ ପନିପରିବା ଏବଂ ଖାଇବା ପାଇଁ ପ୍ରସ୍ତୁତ ଉତ୍ପାଦ ସମେତ ବିଭିନ୍ନ କ୍ଷେତ୍ରକୁ କଭର କରିବ।।

## ୨୦୨୬ରୁ ଇଭି ଗାଡ଼ିର ଶବ୍ଦ ଶୁଭିବ

### ଗାଡ଼ି ଆସୁଥିବା ପାଖ ଲୋକ ଜାଣିପାରିବେ

### ଲାଗିବ ସତର୍କତା ବ୍ୟବସ୍ଥା

ନୂଆଦିଲ୍ଲୀ, ୨୯।୯: ବର୍ତ୍ତମାନ ଦେଶରେ ଚଳାଚଳ କରୁଥିବା ଇଲେକ୍ଟ୍ରିକ୍ ଯାନ (ଇଭି)ଗୁଡ଼ିକରୁ କୌଣସି ଶବ୍ଦ ବାହାରୁ ନ ଥିବାରୁ ତାହା ଆସୁଥିବା ବିଷୟରେ ଲୋକମାନେ କିଛି ଜାଣିପାରୁନାହାନ୍ତି। ଫଳରେ ଦୁର୍ଘଟଣାର ଆଶଙ୍କା ରହୁଛି। ପଥଚାରୀମାନେ ଯେଭଳି ଗାଡ଼ି ଆସୁଥିବା ଜାଣିପାରିବେ, ସେଥିପାଇଁ ଇଭିରେ ଅକୋଷ୍ଟିକ୍ ଭେଇକିଲ୍ ଆଲର୍ଟିଂ ସିଷ୍ଟମ୍ (ଏଭିଏଏସ୍) ଲଗାଇବାକୁ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଇଭି ନିର୍ମାତାମାନଙ୍କୁ କହିଛନ୍ତି। ଏହି ନିୟମ ୨୦୨୬ ଅକ୍ଟୋବରରୁ ଲାଗୁ କରାଯିବ। ସବୁ ନୂଆ ଘରୋଇ ଓ ବାଣିଜ୍ୟିକ ଇଭିରେ ଏଭିଏଏସ୍ ଲଗାଇବାକୁ କମ୍ପାନିଗୁଡ଼ିକୁ ସରକାର କହିଛନ୍ତି। ଯାତ୍ରୀବାହୀ ଓ ମାଲବାହୀ ଇଭିଗୁଡ଼ିକରେ ୨୦୨୭ ଅକ୍ଟୋବର ୧ ସୁଦ୍ଧା ଏହି ବ୍ୟବସ୍ଥା ଲଗାଇବାକୁ କୁହାଯାଇଛି। ନୂଆ ବ୍ୟବସ୍ଥାରେ ଇଭିରୁ ଆପେ ଆପେ ଶବ୍ଦ ସୃଷ୍ଟି ହେବ। ବହୁପୂର୍ବରୁ ୟୁରୋପୀୟ ଦେଶ, ଜାପାନ ଓ ଆମେରିକାରେ ସେହି ବ୍ୟବସ୍ଥା ବାଧତାମୂଳକ ହୋଇସାରିଛି।



## ପର୍ପଲ ଆମ୍ବାସଡର ହେଲେ ପ୍ରମୋଦିନୀ ଓ ଝରଣା

ଭୁବନେଶ୍ୱର,୨୯।୯: ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ଭିନ୍ନକ୍ଷମଙ୍କ ଅଧିକାର ସମ୍ପର୍କରେ ସ୍ୱର ଉତ୍ତୋଳନ କରିବେ ଓଡ଼ିଶାର ଦୁଇ ମହିଳା। ସେମାନେ ହେଲେ ଏସିଡ୍ ପୀଡ଼ିତା ପ୍ରମୋଦିନୀ ରାଉଳ ଓ ଥାଲାସେମିଆ ପୀଡ଼ିତା ଝରଣା ମଲ୍ଲିକ। ସେମାନଙ୍କୁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରାଳୟ, ମିଳିତ ଜାତିସଂଘ ପକ୍ଷରୁ ପର୍ପଲ ଆମ୍ବାସଡର ଭାବେ ନିଯୁକ୍ତି ଦିଆଯାଇଛି। ଆସନ୍ତା ଅକ୍ଟୋବର ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ଗୋଆରେ ଅନୁଷ୍ଠିତ ହେବାକୁ ଥିବା ଇଣ୍ଟରନ୍ୟାସନାଲ ପର୍ପଲ ଫେଷ୍ଟ-୨୦୨୫ରେ ଦୁହିଁଙ୍କ ନାମ ଘୋଷଣା କରାଯିବ। ୨୧ ପ୍ରକାର ଦିବ୍ୟାଙ୍ଗ ବର୍ଗରୁ ବିଭିନ୍ନ ରାଜ୍ୟର ଦିବ୍ୟାଙ୍ଗମାନଙ୍କୁ ପର୍ପଲ ଆମ୍ବାସଡ଼ର ନିଯୁକ୍ତ କରାଯାଇଛି। ସେମାନଙ୍କର ନେତୃତ୍ୱ ଦକ୍ଷତା, ଦିବ୍ୟାଙ୍ଗ ବର୍ଗର ଉନ୍ନତି ତଥା ଅନ୍ତର୍ଭୁକ୍ତୀକରଣ ଦିଗରେ ସେମାନଙ୍କର ଅବଦାନକୁ ବିଚାର କରି ଏହି ନିଯୁକ୍ତି ଦିଆଯାଇଛି।

### ପଣ୍ଡିଗାଁ ବୁଡ଼ି ଅଞ୍ଚଳ ପଡ଼ାରେ ଦୁର୍ବିସହ ଜୀବନ ବିତାଉଛନ୍ତି ନିରୀହ ଗ୍ରାମବାସୀ

# ଗ୍ରାମବାସୀଙ୍କ ଶୋଷ ମେଣ୍ଟାଇ ପାରୁନି ନଳକୂପ

**କଳାହାଣ୍ଡି,୨୯।୯(ସଂଚାର ବ୍ୟୁରୋ):** ଇନ୍ଦ୍ରାବତୀ ଜଳ ଭଣ୍ଡାର ଏବେ କଳାହାଣ୍ଡିବାସୀଙ୍କ ପାଇଁ ଜୀବନ ରେଖା ପାଲଟିଛି। ଦୈନିକ ପ୍ରାୟ ୬୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ଓ ବିକ୍ରି କରିବା ସହ ଜଳସେଚନରୁ ଆଦାୟ ହେଉଥିବା ଜଳ କର ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରାଜକୋଷ ସମୃଦ୍ଧ ହେଉଛି। ଚାଷୀ ଦୁଇ ଫସଲି ଚାଷ କରି ନିଜ ନିଜ ଆର୍ଥିକ ବିକାଶ କରୁଛନ୍ତି। ଇନ୍ଦ୍ରାବତୀ ପାଇଁ କଳାହାଣ୍ଡିଆଙ୍କ ଜୀବନ ଶୈଳୀ ପରିବର୍ତ୍ତନ ହେଉଛି। କେବଳ ଚାଷୀ ନୁହେଁ, ସମଗ୍ର କଳାହାଣ୍ଡି ବାସୀଙ୍କ ଆର୍ଥିକ ବିକାଶ ହେଉଛି। ବ୍ୟବସାୟୀ ମଧ୍ୟ ଦୁଇ ପଇସା ଅଧିକ ପାଉଛନ୍ତି ଯାହା କେବଳ ସମ୍ଭବ ଏଇ ବହୁମୁଖୀ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ। କିନ୍ତୁ ଇନ୍ଦ୍ରାବତୀ ପାଇଁ ନିଜ ଭିଟା ମାଟି ହରାଇଥିବା, ଜୀବିକା ହରାଇଥିବା ଲୋକେ ପାଇଲେ କ'ଣ ? ବିସ୍ଥାପିତ ହେଇ କିଏ କେଉଁଠି ଆଶ୍ରୟ ନେଲେ। ନିଜ ବାପା-ମା'ଙ୍କ ଠାରୁ ପୁଅ ଅଲଗା ରହିଲେ। ବୁଢ଼ି ଅଞ୍ଚଳିଆ ଭାବେ ବସତି କଲେ। କଳାହାଣ୍ଡିର କଲମପୁର, ଜୟପାଟଣା ଆଦି ବ୍ଲକରେ ଏହି ବିସ୍ଥାପିତ ମାନେ ବୁଢ଼ି ଅଞ୍ଚଳିଆ ଭାବେ ପରିଚିତ। ବିସ୍ଥାପନ ପୂର୍ବରୁ କ୍ଷତିପୂରଣ ବାବଦରେ ସରକାର ଯେଉଁ କିଛି ଅର୍ଥ ପ୍ରଦାନ କଲେ ତାହା ଏବେ ଶେଷ ହେଇ ସାରିଛି। ନିଜ ନିଜ ଚାଷ ଜମି ଏବେ ଜଳ ଭଣ୍ଡାରର ଗଭୀର ଜଳ ରାଶିରେ ଲୀନ ହେଇ ସାରିଛି। ପାନୀୟ ଜଳ ସହ ରାସ୍ତା, ବିଜୁଳି ଆଲୁଅ, ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ସହ ସେମାନଙ୍କ ସାମଗ୍ରିକ ବିକାଶର ପ୍ରତିଶ୍ରୁତି ଦେଇ ସେମାନଙ୍କ ଜମି



ଅଧିଗ୍ରହଣ କରାଯାଇଥିଲା। ପ୍ରକଳ୍ପ କାର୍ଯ୍ୟ ଶେଷ ତ ପ୍ରତିଶ୍ରୁତି ମଧ୍ୟ ଶେଷ ହେଇ ସାରିଛି। ଯେଉଁଥି ପାଇଁ ବୁଢ଼ି ଅଞ୍ଚଳିଆ ଏବେ ବିଭିନ୍ନ ସମସ୍ୟାରେ। ପଡ଼ା ଗୁଡ଼ିକୁ ଯାତାୟତ ପାଇଁ କେଉଁଠି ରାସ୍ତା ଅଭାବ ତ ପୁଣି କେଉଁଠି ପାନୀୟ ଜଳ ଅଭାବ। ଯାହାର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି ଜୟପାଟଣା ବ୍ଲକ ଅଧୀନସ୍ଥ ଧନସୁଲି ପଞ୍ଚାୟତର ପଣ୍ଡିଗାଁରେ ବସତି କରିଥିବା ବୁଢ଼ି ଅଞ୍ଚଳପଡ଼ାର ବିସ୍ଥାପିତ। ଦୀର୍ଘ ୪୦ ବର୍ଷରୁ ଅଧିକ ସମୟ ଧରି ପଡ଼ାରେ ବସତି କରି ରହି ଆସୁଛନ୍ତି ତଫସିଲ ଭୁକ୍ତ ଜାତି ଓ ଜନଜାତି ବର୍ଗର ୭୦ ପରିବାର। ସେମାନଙ୍କ ପାଇଁ ରହିଛି ଗୋଟିଏ ନଳକୂଅ। ଯାହା ଏହି ୭୦ ପରିବାରର ଶୋଷ ମେଣ୍ଟାଇବାରେ ଅସମର୍ଥ। ବାରମ୍ବାର ପାଣି ପାଇଁ ନିଜ ନିଜ ମଧ୍ୟରେ ଗଣ୍ଡଗୋଳ ଯୋଗୁଁ ପାରିବାରିକ ଅଶାନ୍ତି ରହୁଥିବା କ୍ଷୋଭର ସହିତ ଗଣମାଧ୍ୟମ ନିକଟରେ କହିଛନ୍ତି ପଡ଼ାବାସୀ। ସମସ୍ୟାର ସମାଧାନ ପାଇଁ ସେମାନେ ସରପଞ୍ଚଙ୍କ ଠାରୁ ବିଧାୟକ ଓ ବିଡିଓଙ୍କ ଠାରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି ସମାଧାନ ହେଇ ପାରୁ ନାହିଁ। ତେବେ ଦେଖା ଯାଉ ଖବର ପ୍ରକାଶନ ପରେ ପ୍ରଶସନ କେଉଁ ପଦକ୍ଷେପ ନେବ ତାହା ଦେଖିବାକୁ ବାକି ରହିଲା।

## ଦଶହରା ପାର୍ବଣ ନିମନ୍ତେ ଚଳଚଞ୍ଚଳ ଶ୍ରୀ କନକମଣି ମା' ମାଉଲିଙ୍କ ପୀଠ



**ବୋରିଗୁମ୍ମା/କୋଟପାଡ଼,୨୯।୯(ସଂଚାର ବ୍ୟୁରୋ):** କୋଟପାଡ଼ ସହରରେ ବେଶ ଧୁମଧାମରେ ଏବଂ ନିଆରା ଢଙ୍ଗରେ ଶାରଦୀୟ ଦୁର୍ଗାପୂଜା ପାଳିତ ହୋଇଥାଏ। କୋଟପାଡ଼ ସହରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଶ୍ରୀ ଶ୍ରୀ ଶ୍ରୀ କନକମଣି ମା' ମାଉଲି ଓ ମା' ମାଉଲି ଛତିଶଗଡ଼ ସହରରେ ଆବିର୍ଭୁତ ହୋଇଥିଲେ, କିନ୍ତୁ ମା' ମାଉଲି ବର୍ତ୍ତମାନ ଉଭୟ ଓଡିଶା ଏବଂ ଛତିଶଗଡ଼ ରାଜ୍ୟରେ ପୂଜା ପାଉଛନ୍ତି। ଯେଉଁଥିପାଇଁ କୁହାଯାଏ ରାଜ୍ୟ ଦୁଇଟି କିନ୍ତୁ ମା ଗୋଟିଏ । ଭକ୍ତଙ୍କ ମଧ୍ୟରେ ବିଶ୍ୱାସ ରହିଛି ମାଙ୍କ ପାଖକୁ ଆସି ଯିଏବି ଯାହା ବି କୃପା ଭିକ୍ଷା କରିଛି ତାହାର ମନସ୍କାମନା ନିଶ୍ଚୟ ପୂରଣ ହୋଇଛି। କୋଟପାଡ଼ରେ ରାଜାରାଜୁଡ଼ା ସମୟରୁ ସ୍ଥାପିତ ହୋଇଛି ଅଞ୍ଚଳର ପ୍ରତ୍ୟକ୍ଷ ଦେବି ଶ୍ରୀ ଶ୍ରୀ ଶ୍ରୀ କନକ ମଣି ମାଁ ମାଉଲିଙ୍କ ଶକ୍ତିପୀଠ। ଏହି ପୀଠରେ ଦୂର ଦୁରାନ୍ତରରୁ ଭକ୍ତଙ୍କ ସମାଗମ ହୋଇଥାଏ। ଭକ୍ତଙ୍କ ମନବାଞ୍ଛା ମଧ୍ୟ ପୂରଣ କରିଥାନ୍ତି କରୁଣାମୟି ମାଉଲି ଗାଁ। ପ୍ରତ୍ୟେକ ବର୍ଷ ରାଜ ରାଜୁଡ଼ା ସମୟରୁ ପାରମ୍ପରିକ ବିଧିବିଧାନ ଅନୁସାରେ ମହା ଆଡମ୍ବରରେ ପାଳିତ ହୋଇ ଥାଏ ମାଉଲି ମାଁଙ୍କ ମୁଖ୍ୟ ଦଶହରା ପର୍ବ। ଚଳିତ ବର୍ଷ ମାଁଙ୍କ ଝାମାଳ ମିଳିବା ପରଠାରୁ ନବରାତ୍ରି ଠାରୁ ପ୍ରାରମ୍ଭ ହୋଇଛି ମାଁ ଙ୍କ ଶାରଦୀୟ ଦଶହରା ପାର୍ବଣ କ୍ଷନଅ ଦିନ ଧରି ପାରମ୍ପରିକ ବାଦ୍ୟ ଏବଂ ପଟୁଆର ନାଚ ସହ ଭକ୍ତଙ୍କୁ ସାଥିରେ ନେଇ ଘୋଡ଼ା ଆରୋହଣ କରି ସନ୍ଧ୍ୟା ସମୟରେ ମାଁ ନିଜ ପିଠ ଛାଡି ନିଜ ଭଉଣୀ ଶୀତଳା ଠାକୁରାଣୀଙ୍କ ପିଠକୁ ଯାଇଥାନ୍ତି ଏବଂ ସେଠାରୁ ମଧ୍ୟରାତ୍ରିରେ ନିଜ ପିଠକୁ ଅବତରଣ କରିବା ପରେ ପ୍ରାରାମ୍ଭ ହୋଇଥାଏ ତନ୍ତ୍ରବିଧି ପୂଜାର୍ଚ୍ଚନା ।

## ସରକାରୀ ଗୋଦାମରେ ୟୁରିଆ ସାର ଚଢ଼ା ଦରରେ ବିକ୍ରି

● ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ

**କଣାସ,୨୯।୯(ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରଜ୍ୟ ସରକାର ଚାଷୀମାନଙ୍କର ପ୍ରଗତି ହେଲେ ଦେଶର ପ୍ରଗତି ସମ୍ଭବ ବୋଲି ବିଭିନ୍ନ ଯୋଜନା କରି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଚାଷୀମାନଙ୍କର ଫସଲପାଇଁ ସାର ଯୋଗାଇ ପାରୁନଥିବା ଦେଖିବାକୁ ମିଳିଛି ପୁରୀ ଜିଲ୍ଲାର କଣାସ ବ୍ଲକରେ ଏବଂ ସରକାରୀ ଗୋଦାମରେ ସାରା ଚଢା ଦରରେ ବିକ୍ର ହେଉଥିବାରୁ ଚାଷୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ଖବର ନେବାରେ ଜଣାପଡ଼ିଛି କଣାସ ବ୍ଲକର ମନ୍ଦାକିନୀ ସେବା ସମବାୟ ସମିତିକୁ ୧୦୧୬ବସ୍ତା ସାର ବିକ୍ର ପାଇଁ ଦେଇଥିବା ବେଳେ ବକୁ ସେବା ସମବାୟ ସମିତିକୁ ୨୨୦ବସ୍ତା ସାର ଦେଇଛନ୍ତି। ପ୍ରାଇଭେଟ୍ ଡିଲର ପଞ୍ଚୁପଦ୍ମା ମହିଳା ସମିତିକୁ ୬୬୬ବସ୍ତା ସାର ଦେଇଛନ୍ତି। ପଞ୍ଚୁପଦ୍ମା ମହିଳା ସମିତି ଇୟୁରିଆ ସାର ବସ୍ତା ପିଛା ୨୭୦ଟଙ୍କରେ ବିକ୍ରି କରୁଥିବା ବେଳେ ମନ୍ଦାକିନୀ ସେବା ସମବାୟ ସମିତି ବସ୍ତା ପିଛା ୩୨୦ଟଙ୍କା ରେ ବିକ୍ର କରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ସେହିପରି ବକୁ ସେବା ସମବାୟ ସମିତି ୩୨୦ଟଙ୍କାରେ ବସ୍ତା ପିଛା ସାର ବିକ୍ର କରୁଛି। ମନ୍ଦାକିନୀ ସେବା ସମବାୟ ସମିତିକୁ ଆସିଥିବା ସାର ସଠିକ୍ ଭାବେ ଚାଷୀଙ୍କୁ ଦିଆ ନ ଯାଇଥିବା ବେଳେ କେତେକ ବୋର୍ଡ ମେମ୍ବର ମନ ଇଛା ସାର ନେଇଯାଇଥିବା ସମବାୟ ସମିତିର କର୍ମକର୍ତ୍ତାଙ୍କ ଠାରୁ ପ୍ରକାଶ। ଏ ସମ୍ପର୍କରେ ମନ୍ଦାକିନୀ ସମବାୟ ସମିତିର ସଭାପତି ଉମାକାନ୍ତ ପଟ୍ଟନାୟକଙ୍କୁ ପଚାରିବାରୁ ସେ କୁହନ୍ତି ଟ୍ରାନ୍ସପୋଟେସନ୍ ଖର୍ଚ୍ଚ ଲାଗିବାରୁ ଆମେ ବସ୍ତା ପିଛା ୩୨୦ଟଙ୍କାରେ ବିକ୍ରି କରୁଛୁ।

## କଳସ ଯାତ୍ରାରୁ ଆରମ୍ଭ ହେଲା ବିଶ୍ୱନାଥପୁର ଦୁର୍ଗାପୂଜା



**ଲାଞ୍ଜିଗଡ଼,୨୯।୯(ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଦୁର୍ଗାପୂଜା ପାଇଁ ରବିବାର ସ୍ଥାନୀୟ ଶିବମନ୍ଦିର ନାଲରୁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି ଜଗଦୀଶ ବେନିଆଙ୍କ ନେତୃତ୍ୱରେ ଏକ ଭବ୍ୟ ଶୋଭାଯାତ୍ରାରେ କଳସରେ ଜଳ ନେଇ କମିଟିର ସମସ୍ତ ସଦସ୍ୟ ତଥା ଆବାଳବୃଦ୍ଧବନିତା ସାମିଲ ହୋଇଥିଲେ।ଏଥିରେ ଶହଶହ ମହିଳା ଅଂଶ ଗ୍ରହଣ କରି ଏକ ଭବ୍ୟ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ କଳସ ନେଇ ଆସିଥିଲେ ଶ୍ରଦ୍ଧାଳୁମାନେ। ତେବେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବିଶ୍ୱନାଥପୁର ଶାରଦୀୟ ଦୁର୍ଗାପୂଜା ପାଞ୍ଚ ଦିନ ଧରି ପାଳିତ ହେବ ଏଥିପାଇଁ ସମସ୍ତ ପ୍ରସ୍ତୁତି ସହ ପୂଜା ଆରମ୍ଭ ହୋଇଛି ବୋଲି ପୂଜା କମିଟି ସଭାପତି ଶ୍ରୀ ବେନିଆ ପ୍ରକାଶ କରିଛନ୍ତି। ସବୁବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପୂଜା କର୍ତ୍ତା ଭାବରେ ପ୍ରଦୀପ ଘଡ଼େଇ ଓ ତାଙ୍କ ଧର୍ମପତ୍ନୀ ଲକ୍ଷ୍ମୀ ଘଡ଼େଇ ଦାଇତ୍ୱ ତୁଲାଉଛନ୍ତି। ପୂଜକ କୈଳାସ ଦାସ, କାଳିଆ ଦାସ, ରୁନୁ ପାଢ଼ୀ, ନିରୋଜ ଦାସ ପ୍ରମୁଖ ପୂଜକ କାର୍ଯ୍ୟ ପରିଚାଳନା କରୁଥିବା ବେଳେ ଘଣ୍ଟ, ବାଦ୍ୟ, ହରିହରପୁର ସଂକୀର୍ତ୍ତନ ମଣ୍ଡଳୀ, ମାଁ ହିରାନୀଳା ବ୍ୟାଣ୍ଡ ପାଂଟି, ସିତାପୁର ଘୁମୁରା, ସହ ବିଶ୍ୱନାଥପୁର ଗ୍ରାମ ପଞ୍ଚାୟତର ସମସ୍ତ ମହିଳା ଭକ୍ତ ମାନେ ଏକ ବିରାଟ ପଟୁଆରରେ ବିଶ୍ୱନାଥପୁର ଦୁର୍ଗାପୂଜା ମଣ୍ଡପ ଯାଏଁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମଣ୍ଡପରେ କଳସ ପହଞ୍ଚିବାପରେ ଅପେକ୍ଷାରେ ଥିବା ନଗରବାସୀ କଳସକୁ ଭବ୍ୟ ସ୍ୱାଗତ କରିଥିଲେ।

### ଅନ୍ୟଠାରୁ ଭିନ୍ନ ଜୟପୁର ଦଶହରା

## ରାଜପ୍ରାସାଦରେ ଲାଠି ଓ ତୋପ ପୂଜାର ପରମ୍ପରା

**ଜୟପୁର,୨୯।୯(ସଂଚାର ବ୍ୟୁରୋ):** ଦଶହରା ପାଇଁ ଚଳଚଞ୍ଚଳ କୋରାପୁଟ ଜିଲ୍ଲା ଜୟପୁର ସହର। ବାଉଁଶ ଲାଠି ପୂଜା ଚାଲିଛି। ଚାରିଆଡ଼େ ଉତ୍ସବର ମାହୋଲ। ରୀତିନୀତିର ସହ ଲାଠି ପୂଜା କରୁଛନ୍ତି ଜୟପୁରବାସୀ। ଲୋକଙ୍କ ସୁରକ୍ଷା ପାଇଁ ପ୍ରଶାସନ ତରଫରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଆଲୋକ ମାଳାରେ ସଜେଇ ହୋଇଛି ସହର। ଭିନ୍ନ ପରମ୍ପରା ଓ ଭିନ୍ନ ବିଶ୍ୱାସ ସହ ଦଶହରା ପାଳୁଛି ଜୟପୁର । ଏଠି ଆଜି ବି ଲାଠି ଓ ତୋପ ପୂଜାର ମହତ୍ତ୍ୱ ରହିଛି । ରାଜା ବିକ୍ରମ ଦେବ ଦଶହରାରେ ଦେବୀ କନକ



ଦୁର୍ଗାଙ୍କୁ ପୂଜା କରୁଥିଲେ । ସେହି ସମୟରେ ପ୍ରଜାମାନେ ତାଙ୍କୁ ଭେଟିବାକୁ ନିଜ ଗାଁ ଦେବାଦେବୀଙ୍କୁ ଏକ ଲାଠିରେ ଆରାଧନା କରି ଆସୁଥିଲେ । ଆଜି ରାଜା ନାହାନ୍ତି, ତାଙ୍କ ଦାୟାଦ ପରମ୍ପରାକୁ ବଜାୟ ରଖିଛନ୍ତି। ଚଳିତ ବର୍ଷ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶହେରୁ ଅଧିକ ଲାଠି ଯୋଗ ସାମିଲ ହୋଇଛନ୍ତି ଜୟପୁର ଦଶହରାରେ । ମା' ଭଗବତୀଙ୍କ ପାଖରୁ ଆଜ୍ଞାମାଳ ଆସିବା ପରେ ଜୟପୁରରେ ଆରମ୍ଭ ହୁଏ ଦଶହରା ପର୍ବ। ଦଶହରା ସମୟରେ ରାଜପ୍ରାସାଦରେ ଥିବା ତୋପକୁ ମଧ୍ୟ ପୂଜା କରାଯାଏ । ଚଳିତ ବର୍ଷ ଜୟପୁର ସହରରେ ୧୦ରୁ ଅଧିକ ଦଶହରା ମେଢ଼ ହୋଇଛି । ପାର୍ବଣକୁ ଆହୁରି ଆକର୍ଷଣୀୟ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ନାମୀଦାମୀ କଳାକାର ଆସୁଛନ୍ତି । ତେଣୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

## ବାଇକ୍-ଟ୍ରାକ୍ଟର ଦୁର୍ଘଟଣାରେ ବାପା, ମାଆ, ପୁଅ ଗୁରୁତର

**ବୈଶିଙ୍ଗା,୨୯।୯(ସଂଚାର ବ୍ୟୁରୋ):** ଆଜି ସୋମବାର ପୂର୍ବାହ୍ନରେ ବୈଶିଙ୍ଗା -ମାଣତ୍ରୀ ରାସ୍ତାର ପେଟ୍ରୋଲ ପମ୍ପ ନିକଟରେ ବାପା, ମାଆ, ପୁଅ ଏକ ବାଇକରେ ମାଣତ୍ରୀ ଯାଉଥିବା ସମୟରେ ଲେବର ନେଇ ଆସୁଥିବା ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେବା ଯୋଗୁଁ ତିନି ଜଣ ଯାକ ଆହତ ଅବସ୍ଥାରେ ବୈଶିଙ୍ଗା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ନିଆ ଯାଇଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ମାଣତ୍ରୀ ଗ୍ରାମ ର ପୂର୍ଣ୍ଣଚନ୍ଦ୍ର ମହାରଣା ଙ୍କ ପୁତ୍ର ଦୈତାରୀ ମହାରଣା (୪୫) ନିଜ ସ୍ତ୍ରୀ ଗୀତାଞ୍ଜଳୀ ମହାରଣା (୪୦) ଓ ପୁତ୍ର ଇଶାନ ସ୍ୱରୂପ (୨୦) ଙ୍କୁ ନେଇ ନିଜ ଶ୍ୱଶୁର ଘର ଜୁଗୁପୁରା ରୁ ସକାଳ ୮ ଘଟିକା ସମୟରେ ମାଣତ୍ରୀ ଯାଉଥିବା ସମୟରେ ଭଲଡିହ ପେଟ୍ରୋଲ ପମ୍ପ ନିକଟରେ ଟ୍ରାକ୍ଟର ଟି ଧକ୍କା ଦେଇ ପଳାଇ ଯାଇଥିଲା। ସଙ୍ଗେ ସଙ୍ଗେ ପାଖ ଲୋକ ଙ୍କ ଜରିଆରେ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିଲେ। ତିନି ଜଣଙ୍କର ଗୋଡ ଭାଙ୍ଗି ଯାଇଥିବାର ଜଣା ଯାଇଥିଲା। ଡାକ୍ତର ସମସ୍ତ ଙ୍କର ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ରେଫର କରି ଦେଇଥିବା ଜଣାଯାଇଛି।

## ବିଦ୍ୟୁତ୍ ବିଲ ଆଦାୟ କରିବାକୁ ଆସିଥିଲେ: ଅଟକ ରଖିଲେ ଗ୍ରାମବାସୀ

**ଦିଗପହଣ୍ଡି,୨୮।୯(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ଗାଁରେ ରବିବାର ସନ୍ଧ୍ୟାରୁ ରାତି ଯାଏ ବିଦ୍ୟୁତ୍ କର୍ମଚାରୀଙ୍କୁ ଅଟକ ରଖାଯାଇଥିବା ଜଣାପଡିଛି।



ପ୍ରାୟ ୨ ମାସ ହେଲା ସମଗ୍ର ପଞ୍ଚାୟତ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ଏବଂ ଅତ୍ୟଧିକ ବିଦ୍ୟୁତ୍ ବିଲକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ରବିବାର ସନ୍ଧ୍ୟାରେ ଟିପିଏସଓଡିଏଲର ଲାଇନ୍ ମ୍ୟାନ ବଳିଆ ପଣ୍ଡା, ଅରୁଣ ପଣ୍ଡା ଏବଂ ଅନ୍ୟ ୩ଜଣେ କର୍ମଚାରୀ ଗାଁରେ ପହଞ୍ଚି ଥିଲେ। ର୍କମଚାରୀମାନେ ବକେୟା ବିଦ୍ୟୁତ୍ ବିଲ ଆଦାୟ କରୁଥିବା ବେଳେ ଗ୍ରାମବାସୀଙ୍କ ସହ ବଚସା ହୋଇଥିଲା। ପରେ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ବିଭାଗର ଗାଡ଼ି ସମେତ ଗାଁ ମଠ ଦାଣ୍ଡ ସ୍ଥିତ ଏକ ଘରେ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଉପରିସ୍ଥ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ କର୍ମଚାରୀଙ୍କୁ ଛଡାଯିବ ବୋଲି ଗ୍ରାମବାସୀ ଜିଦ୍ ଧରି ବସିଥିଲେ।

## ମରଣଯନ୍ତା ପାଲଟିଛି ରାସ୍ତା: ଯାତାୟାତ ପାଇଁ ଲୋକେ ହନ୍ତସନ୍ତ

**ବୁଗୁଡ଼ା,୨୯।୯(ସଂଚାର ବ୍ୟୁରୋ):** ବୁଗୁଡ଼ା ବ୍ଲକର ବିଭିନ୍ନ ଗ୍ରାମକୁ ଯାତାୟାତ ନିମନ୍ତେ ଉଦ୍ଦିଷ୍ଟ ବୁଗୁଡା-ବେତାରସିଂ ରାସ୍ତା ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ସେହି ରାସ୍ତା ଅନେକ ଛୋଟ ବଡ ଖାଲଖମାରେ ପରିପୂର୍ଣ୍ଣ ଯୋଗୁ



ଲୋକଙ୍କ ଯାତାୟାତରେ ନାହିଁ ନଥିବା ଅସୁବିଧା ହେଉଛି। ବର୍ଷା ସମୟରେ ମାଳମାଳ ଜଳପୂର୍ଣ୍ଣ ଖାଲଖମା କାରଣରୁ ଅନେକ ଦୁର୍ଘଟଣା ମଧ୍ୟ ଘଟୁଛି। ଯାତାୟାତ ପାଇଁ ସେହି ରାସ୍ତା ଉପରେ ବିଶେଷ କରି ଗୋଳାବନ୍ଧ ପଞ୍ଚାୟତର ଅନେକ ଗ୍ରାମର ଅଧିବାସୀଙ୍କ ସମେତ ସ୍କୁଲ ଓ କଲେଜ ପଢୁଆ ଛାତ୍ରୀଛାତ୍ର ନିର୍ଭର କରୁଛନ୍ତି। କିନ୍ତୁ ଏବେ ତାହା ସେମାନଙ୍କ ସକାଶେ ମରଣଯନ୍ତା ପାଲଟିଛି। ତେବେ ଏହି ରାସ୍ତାର ଦୂରବସ୍ଥା ସ୍ଥାନୀୟ ପ୍ରଶାସନ ଏବଂ ଜନପ୍ରତିନିଧିଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଥିବାରୁ ସାଧାରଣରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଏହି ବିପଜ୍ଜନକ ରାସ୍ତାର ଦୂରାବସ୍ଥା ପାଇଁ ଏକ ଠିକା ସଂସ୍ଥାର ମାଳମାଳ ଭାରିଯାନ ଚଳାଚଳ ଦାୟୀ ବୋଲି ସାଧାରଣରେ ଆଲୋଚନା ହେଉଥିଲେ ହେଁ ଏହାର କୌଣସି ପ୍ରତିକାର ହୋଇପାରୁନଥିବା ଅଭିଯୋଗ ହେଉଛି। ସ୍ଥାନୀୟ ପ୍ରଶାସନିକ ଉଦାସୀନତାର କୁଫଳ ସାଧାରଣ ଜନତା ଭୋଗୁଛନ୍ତି। ତେବେ ଲୋକଙ୍କ ହିତକୁ ପ୍ରାଥମିକତା ଦେଇ ଯଥାଶୀଘ୍ର ଉକ୍ତ ରାସ୍ତାର ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ୬୦ ବର୍ଷରେ ପହଞ୍ଚିଲା ଲାଞ୍ଜିଗଡ଼ ସାର୍ବଜନୀନ ଦୁର୍ଗାପୂଜା

### ମନ ମୋହୁଛି ଆକର୍ଷଣୀୟ ମେଢ଼ ଓ ମଣ୍ଡପ

**ଲାଞ୍ଜିଗଡ଼,୨୯।୯(ସଂଚାର ବ୍ୟୁରୋ):** ଦୀର୍ଘ ୬୦ ବର୍ଷ ତଳେ ଆରମ୍ଭ ହୋଇଥିଲା ଲାଞ୍ଜିଗଡ଼ ସାର୍ବଜନୀନ ଦୁର୍ଗାପୂଜା। ଆଜି ଏକ ଗୌରବମୟ ଅତୀତକୁ ମନେ ପକାଇବା ସହିତ ନୂତନ ପ୍ରକାର ସାଜସଜ୍ଜାରେ ସଜେଇ ହୋଇଛି



ମେଢ଼ ଓ ମଣ୍ଡପ। ଆକର୍ଷଣୀୟ ତୋରଣ ସହିତ ମାଆଙ୍କ ଚତୁର୍ଦ୍ଧା ମୂର୍ତ୍ତି ଦେଖଣାହାରୀ, ଭକ୍ତ-ଶ୍ରଦ୍ଧାଳୁଙ୍କୁ ଭାବଭକ୍ତିରେ ତଲ୍ଲୀନ କରିଦେଉଛି।ସେହିପରି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ଦୋକାନ ବଜାର ଆଦି ଲୋକଙ୍କ ପୂଜାଛୁଟିର ଉପଭୋଗମାତ୍ରାକୁ ଦ୍ୱିଗୁଣିତ କରିଦେଉଛି।ଏଥିପାଇଁ ସମସ୍ତେ ବେଶ୍ ଉତ୍ସାହିତ ହୋଇ ପଡ଼ିଛନ୍ତି।ଏହି ଅବସରରେ ଶନିବାର ଅପରାହ୍ନରେ ଦୁର୍ଗା ପୂଜା କମିଟି ପକ୍ଷରୁ ଲାଞ୍ଜିଗଡ଼ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଏକ ବିରାଟ କଳସ ଯାତ୍ରାରେ ବାହାରି ନିକଟସ୍ଥ ବଂଶୀଧାରା ନଦୀରୁ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ ରବିବାର ଠାରୁ ଦେବୀ ଦୁର୍ଗାଙ୍କ ସପ୍ତମୀ ପୂଜା ଆରମ୍ଭ ହୋଇଥିବାବେଳେ ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ଏଥର ଆକର୍ଷଣୀୟ ମୂର୍ତ୍ତି ସହିତ ମଢ଼ ଓ ମଣ୍ଡପ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି।ଏଥିରେ କର୍ତ୍ତା ଭାବେ ପିତାମ୍ବର ଡମବିଶି ଓ ତାଙ୍କ ଧର୍ମ ପତ୍ନୀ ଦେବକୀ ଡମବିଶି ରହିଥିବା ବେଳେ ମୁଖ୍ୟ ପୂଜକ ଭାବେ ଡ.ରୋହିତ କୁମାର ଆଚାର୍ଯ୍ୟ ରହିଥିବା ବେଳେ ତାଙ୍କ ସହିତ ଡ଼. ମୋହନ ପୁରୋହିତ, ବିଶ୍ୱଜିତ ଚାନ୍ଦ, ଅଭିଷେକ ଦେବତା, ଦେବାଶିଷ ଦେବତା ରହିଛନ୍ତି।ପୂଜା ମଣ୍ଡପରେ ଦୀନବନ୍ଧୁ ବାରିକ, ଲିଙ୍ଗରାଜ ବାରିକ ଓ ମନରଞ୍ଜନ ବାରିକ, ସନ୍ତୋଷ ମହାଖୁଡ଼, କମଳାକାନ୍ତ ମହାଖୁଡ ସହଯୋଗ କରିଥିଲେ। ଏହା କାର୍ଯ୍ୟକ୍ରମ ପାଞ୍ଚ ଦିନ ଧରି ହେବାକୁ ଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ ସହିତ ମେଲୋଡି ପରିବେଷଣ ହେବାର ଯୋଜନା ଓ ଶେଷ ଦିବସରେ ରାବଣ ପୋଡ଼ି ବ୍ୟବସ୍ଥା ରହିଥିବା ବେଳେ ଭକ୍ତ, ଶ୍ରଦ୍ଧାଳୁ ଓ କଳାପ୍ରେମୀ ଜନସାଧାରଣଙ୍କୁ ଅଭିଭୂତ କରୁଛି।

## ପୁଲିସର ବଡ଼ ପଦକ୍ଷେପ: ଏଣିକି ଲୋକଙ୍କୁ ଏଫଆଇଆର ଦାଖଲ କରିବା ସହଜ




**ଦାରିଙ୍ଗବାଡି,୨୯।୯(ସଂଚାର ବ୍ୟୁରୋ):** କନ୍ଧମାଳ ପୋଲିସର ବଡ଼ ପଦକ୍ଷେପ ଲୋକଙ୍କୁ ବିଭିନ୍ନ ଆଇନ ସେବା ଯୋଗାଇଦେବାକୁ ପୋଲିସର ପ୍ରୟାସ ଏବେ ସବୁଠି ଚର୍ଚ୍ଚା। ପ୍ରକାଶ ଯେ କନ୍ଧମାଳ ଏସପି ହରିଶ ବିସିଙ୍କ ନେତୃତ୍ୱରେ ପୋଲିସ ଆରମ୍ଭ କରିଛି। ଆପ 'ସାଥି' ଯେଉଁ ଆପରେ ରହିଛି। ଏକାଧିକ ସୁବିଧା ବିଶେଷ କରି ଇ-ଏଫଆଇଆର ଦାଖଲ ଓ ତାର ସ୍ଥିତି ସମ୍ପର୍କରେ ଜାଣିବା ବ୍ୟବସ୍ଥା ଏହି ଆପ 'ସାଥି'ରେ ବ୍ୟବସ୍ଥା ରହିଛି। ଏଥିସହ ଥାନା ଅଞ୍ଚଳ ଗୁଡିକର ଲୋକେସନ, ଜରୁରୀକାଳୀନ କଲ ବ୍ୟବସ୍ଥା ସହ ପୋଲିସର ସେବା ସମ୍ପର୍କରେ ମତାମତ ଦେବାର ସୁବିଧା ରହିଛି। ଏଥିପାଇଁ ପୋଲିସ ପକ୍ଷରୁ ଏହି ଆପରେ ଥିବା ଏକ କ୍ୟୁଆର ବାର କୋଡ଼ ରହିଛି। ଲୋକମାନେ ମୋବାଇଲରେ ସ୍କାନର ଦେଖାଇବା କ୍ଷଣି ଆପ୍‌ଟି ଖୋଲିବା ସହ ହ୍ୱାଟ୍ସଆପ ଖୋଲିବ ଏବଂ ସମସ୍ତ ନିୟମାବଳୀ ଖୋଲିବା ବ୍ୟବସ୍ଥା ରହିଛି।

## ଆର୍ଯ୍ୟାଟେକ୍ କମ୍ପ୍ୟୁଟର ଏକାଡେମୀ ଉଦ୍‌ଘାଟିତ

**ବାଲିପାଟଣା,୨୯।୯(ସଂଚାର ବ୍ୟୁରୋ):** ବାଲିପାଟଣା କଲେଜ ରୋଡରେ ଆର୍ଯ୍ୟାଟେକ୍ କମ୍ପ୍ୟୁଟର ଏକାଡେମୀ ନାମରେ ଏକ ନୂତନ କମ୍ପ୍ୟୁଟର କୋଚିଂ ଅନୁଷ୍ଠାନ ଉଦଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିର୍ମାଣ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ତଥା ଶିକ୍ଷାବିତ ସିଦ୍ଧେଶ୍ୱର ମହାନ୍ତି ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଆଧୁନିକ ଯୁଗରେ କମ୍ପ୍ୟୁଟର ଶିକ୍ଷା ସମସ୍ତଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ ଏବଂ ଏହି ଏକାଡ଼େମୀ ମାଧ୍ୟମରେ ଛାତ୍ରଛାତ୍ରୀ ମାନେ ନୂତନ କ୍ୟାରିୟର ସୃଷ୍ଟି କରିବା ସହ ନିଯୁକ୍ତି ସୁଯୋଗ ପାଇବେ ବୋଲି ମୁଖ୍ୟ ଅତିଥି କହିଛନ୍ତି।ଏଠାରେ ଛାତ୍ରଛାତ୍ରୀଙ୍କୁ ସବୁପ୍ରକାର କମ୍ପ୍ୟୁଟର ଶିକ୍ଷା ଯେମିତି କି ପିଜିଡିସିଏ, ଏପିଜିଡିସିଏ, ଡିସିଏ, ଟ୍ୟାଲି, ସି++, ଡ଼ିଟିପି, ଫଟୋସୋପ ସହିତ ସ୍ପୋକନ ଇଂରାଜୀ ଶିକ୍ଷା ପ୍ରଦାନ କରାଯିବ ବୋଲି ଆର୍ଯ୍ୟାଟେକ୍ କମ୍ପ୍ୟୁଟର ଏକାଡେମୀର ମୁଖ୍ୟ ଚନ୍ଦ୍ରଶେଖର ପଣ୍ଡା ଏବଂ ମୋନାଲିସା ସାହୁ କହିଛନ୍ତି।




## ଜେକେଏସି ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



**ନୀଳଗିରି,୨୯।୯(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ଭଉଁରିଆବାଡ଼ ପଞ୍ଚାୟତ ତେରଲଡ଼ିହି ଖେଳପଡ଼ିଆରେ ଜୁମିଦ ଖ୍ରେଓ୍ୱାଲ ଆଥଲେଟିକ ଏଣ୍ଡ କଲଚୁରାଲ କ୍ଲବ(ଜେକେଏସି)ଆନୁକୂଲ୍ୟରେ ୩୪ ତମ ଦୁଇଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସୋମବାର ଉଦ୍ଘାଟନୀ ଦିବସରେ ଉକ୍ତ ଅନୁଷ୍ଠାନର ଉଦ୍ୟୋକ୍ତା ମାନଙ୍କ ମଧ୍ୟରୁ ସ୍ୱର୍ଗତ ନିମାଇଁ ଚରଣ ମାଝୀ, ସ୍ୱର୍ଗତ କୈଳାସ ଚନ୍ଦ୍ର ମାଝୀ, ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମାଝୀ, ସ୍ୱର୍ଗତ ବ୍ରଜକିଶୋର ମାଝୀଙ୍କ ଅକାଳ ବିୟୋଗରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଶୁଭାରମ୍ଭ କରିବାସହିତ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତଅତିଥି ଭାବେ ରିଜର୍ଭ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ମଦନମୋହନ ମାଝୀ ଯୋଗଦେଇ ଅନୁଷ୍ଠାନର ସ୍ୱର୍ଗବାସି ଉଦ୍ୟୋକ୍ତା ମାନଙ୍କ ଫୋଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣକରିବା କ୍ଲବର ଏପରି କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବ୍ୟାଙ୍କଶାଖା ପରିଚାଳକ ଶରତ ଚନ୍ଦ୍ର ମାଝୀ, ଅବସରପ୍ରାପ୍ତ ଜେଲ ଡିଆଇଜି ରଘୁନାଥ ମାଝୀ, ଅବସରପ୍ରାପ୍ତ ପୋଲିସ ଏସଆଇ ଲମ୍ବୋଧର ମାଝୀ, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ତଥା ଉକ୍ତ କ୍ଲବର ପ୍ରତିଷ୍ଠାତା ସୁବ୍ରତ କୁମାର ମାଝୀ ଉପସ୍ଥିତ ଥାଇ ନିଜନିଜର ଅଭିଭାଷଣ ରଖିଥିଲେ। ପୂର୍ବାହ୍ନ ୧୧ଘଟିକା ସମୟରେ ଖେଳ ଆରମ୍ଭ ହୋଇଥିବାବେଳେ ଭୂମିଜ ଏଣ୍ଡ ଭୂମିଜ ଟିମ ସହିତ ମହାବଳିଆ ଏଫସି, ସିଂ ବ୍ରଦର୍ସ ଏଫସି ସହିତ ବଡକାଳିଆ ଟିମ, ଇଲେଭେନ ଫାଇଟର ସହିତ ଜଙ୍ଗଲୀ ଟାଇଗର, ସୁନାମି ଏଫସି ସହିତ ୱେଷ୍ଟ ବେଙ୍ଗଲର ବନଲତା ଏଫସି ଦଳ ମଧ୍ୟରେ ପ୍ରଥମ ଦିବସୀୟ ଖେଳ ହୋଇଥିଲା। ବୃଷଭାନୁ ମହାପାତ୍ର ଭାଷ୍ୟକାର ଭାବେ ଖେଳର ଧାରାବିବରଣୀ ପ୍ରଦାନକରିଥିବା ବେଳେ ରତନ

## ସାର ପାଇଁ ଚାଷୀଙ୍କ ହୋ-ହଲ୍ଲା: ପୁଲିସ ଉପସ୍ଥିତିରେ ସାର ବଣ୍ଟନ



**ଦିଗପହଣ୍ଡି,୨୯।୯(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ଗ୍ରାମ ଶ୍ରୀ ରଘୁନାଥ ମହାପ୍ରଭୁ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଭୋରରୁ ୟୁରିଆ ସାର ତୁରନ୍ତ ପ୍ରଦାନ ନିମନ୍ତେ ବି. ତୁରୁବୁଡ଼ି, ଝରିପଦର, ନରେନ୍ଦ୍ରପୁର, କାଣ୍ଡସର, ଦସିପୁର, ବିରିବାଡ଼ିଆ, ନୂଆଗାଁ ପ୍ରଭୃତି ଅନ୍ୟାନ୍ୟ ଗ୍ରାମର ୫ ଶହରୁ ଉର୍ଦ୍ଧ୍ୱ ଚାଷୀ ହୋ-ହଲ୍ଲା କରିଥିଲେ। ସମବାୟ ସମିତି ସମ୍ପାଦିକା ଆର. ରୋଜାଲିନ ରେଡ୍ଡୀ, ନୋଡାଲ ଅଧିକାରୀ ତଥା ମହିଳା କୃଷି କର୍ମଚାରୀ ପୂର୍ଣ୍ଣଲତା ଅଧିକାରୀ ଉପସ୍ଥିତ ଚାଷୀଙ୍କ ସହ ଆଲୋଚନା କରିବା ପରେ ପୋଲିସ ଉପସ୍ଥିତିରେ ଚାଷୀଙ୍କୁ ସାର ବଣ୍ଟନ କରିଥିଲେ। ବିକ୍ରି ପାଇଁ ମହଜୁଦ ଥିବା ୪୫୦ ସାର ପ୍ୟାକେଟ ମଧ୍ୟରୁ କେବଳ ସମିତିରୁ କୃଷି ଋଣ ନେଇଥିବା ଚାଷୀଙ୍କୁ ପ୍ରଥମ ପର୍ଯ୍ୟାୟରେ ସାର ବିକ୍ରି କରାଯାଇଥିଲା। ଏନେଇ ସମବାୟ ସମ୍ପାଦିକାଙ୍କୁ ପଚାରିବାରୁ ସେ ଦାୟିତ୍ୱ ନେବା ପୂର୍ବରୁ ଚାଷୀଙ୍କୁ ୫ଟି ଟ୍ରକରେ ଆସିଥିବା ପ୍ରାୟ ୧୧୨୫ ବସ୍ତା ୟୁରିଆ ସାର ବିକ୍ରୀ କରାଯାଇଥିଲା। ସେ ଦାୟିତ୍ୱ ନେବା ପରେ ପ୍ରଥମ ପର୍ଯ୍ୟାୟରେ ଗତ ୩ ତାରିଖରେ ୨ ଟି ଟ୍ରକରେ ଆସିଥିବା ୪୫୦ ବସ୍ତା ସାର ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ,କୃଷି ବିଭାଗ ଅଧିକାରୀ ଏବଂ ପୋଲିସ ଉପସ୍ଥିତିରେ ବିକ୍ରୀ କରାଯାଇଥିଲା।ପଞ୍ଚାୟତର ଅନ୍ୟ ପ୍ରାଥମିକ ସେବା ସମବାୟ ସମିତିରେ ପଞ୍ଜୀକୃତ ହୋଇଥିବା ଚାଷୀମାନେ ସାର ପାଇଁ ଏଠାକୁ ଆସୁଥିବାରୁ କିଛି ସମସ୍ୟା ଉପୁଜିଛି। ଇଣ୍ଡେଣ୍ଟ ଅନୁଯାୟୀ, ଏଠାକାର ଚାଷୀଙ୍କୁ ସମୁଦାୟ ୧ ଲକ୍ଷ ୭୦ ଟନ ୟୁରିଆ ସାର ଯୋଗାଇ ଦିଆଗଲେ ସମସ୍ୟା ରହିବ ନାହିଁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଯାଜପୁରରେ ହଟୁନି ନବୀନଙ୍କ ହୋର୍ଡିଂ

## ମାଳ ମାଳ ପ୍ରକଳ୍ପର ସ୍ମୃତିରେ ସହରବାସୀଙ୍କ ମନରେ ଏବେବି ନବୀନ






**ଯାଜପୁର,୨୯।୯ (ସଂଚାର ବ୍ୟୁରୋ):** ସାରା ଓଡ଼ିଶାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହୋର୍ଡିଂ ହଟି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ପୋଷ୍ଟର, ବ୍ୟାନରରେ ସଡ଼କ ଭରିଯାଉଥିବା ବେଳେ ଯାଜପୁରରେ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ସହରର ପ୍ରଧାନ ସଡ଼କ, ବଜାର, ଚାରିଛକ ସବୁଠି "ମାଳ ମାଳ" ନବୀନଙ୍କ ହୋର୍ଡିଂ ଏବେବି ଆବୃତ।
ନବୀନଙ୍କ ମୁଖ୍ୟମନ୍ତ୍ରୀ ପଦକାଳୀନ ସମୟରେ ଯାଜପୁରକୁ ଦିଆଯାଇଥିବା ପ୍ରକଳ୍ପ, ବିଶେଷକରି "ମାଳ ମାଳ" ପ୍ରକଳ୍ପର ସ୍ମୃତି ସହରବାସୀଙ୍କ ମନରେ ଏବେବି ଗାଢ଼। ସେଥିପାଇଁ ନବୀନଙ୍କ ପ୍ରଭାବ ଏଠାରେ କମିବାର ପରିସ୍ଥିତି ସୃଷ୍ଟି ହୋଇନାହିଁ। ରାଜନୀତିକ ଚର୍ଚ୍ଚାରେ କୁହାଯାଉଛି - ବିଜେଡିର ନବାଗତ ବିଧାୟିକା ସୁଜାତା ସାହୁ, ଗତ ସାଧାରଣ ନିର୍ବାଚନରେ ବିଜେପିର ବରିଷ୍ଠ ନେତା ଗୌତମ ରାୟଙ୍କୁ ପରାଜିତ କରିଥିବାରୁ ଯାଜପୁରରେ ନବୀନଙ୍କ କ୍ରେଜର ପ୍ରମାଣ ଦେଉଥାଏ।
ଏବେ ବି "ନବୀନଙ୍କ ହୋର୍ଡିଂ" ନହଟିବାକୁ ଅଘୋଷିତ କଟକଣା ବିଜେପି ବରିଷ୍ଠ ନେତାଙ୍କ ପକ୍ଷରୁ ଲାଗୁ ହୋଇଥିବାର କଥା ସାଧାରଣମାନଙ୍କ ମଧ୍ୟରେ ଗୁଞ୍ଜରଣ। ମୋଦୀ-ମୋହନ ଲହରୀରେ ସାରା ଓଡ଼ିଶା, କିନ୍ତୁ ଯାଜପୁରରେ ଅବିଚଳ ନବୀନ କ୍ରେଜ୍।

## ଖଣ୍ଡିଆ କୁମୁଟି ସାହିରେ ମା'ଙ୍କ ନବରାତ୍ରି ପୂଜା



**ବ୍ରହ୍ମପୁର,୨୯।୯ (ସଂଚାର ବ୍ୟୁରୋ):** ସହରରେ ଖୁବ୍ ଧୁମଧାମର ସହ ମା' ଜଗଜ୍ଜନନୀଙ୍କ ପୂଜାର୍ଚ୍ଚନା ଚାଲିଛି। ବିଭିନ୍ନ କମିଟି ପକ୍ଷରୁ ଆୟୋଜିତ ସୁସଜ୍ଜିତ ମେଢ଼ ସହ ଆକର୍ଷଣୀୟ ଆଲୋକମାଳାରେ ଝଲସୁଛି ପୂଜା ମଣ୍ଡପ। ସେହିପରି ୫ ନଂ ୱାର୍ଡ ସ୍ଥିତ ଖଣ୍ଡିଆ କୁମୁଟି ସାହି, ଶିବରାମ ନଗରରେ ମା' ଦଶଭୁଜାଙ୍କ ନବରାତ୍ରୀ ପୂଜା ଜାରି ରହିଛି। ସ୍ଥାନୀୟ ଶାନ୍ତି କମିଟି ପକ୍ଷରୁ ଆୟୋଜିତ ପୂଜାରେ ପ୍ରତ୍ୟହ ରୀତିନୀତି ପରମ୍ପରା ଅନୁସାରେ ମା'ଦୁର୍ଗା ପୂଜା ପାଉଛନ୍ତି। ପ୍ରତ୍ୟେକ ଦିନ ରାତିରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି। ଏଥିରେ କମିଟିର ସମସ୍ତ କର୍ମକର୍ତ୍ତା ପ୍ରମୁଖ ସାମିଲ ହୋଇ ସହଯୋଗ କରୁଛନ୍ତି।

## ଶକ୍ତିପୀଠରେ ମହାମାୟାଙ୍କ ମହାଷ୍ଟମୀ



**ଯାଜପୁର,୨୯।୯ (ସଂଚାର ବ୍ୟୁରୋ):** ଯାଜପୁରରେ ଐତିହ୍ୟବାହୀ ବିରଜା ଶକ୍ତିପୀଠରେ ଆଜି ମହାମାୟାଙ୍କ ମହାଅଷ୍ଟମୀ ପାଳନ ହେଉଛି। ପୀଠପରିସର ସକାଳରୁ ଭକ୍ତଜନଙ୍କ ଭିଡ଼ରେ ଚଳଚଞ୍ଚଳ। ଏକପଟେ ପୀଠରେ ମହାଅଷ୍ଟମୀ ପାଳନ, ଅନ୍ୟପଟେ ବିଭିନ୍ନ ମଣ୍ଡପରେ ସପ୍ତମୀ ପୂଜା ଚାଲିଥିବାରୁ ସାରା ସହରରେ ଉତ୍ସବମୟ ପରିବେଶ ସୃଷ୍ଟି ହୋଇଛି। ବିରଜା ପୀଠରେ ଏହି ଅଷ୍ଟମୀ ଦର୍ଶନରେ ବିଶେଷ ମହତ୍ତ୍ୱ ରହିଛି ବୋଲି ଆସ୍ଥାରେ ମନେ କରାଯାଏ। ସ୍ଥାନୀୟଙ୍କ ସହିତ ସହସ୍ର ସହସ୍ର ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନେ ଆଜି ପୀଠରେ ମାଙ୍କ ଦର୍ଶନ ପାଇ ବିଭୋର।ମହାନବମୀ ପାଇଁ ମଧ୍ୟ ପୀଠପରିସରରେ ପ୍ରସ୍ତୁତି ଚାଲିଛି। ଏହିପରି ଧାର୍ମିକ ପରିବେଶରେ ବିରଜା ପୀଠ ସାରା ସହରରେ ଅନନ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି।

## ମା' ସଙ୍କଟ ତାରିଣୀ ମନ୍ଦିରରେ ମହାଷ୍ଟମୀ



**ହିଞ୍ଜିଳିକାଟୁ,୨୯।୯ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ଗେରିଡ଼ି ଚାରିଛକ ଠାରେ ପ୍ରାୟ ୭୦ ବର୍ଷ ପୂର୍ବେ ମା' ଅଥବା ତଳୁ ବିରାଜମାନ କରିଥିବା କିମ୍ବଦନ୍ତୀ ରହିଛି। ପ୍ରତ୍ୟକ୍ଷ ଦେବୀ ଭାବେ ପରିଚିତ ଏବଂ ଭକ୍ତିର ସହକାରେ ଯାହା ମନାସିଲେ ପୂରଣ ହୁଏ। ଗେରିଡ଼ି, ବୁକ କଲୋନୀ, ମୋହନ କଲୋନୀ ଓ ନୂଆଁଗଡ଼ ଗ୍ରାମର ଲୋକେ ଏହି ବାଟ ଦେଇ ଯା' ଆସ କରିବାକୁ ଭୟ କରୁଥିଲେ। ପରବର୍ତ୍ତୀ ସମୟରେ ଜନବସତି ଗଢି ଉଠିବାରୁ ଲୋକଙ୍କ ମନ ଭିତରେ ଭୟ ଦୂର ହେଲା। ସଂକଟରୁ ଅଂଚଳବାସୀଙ୍କୁ ଉଦ୍ଧାର କରୁଥିବାରୁ ମା'ଙ୍କୁ ମା' ସଙ୍କଟ ତାରିଣୀ କୁହାଯାଏ। ପ୍ରତି ସଂକ୍ରାନ୍ତି ଦିନ ଏଠାରେ ତ୍ରିକାଳ ମେଳା ହୁଏ। ଏଥି ସହ ଦଶହରାରେ ସପ୍ତମୀ, ଅଷ୍ଟମୀ ଓ ନବମୀ ନିମନ୍ତେ ସ୍ୱତନ୍ତ୍ର ପୂଜା ହୋଇଥାଏ। ନୂଆଁଗଡ଼ ଗ୍ରାମରେ କୋଠିଭାଳ ଆରମ୍ଭ ହେଲା ମାତ୍ରେ ବହୁ ପୁରାତନ କାଳରୁ ମା'ଙ୍କ ପାଛୋଟି ନେବାର ପରମ୍ପରା ରହିଛି। ପ୍ରତିଦିନ ସନ୍ଧ୍ୟାରେ ମହିଳାଙ୍କ ଏଠାରେ ଭିଡ଼ ଜମେ।

## ମହାମାୟାଙ୍କ ମହାସପ୍ତମୀ

● ଅଧିବାସ ଓ ବିଲ୍ୱବରଣ ପରେ ମା'ଙ୍କ ଚକ୍ଷୁଦାନ



**କାକଟପୁର/ଅସ୍ତରଙ୍ଗ,୨୯।୯ (ସଂଚାର ବ୍ୟୁରୋ):** ଧରାବତରଣ କଲେ ମହାମାୟା। ଚାରି ଆଡ଼େ ମା'ଙ୍କ ପୂଜାର୍ଚ୍ଚନା। ପୁରୀ ଜିଲ୍ଲା ଅସ୍ତରଙ୍ଗ ଦୁର୍ଗା କ୍ଲବ ତରଫରୁ ଚଳିତ ବର୍ଷ ୫୭ବର୍ଷରେ ପଦାର୍ପଣ କରିଥିବା ବେଳେ ରବିବାର ବିଲ୍ୱବରଣ ପରେ ମା'ଙ୍କୁ ମହାସପ୍ତମୀରେ ପରମ୍ପରା ଅନୁଯାୟୀ ଅଧିବାସ କରାଯାଇ ଭଉଁରୀଆ ନଦୀ ନିକଟରେ ପୂଜାର୍ଚ୍ଚନା ସହ ନଦୀରୁ ପବିତ୍ର ଜଳ ଅଣାଯାଇ ମଣ୍ଡପରେ ନବପତ୍ରିକା ପ୍ରବେଶ ଓ ମା'ଙ୍କ ଚକ୍ଷୁଦାନ କରାଯାଇଛି। ଏହା ସହିତ ଆରମ୍ଭ ହୋଇଥିଲା ସପ୍ତମୀର ବିହିତ ପୂଜା। ମା'ଙ୍କ ଚକ୍ଷୁଦାନ ପରେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପରେ ପୂଜା ମଣ୍ଡପରେ ମା'ଙ୍କ ଷୋଡଶ ଉପଚାର ପୂଜା, ଆଳତୀ, ପୁଷ୍ପାଞ୍ଜଳୀ, ଆହୁତି ଆଦି ରୀତିନୀତି ଅନୁଯାୟୀ କରାଯାଇଥିଲା। ସୋମବାର ସନ୍ଧ୍ୟାରେ ମଣ୍ଡପ ନିକଟରେ ମା'ଙ୍କୁ ଦର୍ଶନ ସହ ନିର୍ମିତ ହୋଇଥିବା ପଶ୍ଚିମବଙ୍ଗ ମାୟାପୁର ଇସ୍କନ ମନ୍ଦିର ଅବିକଳ ତୋରଣ ଓ ମୀନା ବଜାର ଉପଭୋଗ କରିବା ପାଇଁ ସପରିବାର ଭିଡ଼ ଜମେଇଥିଲେ ଶ୍ରଦ୍ଧାଳୁ। ମଙ୍ଗଳବାର ଦିନ ପୀଠେ ନବମୀ, ମଣ୍ଡପରେ ଅଷ୍ଟମୀ ହୋଇଥିବାରୁ ସକାଳୁ ପୂଜା ଆରମ୍ଭ ହେବ।



## ମହାଷ୍ଟମୀରେ ମା' ମଙ୍ଗଳାଙ୍କ ମହିଷାମର୍ଦ୍ଦିନୀ ବେଶ

ଦୁର୍ଲ୍ଲଭ ବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼

**କାକଟପୁର/ଅସ୍ତରଙ୍ଗ,୨୯।୯ (ସଂଚାର ବ୍ୟୁରୋ):** ମୂଳାଷ୍ଟମୀ ଠାରୁ ଆରମ୍ଭ ହୋଇଥିବା ମହାଷ୍ଟମି ପର୍ଯ୍ୟନ୍ତ ଅନୁଷ୍ଠିତ ଷୋଡଶ ଦିନାତ୍ମକ ପୂଜାର ଅନ୍ତିମ ଦିନ ମହାଅଷ୍ଟମୀ ରେ ସମ୍ପୂର୍ଣ୍ଣ ହୋଇଛି। ପୁରୀ ଜିଲ୍ଲା କାକଟପୁର ବାସିନୀ ଦେବୀ ପରମ ବୈଷ୍ଣବୀ ମା' ମଙ୍ଗଳାଙ୍କ ପୀଠରେ ମୂଳାଷ୍ଟମୀ ଠାରୁ ସ୍ୱତନ୍ତ୍ର ଷୋଡଶ ଉପଚାର ପୂଜା ନୀତି ସମ୍ପୂର୍ଣ୍ଣ ହେଉଥିବା ବେଳେ ମହାଅଷ୍ଟମୀରେ ମା'ଙ୍କ ପ୍ରସିଦ୍ଧ ମହିଷାମର୍ଦ୍ଦିନୀ ବେଶ ଅନୁଷ୍ଠିତ ହୋଇଯାଇଛି। ମୂଳାଷ୍ଟମୀଠାରୁ ଆରମ୍ଭ ହୋଇ ମହାଷ୍ଟମୀ ପର୍ଯ୍ୟନ୍ତ ଚାଲିବାକୁ ଥିବା ପାର୍ବଣ ପୂଜାରେ ମା'ଙ୍କର ପୂଜାର୍ଚ୍ଚନା ସ୍ୱତନ୍ତ୍ର ରୀତି ନୀତିରେ ଚାଲିଛି । ଅଷ୍ଟମୀ ପ୍ରତ୍ୟୁଷରୁ ମା'ଙ୍କ ଷୋଡଶ ଉପଚାର ନୀତିସହ ସନ୍ଧ୍ୟାରେ ଭଓଣ୍ଡ ଧୂପ କରାଯିବା ପରେ ଜଗତି ପୂଜା କରାଯାଇଥିଲା। ଜଗତି ପୂଜା ପରେ ମା'ଙ୍କ ଚଳନ୍ତି ପ୍ରତିମାକୁ ରତ୍ନ ସିଂହାସନରେ ପୁନଃ ଅବସ୍ଥାପିତ କରାଯିବା ପରେ ମା ମହିଷାକୁ ଖୋଜିବା ପାଇଁ ମହିଷାମର୍ଦ୍ଦିନୀ ବେଶ ଧାରଣ କରିଥିଲେ। ମା'ଙ୍କୁ ବିଭିନ୍ନ ଦେବାଦେବୀ ମାନଙ୍କ ଦ୍ୱାରା ପ୍ରଦତ୍ତ ଅସ୍ତ୍ର ଲାଗି କରାଯାଇଅଛି । ମା ମଙ୍ଗଳା ମହିଷାମର୍ଦ୍ଦିନୀ ବେଶରେ ସିଂହ ଉପରେ ବିରାଜମାନ କରି ମହିଷାସୁରକୁ ବଧ କରିଥିଲେ। ମଙ୍ଗଳବାର ଦିନ ନବମୀରେ ମା' ମଙ୍ଗଳାଙ୍କ ଶାନ୍ତି ବେଶ ଅନୁଷ୍ଠିତ ହେବ। ମା'ଙ୍କ ଦୁର୍ଲ୍ଲଭ ବେଶ ଦର୍ଶନ ପାଇଁ ରାଜ୍ୟ କୋଣ ଅନୁକୋଣରୁ ଶ୍ରଦ୍ଧାଳୁଙ୍କ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଭିଡ଼ ଜମିଥିଲା।

## ସୋଆ ଏସ୍‌ପିଏସ୍‌ର ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ସ୍ୱତନ୍ତ୍ର ସେବା ଶିବିର




**ଭୁବନେଶ୍ୱର,୨୯।୯ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନସେସ୍ (ଏସ୍‌ପିଏସ୍)ର ଏନ୍.ଏସ୍.ଏସ୍ ଶାଖା ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଭଗବତୀପୁର ଗ୍ରାମରେ ଚଳିତ ମାସ ୧୭ରୁ ୨୩ ତାରିଖ ସାତ ଦିନ ଧରି ସ୍ୱତନ୍ତ୍ର ସେବା ଶିବିର ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ହୋଇଯାଇଛି।
ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସୋଆ ଏନଏସ୍‌ଏସ୍ ଶାଖାର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କମଳ ଲୋଚନ ମହନ୍ତ, ସରପଞ୍ଚ ଲକ୍ଷ୍ମୀପ୍ରିୟା ସାହୁ, ଭାବଗ୍ରାହୀ ସାହୁ, ୱାର୍ଡମେମ୍ବର ବିଭୀଷଣ ନାୟକ, ଅଙ୍ଗନବାଡୀ କର୍ମୀ ମୌସୁମୀ ପରିଡ଼ା ଏବଂ କାର୍ଯ୍ୟକ୍ରମ ଅଧିକାରୀ ସହ-ପ୍ରାଧାପକ ଡକ୍ଟର ରାକେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।
ଏହି ଶିବିର ମାଧମରେ ଫାର୍ମାସୀ ବିଭାଗର ସ୍ୱେଚ୍ଛାସେବୀମାନେ ଗ୍ରାମବାସୀଙ୍କ ମଧରେ ସ୍ୱାସ୍ଥ୍ୟ ଓ ଶିକ୍ଷା ବିଷୟରେ ସଚେତନତା ପ୍ରଦାନ କରିଥିବା ବେଳେ ଏହି ଗ୍ରାମର ସମସ୍ତ ମହିଳା ଓ ନାବାଳିକାମାନଙ୍କୁ ସ୍ୱଚ୍ଛତା, ମାସିକ ଋତୁସ୍ରାବ, ନାରୀମାନଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ ପ୍ରକାରର ସଚେତନତା ଓ ନିୟମ ସମ୍ପର୍କରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ "ମା ପାଇଁ ଗଛଟିଏ" ସହ ମୌଳିକ ଆଇନ ସହାୟତାର ବିଭିନ୍ନ ଦିଗ ବିଷୟରେ ଶିବିର ଓ ପଦଯାତ୍ରା ଆଦି ଆୟୋଜନ କରାଯାଇଥିଲା। ଏହି ସାତଦିନିଆ ଶିବିରରେ ଗ୍ରାମୀଣ ପରିବେଶରେ ସରକାରଙ୍କ ଦ୍ୱାରା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନେବାର ଲକ୍ଷ୍ୟ ନିଆଯାଇଥିଲା।

## ସାଂସଦଙ୍କ ଦ୍ୱାରା ଦୁଇଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର



**ଫୁଲବାଣୀ,୨୯।୯ (ସଂଚାର ବ୍ୟୁରୋ):** ଆଜି ଫୁଲବାଣୀ ନଗର ପୌର ପରିଷଦ ମାଧମରେ କନ୍ଧମାଳ ସାଂସଦଙ୍କ କରକମଳରେ ଦୁଇଟି ପ୍ରକଳ୍ପ ଶୁଭ ଦିଆଯାଇଛି। ସାଇନ୍ସ ପାର୍କ ନବୀକରଣ ନିମନ୍ତେ ପଚାଶ ଲକ୍ଷ ଓ ଫୁଲବାଣୀ ବସଷ୍ଟାଣ୍ଡ ନବୀକରଣ ନିମନ୍ତେ ୨.୫ କୋଟିରୁ ସତୁରି ଲକ୍ଷ ଟଙ୍କା ଅଟକଳ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇ କନ୍ଧମାଳ ସାଂସଦଙ୍କ ଦ୍ୱାରା ଶୁଭ ଦିଆଯାଇଛି। କାର୍ଯ୍ୟକ୍ରମରେ ଫୁଲବାଣୀ ନଗର ସଭାପତି ଜଗନ୍ନାଥ ସାହୁଙ୍କ ସମେତ ଅଜିତ ପଟ୍ଟନାୟକ, ଅନିଲ ପ୍ରଧାନ, ମୁକ୍ତିକାନ୍ତ ମହାନ୍ତି, ରମେଶ ଚନ୍ଦ୍ର ମହାନ୍ତି, ଚନ୍ଦ୍ରଶେଖର ପଣ୍ଡାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାଂସଦଙ୍କୁ ସ୍ୱାଗତ କରିଥିଲେ ଓ ବାଇକ ବାଇକ ରାଲି ସହ ନଗର ପରିକ୍ରମା କରି ଶୁଭ ଦେବା ସ୍ଥାନରେ ପହଞ୍ଚି ପୂଜା କରି ଲୋକାର୍ପଣ କରିଥିଲେ

## ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ କର୍ମଶାଳା




**ଫୁଲବାଣୀ,୨୯।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଭାଜପା ଫୁଲବାଣୀ ଗ୍ରାମୀଣ ମଣ୍ଡଳ ତରଫରୁ ଦଡ଼କି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ଦିନ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ ମଣ୍ଡଳ ସ୍ତରୀୟ କର୍ମଶାଳା ଫୁଲବାଣୀ ଗ୍ରାମୀଣ ମଣ୍ଡଳ ସଭାପତି ଗୋଲକ ବିହାରୀ କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।
ଏହି କର୍ମଶାଳାରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ଆଦିତ୍ୟ କହଁର ଯୋଗଦେଇଥିବା ବେଳେ ସାଂସଦ ପ୍ରତିନିଧି ରାଜେନ୍ଦ୍ର ମାଝୀ, ଫୁଲବାଣୀ ବିଧାୟକ ପ୍ରତିନିଧି ଲଳିତ ଦିଗାଲ, ଆତ୍ମନିର୍ଭର ଭାରତର ମଣ୍ଡଳ ସଂଯୋଜକ ଲୋଚନ ମଲ୍ଲିକ, ଫୁଲବାଣୀ ଗ୍ରାମୀଣ ମଣ୍ଡଳ ସାଧାରଣ ସମ୍ପାଦକ ଜୟନ୍ତ କହଁର, ଦଡ଼କି ଗ୍ରାମ ପଞ୍ଚାୟତ ପ୍ରମୁଖ ବିଶ୍ୱନାଥ ମଲ୍ଲିକ, ବୁଥ୍ ସଭାପତି ଶୁକମୁନି ମଲ୍ଲିକ ମଞ୍ଚାସିନ ହୋଇ ଆତ୍ମନିର୍ଭର ଭାରତ ସହିତ ଆତ୍ମନିର୍ଭର ଓଡିଶା ଗଠନ ପାଇଁ କାର୍ଯ୍ୟକର୍ତ୍ତାଙ୍କ ସହିତ ସଂକଳ୍ପ ନେଇଥିଲେ।
ସେପ୍ଟେମ୍ବର ୩୦ରୁ ଡିସେମ୍ବର ୨୫ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ସାଧାରଣ ଜନତାଙ୍କୁ ଆତ୍ମନିର୍ଭର ଭାରତ ପାଇଁ ସଚେତନତା ସୃଷ୍ଟି କରିବା ସହିତ ସ୍ୱଦେଶୀ ଆପଣେଇବା ପାଇଁ କାର୍ଯ୍ୟକ୍ରମ ଚାଲିବ। ଏହି କର୍ମଶାଳାରେ ଫୁଲବାଣୀ ଗ୍ରାମୀଣ ମଣ୍ଡଳ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତ ପ୍ରମୁଖଙ୍କ ସହିତ ଶତାଧିକ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ଶତାବ୍ଦୀ ସମାରୋହ ଉଦ୍‌ଘାଟିତ

● ଘୋଷବାଦ୍ୟରେ କମ୍ପିଲା ଅସ୍ତରଙ୍ଗ ବଜାର

**କାକଟପୁର/ଅସ୍ତରଙ୍ଗ,୨୯।୯ (ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ୧୦୦ତମ ଶତାବ୍ଦୀ ବର୍ଷ ସାରା ଦେଶରେ ପାଳନ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଖଣ୍ଡରେ ମହାଆଡ଼ମ୍ବରେ ଆୟୋଜିତ ହୋଇଯାଇଛି ଶତାବ୍ଦୀ ଉଦ୍‌ଘାଟନୀ ସମାରୋହ ତଥା ବିଜୟାଦଶମୀ ଉତ୍ସବ। ଏହି ଅବସରରେ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଂଚାୟତ ଅଧୀନ ଗ୍ରାମରୁ ୨୦୦ ସ୍ୱୟଂସେବକ ପୂର୍ଣ୍ଣ ଗଣବେଶରେ ଯୋଗଦାନ କରିଥିଲେ। ସକାଳ ସମୟରୁ ବିଭିନ୍ନ ଶାରୀରିକ ଅଭ୍ୟାସ ଓ ଘୋଷବାଦ୍ୟ ବାଦନ ଅଭ୍ୟାସ କରାଯାଇଥିଲା।ଏକ ସାମୂହିକ ବୈଠକରେ କାର୍ଯ୍ୟକ୍ରମ ରୂପରେଖ ଓ ବୃତ୍ତ କଥନ ପରେ ଶତାବ୍ଦୀ ସ୍ୱାଗତ ପଥ ସଞ୍ଚଳନ ଅସ୍ତରଙ୍ଗ ସରସ୍ୱତୀ ଶିଶୁମନ୍ଦିର ନିକଟରୁ ୨ଶହ ସ୍ୱୟଂସେବକ ପୂର୍ଣ୍ଣ ୟୁନିଫର୍ମରେ ସଙ୍ଘ ଘୋଷ ବ୍ୟାଣ୍ଡ ବାଦନରେ ପଥ ସଞ୍ଚଳନରେ ବାହାରି ସମ୍ପୂର୍ଣ୍ଣ ଅସ୍ତରଙ୍ଗ ବଜାର ଅଂଚଳ ପରିକ୍ରମା କରିଥିଲେ। ଉପସ୍ଥିତ ଅତିଥି ସଙ୍ଘର ଭୂମିକାକୁ ପ୍ରଶଂସା କରିଥିଲେ। ଏହା ସହ ସମାଜ ପରିବର୍ତ୍ତନର ସଙ୍ଘର ଉଲ୍ଲେଖନିୟ ଭୂମିକାର ବିଷୟ ରଖିବା ସହିତ ଆଗାମୀ ଦିନରେ ସଶକ୍ତ ଭାରତ ଗଠନରେ ସଂଘର ଶତାବ୍ଦୀ ପ୍ରଭାବ ଉପଲବ୍ଧି।

## ଅକ୍ଟୋବର ଓ ନଭେମ୍ବରରେ ମିଳିତ ଜନଅଭିଯୋଗ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ

**ଯାଜପୁର,୨୯।୯ (ସଂଚାର ବ୍ୟୁରୋ):** ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ସମାଧାନ ପାଇଁ ଯାଜପୁରରେ ଅକ୍ଟୋବର ଓ ନଭେମ୍ବର ୨୦୨୫ ମାସରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହେବ। ସେଠାରେ ଜିଲ୍ଲାପାଳ-ଜିଲ୍ଲା ମାଜିଷ୍ଟ୍ରେଟ୍ ଅମ୍ବର କୁମାର କର ଏବଂ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ ସାକ୍ଷାତ୍ ଉପସ୍ଥିତ ହୋଇ ଲୋକଙ୍କ ଅଭିଯୋଗକୁ ଶୁଣିବେ ଓ ସମାଧାନ କରିବେ। ଜିଲ୍ଲାସ୍ତରୀୟ ଅଧିକାରୀ, ଅଧିକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ଉପସ୍ଥିତି। ଲୋକମାନଙ୍କ ସମସ୍ୟାକୁ ଶୁଣାଣି କରି ସେହି ସ୍ଥଳରେ ତତ୍କାଳ ସମାଧାନ କରାଯିବ।
ଅକ୍ଟୋବର ୦୬ ତାରିଖରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ, ଯାଜପୁର,୧୩ ତାରିଖରେ କେ.ଏନ୍.ଡି.ଏ ସମ୍ମିଳନୀ କକ୍ଷ, କଳିଙ୍ଗନଗର, ୨୦ ତାରିଖରେ ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ ଗୃହ ଓ ୨୭ ଅକ୍ଟୋବରରେ ଦାନଗଦି ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଜନ ଅଭିଯୋଗ ଶୁଣାଣି ହେବ। ସେହିପରି ନଭେମ୍ବର ୦୩ରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ, ଯାଜପୁର, ୧୦ ତାରିଖରେ ଧର୍ମଶାଳା ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ୧୭ ତାରିଖରେ ରସୁଲପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ ଗୃହ ଓ ୨୪ ତାରିଖରେ ସୁକିନ୍ଦା ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜନଅଭିଯୋଗର ଶୁଣାଣି ହେବ।
ଯାଜପୁର ଜିଲ୍ଲା ପ୍ରଶାସନ ତରଫରୁ ଅବଗତ କରାଯାଇଛି - ଦଶରଥପୁର, ଦାନଗଦି, ସୁକିନ୍ଦା, ଧର୍ମଶାଳା, ରସୁଲପୁର ବ୍ଲକ ସହିତ ସାରା ଯାଜପୁର ଜିଲ୍ଲାର ଲୋକମାନେ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଏନେଇ ଜିଲ୍ଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଗଲା।

● ଇରମ ଗୁଳିକାଣ୍ଡର ୮୩ ତମ ସ୍ମୃତି ଦିବସ

## ସମାଧି ପୀଠରେ ୨୯ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ଭଦ୍ରକ, ୨୯।୯ (ସଂଚାର ବ୍ୟୁରୋ):** ଇରମ ଗୁଳିକାଣ୍ଡର ୮୩ ତମ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଶହୀଦ ସ୍ମୃତି କମିଟି ଓ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ସ୍ମୃତି ଦିବସ ପାଳିତ ହୋଇଥିଲା। ରାଜନୈତିକ ନେତୃବୃନ୍ଦ, ଶହୀଦ ସ୍ମୃତି କମିଟି, ଶହୀଦ ତୀର୍ଥଯାତ୍ରୀ ସଂଘ, ସହିଦ ପରିବାର, ଲବଣ ତୀର୍ଥ ବିଦେଇପୁର, ଅବସର ସେନା କର୍ମଚାରୀ, ମା' ମଙ୍ଗଳା ପାଲା ପରିଷଦ, ସ୍ଥାନୀୟ ଜନ ସାଧାରଣଙ୍କ ସହ ପ୍ରଶାସନ ଅଧିକାରୀ ସ୍ମୃତିସ୍ତମ୍ଭ ଓ ସମାଧି ପୀଠରେ ମାଲ୍ୟାର୍ପଣ କରି ଶହୀଦ ଦିବସକୁ ମନେ ପକାଇଥିଲେ। ଏହି ପରିପ୍ରେକ୍ଷୀରେ ସକାଳେ ଜିଲାପାଳ ଦିଲ୍ଲିପ କୁମାର ରାଉତରାୟ ଇରମ ମେଳନ ପଡ଼ିଆରେ ଜାତୀୟ ପତାକା ଉତୋଳନକରି ଶହୀଦ ସ୍ମୃତି ସମାରୋହକୁ ଉଦଘାଟନକରି ମିଳିତ ପ୍ୟାରେଡରେ ଅଭିଭାଦନ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ପ୍ରିୟବ୍ରତ ଦାସ, ବିଡିଓ ତନ୍ମିତା କର, ଜିଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ସ୍ମୃତି କମିଟିର ସଭାପତି ପଦ୍ମନାଭ ଦାଶ ପ୍ରମୁଖ ଶହୀଦ ପୀଠ ଓ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ସମାଜସେବୀ ଶୁଭେନ୍ଦୁଭୂଷଣ ବେହେରା, ଦିନବନ୍ଧୁ ଦାସ, ସରପଞ୍ଚ ସାବିତ୍ରୀ ବଳ, ସମିତି ସଭ୍ୟ ଲଗ୍ନିକା ମଲ୍ଲିକ ସହିତ ସ୍ଥାନୀୟ ଜନସାଧାରଣ ପୀଠ ଓ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣକରି ସ୍ମୃତି ଦିବସକୁ ମନେ ପକାଇଥିଲେ। ସହିଦ ପରିବାର ପକ୍ଷରୁ ନହଣ ପୋଖରୀରରେ ତିଳତର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା।

## ଆୟନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଟ୍ୟୁସନ୍ସରେ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ




**ଫୁଲବାଣୀ,୨୯।୯ (ସଂଚାର ବ୍ୟୁରୋ):** ଆୟନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଟ୍ୟୁସନ୍ସ, ଫୁଲବାଣୀ କ୍ୟାମ୍ପସ୍‌ରେ ୨୫ ସେପ୍ଟେମ୍ବର ୨୦୨୫, ବୁଧବାର ଦିନ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ନୂତନ ଶିକ୍ଷାର୍ଥୀମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ଭବିଷ୍ୟତ୍ ପଥକୁ ପ୍ରେରିତ କରିବା ହେଲା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ।
ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ଅନିଲ କୁମାର ବେହେରା ଉପସ୍ଥିତ ହୋଇ ନୂଆ ପିଢ଼ିକୁ ଶିସ୍ତ, କେନ୍ଦ୍ରୀକୃତ ପ୍ରୟାସ ଓ ନବୀନତାର ପଥରେ ଅଗ୍ରସର ହେବାକୁ ପ୍ରେରିତ କଲେ।
ସମାରୋହରେ ଉପ ଜିଲ୍ଲାପାଳ ଶ୍ରୀ ଭିକାରୀ ସାହୁ ବିଶେଷ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ଦାୟିତ୍ୱ, ସତ୍ୟନିଷ୍ଠା ଓ ସମାଜସେବାର ମହତ୍ତ୍ୱ ବିଷୟରେ ପ୍ରେରଣାଦାୟକ ମନ୍ତବ୍ୟ ରଖିଲେ।
ଡିନ୍ ଶ୍ରୀ ସୁଶାନ୍ତ କୁମାର ସାହୁ ଅଧକ୍ଷତା କରିଥିବା ଏହି କାର୍ଯ୍ୟକ୍ରମରେ ସେ ୨୦୧୮ରୁ ଆରମ୍ଭ କରିଥିବା ସଂସ୍ଥାର ଉନ୍ନତିର କଥା ଉଲ୍ଲେଖ କଲେ। ସେ କହିଥିଲେ, "ମାତ୍ର ସାତ ବର୍ଷରେ, ଏହି ସଂସ୍ଥାରୁ ବହୁ ସ୍ନାତକ/ସ୍ନାତକୋତ୍ତର ପ୍ରସ୍ତୁତି ହୋଇ ସଫଳତାର ପଥେ ପଦାର୍ପଣ କରିଛନ୍ତି।"
କାର୍ଯ୍ୟକ୍ରମର ସୁଚାଳନା କୁମାରୀ ଖୁସ୍‌ବୁ ନାୟକ, ଶ୍ରୀ ଜ୍ଞାନପ୍ରକାଶ ଡିଗାଲ, କୁମାରୀ ରୁପାଲି ଜାଲ ଓ କୁମାରୀ ସୌମ୍ୟରାଣୀ ଭୋଇ କରିଥିଲେ। ସେମାନଙ୍କ ହସ୍ତକୌଶଳରେ ଦର୍ଶକମାନେ ସାରା କାର୍ଯ୍ୟକ୍ରମରେ ଆନନ୍ଦିତ ରହିଲେ।
ଏହି କାର୍ଯ୍ୟକ୍ରମ ସଫଳ କରିବାରେ ଜିଲ୍ଲା ସମ୍ବାଦଦାତାଙ୍କର ବିଶେଷ ସହଯୋଗ ମଧ ସ୍ମରଣୀୟ ରହିଲା।
ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣରେ କାର୍ଯ୍ୟକ୍ରମ ଉତ୍ସାହଦାୟକ ହେବା ସହ ସ୍ମରଣୀୟ ହୋଇଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆଲୋଚନା ସଭା କାର୍ଯ୍ୟକ୍ରମକୁ ଅଧିକ ରଙ୍ଗିନ କଲା। ଭୋଟ୍ ଅଫ୍ ଥାଙ୍କ୍ସ ସହିତ ଏହାର ସମାପନ ହେଲା, ଯେଉଁଠାରେ ସଂସ୍ଥା ପୁନର୍ବାର ସଙ୍କଳ୍ପ କଲା- ଶିକ୍ଷାର ସମଗ୍ରତା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ୍ ସଫଳତା ପାଇଁ ସେମାନେ ସଦା ଅଙ୍ଗୀକୃତ।
ଆୟନ୍ ଗ୍ରୁପ୍ ଅଫ୍ ଇନ୍‌ସ୍ଟିଟ୍ୟୁସନ୍ସ, ଫୁଲବାଣୀ କ୍ୟାମ୍ପସ୍ ଏହି ଓରିଏଣ୍ଟେସନ୍ କାର୍ଯ୍ୟକ୍ରମର ମାଧମରେ ନୂଆ ପିଢ଼ିଙ୍କୁ ଏକ ଉଜ୍ଜ୍ୱଳ ଆରମ୍ଭ ଦେଇ ସେମାନଙ୍କର "ଶିକ୍ଷା ଓ କୃତି"ର ପରମ୍ପରାକୁ ପୁନର୍ବଳୀତ କଲା।

ଧରଣୀଧର ନାଥଶର୍ମାଙ୍କ ଶ୍ରଦ୍ଧାଞ୍ଜଳି ସଭା

## ଧୋୟାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଭୂମିକା ଅବିସ୍ମରଣୀୟ



**ପଟ୍ଟାମୁଣ୍ଡାଇ,୨୯।୯ (ସଂଚାର ବ୍ୟୁରୋ):** ଚିର ଅବହେଳିତ ବନ୍ୟାପ୍ରପୀଡ଼ିତ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ଗରିବ ଲୋକମାନଙ୍କୁ ନିରଳସ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ଦିବଂଗତ ସ୍ୱାସ୍ଥ୍ୟ ସହାୟକ ଧରଣୀଧର ନାଥଶର୍ମାଙ୍କ ଭୂମିକା ଚୀରକାଳ ଅବିସ୍ମରଣୀୟ ହୋଇରହିବ ବୋଲି ଆଜି ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡ଼ିପାଳ ଗ୍ରାମର ଦିବଂଗତ ସ୍ୱାସ୍ଥ୍ୟ ସହାୟକ ସମାଜସେବୀ ଧରଣୀଧର ନାଥଶର୍ମାଙ୍କ ଏକାଦଶାହ ଅବସରରେ ତରଡ଼ିପାଳ ଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ବିଶିଷ୍ଟ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି । ଧୋୟାଞ୍ଚଳ ବିକାଶ ପରିଷଦ ସମ୍ପାଦକ ଶିକ୍ଷାବିତ ରାଜକୁମାର ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବ୍ରାହ୍ମଣୀ କଲେଜ ପ୍ରାକ୍ତନ ଅଧକ୍ଷ ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ, ଇଡ଼କୋ ପ୍ରଶାସନିକ ଅଧିକାରୀ ସୁବାଷ ନାଥ ଶର୍ମା, ଇଂ ଦେବାଶିଷ ଶର୍ମା ଅଧାପିକା ସୁସ୍ମିତା ନାଥଶର୍ମା, ଅଧାପକ ହେମନ୍ତ ପରିଡା, ଅଧାପକ ରବି ରଞ୍ଜନ ଶର୍ମା,ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳ ପତ୍ରପୁର ହାଇସ୍କୁଲ ପ୍ରଧାନଶିକ୍ଷୟତ୍ରୀ ଆରାଧନା ଦାଶ, କବି ସଚିତ୍ର ବେହୁରା, ଶିକ୍ଷାବିତ ଅରୂପାନନ୍ଦ ବିଶ୍ୱାଳ, ତରଡ଼ିପାଳ ସମିତି ସଭ୍ୟ ନିରଞ୍ଜନ ବାରିକ, ପେଣ୍ଠପାଳ ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ଶିକ୍ଷାବିତ ଆନନ୍ଦ ମହାପାତ୍ର ଆଡ଼ଭୋକେଟ ଶମ୍ଭୁନାଥ ଶର୍ମା ଶିକ୍ଷାବିତ ସୁରେଶ ଜେନା, ସଂଗୀତଜ୍ଞ ସୁଧାଂଶୁ ଦାସ, କାର୍ତ୍ତିକ ରାଉତ,ନାରାୟଣ ବିଶ୍ୱାଳ,ନୃସିଂହ ରାଉତ, ବିଚିତ୍ର ବେହେରା,ସୁଶୀଲ ବିଶ୍ୱାଳ, ସତ୍ୟବାଦୀ ପ୍ରଧାନ ପ୍ରମୁଖ ଭାଷଣ ଦେଇ ଦିବଂଗତ ଧରଣୀଧର ନାଥ ଶର୍ମା ଅବହେଳିତ ବନ୍ୟା ପ୍ରପୀଡ଼ିତ ଧୋୟାଞ୍ଚଳ ଲୋକମାନଙ୍କୁ ନିରଳସ ସ୍ୱାସ୍ଥ୍ୟସେବା ଯୋଗାଇ ବେଶ ଲୋକପ୍ରିୟତା ଅର୍ଜନ କରିଥିଲେ ବୋଲି ପ୍ରକାଶ କରିବା ସହିତ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ଏଓଏସସିଏଫର ସାଙ୍ଗଠନିକ ବୈଠକ



**ନର୍ଲା,୨୯।୯(ସଂଚାର ବ୍ୟୁରୋ):** ନର୍ଲା ବ୍ଲକର ଗାଜେବନ୍ଧ ଗ୍ରାମ ପଞ୍ଚାୟତରେ ଅଲ୍ ଓଡ଼ିଶା ସିଡ୍ୟୁଲକାଷ୍ଟ ଫେଡେରେସନ (ଏଓଏସସିଏଫ) ପକ୍ଷରୁ ଜନଚେତନତା କାର୍ଯ୍ୟକ୍ରମ ଏବଂ ପଞ୍ଚାୟତ ସ୍ତରୀୟ ନୂତନ କମିଟି ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଲୋକନାଥ କରୁଆଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅଲ୍ ଓଡ଼ିଶା ସିଡ୍ୟୁଲକାଷ୍ଟ ଫେଡେରେସନ ନର୍ଲା ବ୍ଲକ ସଭାପତି ରଘୁନାଥ ଦୀପ, ଉପ ସଭାପତି ନରୋତ୍ତମ କରୁଆଁ, ଉପଦେଷ୍ଟା ଧରମ୍ କୁମାର ତାଣ୍ଡି, ଶିକ୍ଷାବିତ୍ ଭିଜେବ ନିଆଳ, ଯୁବ ସଂଯୋଜକ ଦିଲ୍ ଦିଓ ଘର୍ଷା, କୋଷାଧ୍ୟକ୍ଷ ପଦ୍ମନ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ସର୍ବସମ୍ମତିକ୍ରମେ ଏଓଏସସିଏଫ ଗାଜେବନ୍ଧ ପଞ୍ଚାୟତର ନୂତନ ସଭାପତି ଭାବେ ବନମାଳୀ ତାଣ୍ଡି, ଉପସଭାପତି ଭାବେ ଦୁର୍ଯ୍ୟୋଧନ ହରପାଲ, କାର୍ଯ୍ୟକାରୀ ସଭାପତି ଭାବେ କେଶରୀ ବାଗ, ସାଧାରଣ ସଂପାଦକ ଭାବେ ନିଳାଞ୍ଚଳ ବିଭାର, ସହ ସଂପାଦକ ଭାବେ ଗୋରେଖ ସୁନା, କୋଷାଧ୍ୟକ୍ଷ ଭାବେ ଧରମ୍ କୁମାର ତାଣ୍ଡି ମନୋନୀତ ହୋଇଛନ୍ତି। ସେହିପରି ଭାବେ ଉପଦେଷ୍ଟା କମିଟିରେ ଚତୁର୍ଭୁଜ ସୁନା, ଜୟ ସାଗର, ଫଟୁ ସୁନା, ଅଭି କରୁଆଁ, ପବିତ୍ର ତାଣ୍ଡି, ହଲଧର ସାଗର, ଏଲିସା ବିଭାର, ଗୌପଦୀ ସୁନା, ସନ୍ତୋଷ କୁମାର, ଦିଲିପ୍ ବାଗ, ଲେବିନ ସୁନା, ଚିନ୍ତାମଣି ସୁନା, ବୈକୁଣ୍ଠ ବାଗ ପ୍ରମୁଖ ରହିଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ସମବାୟ କୋଠା



**କନ୍ଧମାଳ,୨୯।୯(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଅନ୍ତର୍ଗତ ବୁଦ୍ଧିକାୟୁ ଠାରେ ଥିବା ଗଦଗୁଡ଼ା ବହୁମୁଖୀ ସମବାୟ ସମିତିର କାର୍ଯ୍ୟାଳୟ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି କୋଠାଟି ଏତେ ପୁରୁଣା ଓ ଭଙ୍ଗାଦଦରା ହୋଇଗଲାଣି ଯେ ଏହା କୌଣସି ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ତଥାପି ଅନ୍ୟ କୌଣସି ବିକଳ୍ପ ନଥିବାରୁ ଏହି ବିପଦପୂର୍ଣ୍ଣ କୋଠା ଭିତରେ କାର୍ଯ୍ୟ ଚାଲୁ ରହିଛି। ଏହି କାର୍ଯ୍ୟାଳୟର କାନ୍ଥ ଓ ଛାତର ପ୍ଲାଷ୍ଟର ବାହାରି ଯାଇଛି ଏବଂ କେତେକ ସ୍ଥାନରେ ଛାତରୁ ରଡ୍ ବାହାରିଥିବା ଦେଖିବାକୁ ମିଳିଛି। ବର୍ଷା ସମୟରେ ଛାତରୁ ପାଣି ଗଳୁଥିବାରୁ କୋଠାର ଭିତ୍ତିଭୂମି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଏହି ବିପଦପୂର୍ଣ୍ଣ କାର୍ଯ୍ୟାଳୟରେ ନିୟୋଜିତ କର୍ମଚାରୀମାନେ ପ୍ରତିଦିନ ଜୀବନକୁ ବାଜି ଲଗାଇ କାମ କରିବାକୁ ବାଧ୍ୟ ହେଉଛନ୍ତି। କେବଳ କର୍ମଚାରୀ ନୁହଁନ୍ତି ଏହି ସମବାୟ ସମିତି କାର୍ଯ୍ୟାଳୟକୁ ପ୍ରତିଦିନ ଶତାଧିକ ଚାଷୀ ସାର, କୃଷି ଋଣ ଏବଂ ଅନ୍ୟାନ୍ୟ ସମିତି କାର୍ଯ୍ୟ ପାଇଁ ଆସିଥାନ୍ତି। ଭଙ୍ଗାଦଦରା କୋଠା ଭିତରେ ଭିଡ଼ ଯୋଗୁଁ କୌଣସି ମୁହୂର୍ତ୍ତରେ କିଛି ଅଘଟଣ ଘଟିଲେ ବହୁ ଧନଜୀବନ ହାନି ହେବାର ସମ୍ଭାବନା ରହିଛି। ସ୍ଥାନୀୟ କର୍ମଚାରୀ ଓ ସମିତିର ସଦସ୍ୟମାନେ ବାରମ୍ବାର ଉପରିସ୍ଥ ଅଧିକାରୀ ତଥା ସମବାୟ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ନୂତନ କୋଠା ନିର୍ମାଣ କିମ୍ବା ପୁରୁଣା କୋଠାର ମରାମତି ପାଇଁ ଅନୁଦାନ ଯୋଗାଇ ଦିଆଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳବାସୀ ଦାବି କରିଛନ୍ତି ଯେ, ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ସମସ୍ୟାର ଗୁରୁତ୍ୱକୁ ବୁଝି କୋଠାର ସ୍ଥିତି ଯାଞ୍ଚ କରୁ ଏବଂ କୌଣସି ଦୁର୍ଘଟଣା ଘଟିବା ପୂର୍ବରୁ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହିତ ନୂତନ ଭବନ ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ସାଧାରଣ ରେ ଦାବି ହେଉଛି।

# ଭାଜପା ପକ୍ଷରୁ ଆତ୍ମନିର୍ଭର ଭାରତ ସଂକଳ୍ପ କର୍ମଶାଳା



**ଭବାନୀପାଟଣା,୨୯।୯(ସଂଚାର ବ୍ୟୁରୋ):** ଭାରତୀୟ ଜନତା ଦଳ ପକ୍ଷରୁ ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ କର୍ମଶାଳା ଆୟୋଜିତ କରାଯାଇ ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟକାରିତା ନେଇ ଭାଜପା କର୍ମକର୍ତ୍ତା ଙ୍କୁ ଅବଗତ ଓ ପରାମର୍ଶ ଦିଆଯାଇଛି।ଏହି କ୍ରମରେ ସୋମବାର କୋକସରା ବ୍ଲକ ଭାଜପା କୋକସରା ମଣ୍ଡଳ ପକ୍ଷରୁ ଏକ କର୍ମଶାଳା ମଣ୍ଡଳ ସଭାପତି ବସନ୍ତ ନାଗଙ୍କ ସଭାପତିତ୍ୱରେ ବିଜେପି ର ବଲାଙ୍ଗିର ଯୁବ ମୋର୍ଚ୍ଚା ପ୍ରଭାରୀ ହିମାଂଶୁ ପଣ୍ଡା ଯୋଗଦେଇ ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ କର୍ମଶାଳା ବିଷୟରେ ଉପସ୍ଥିତ ବିଜେପି କର୍ମକର୍ତ୍ତା ଙ୍କୁ ପରାମର୍ଶ ଓ ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ କୁ ତୃଣମୂଳ ସ୍ତରରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ କହିଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ମନୋଜ କୁମାର ନାଏକ ସଭା ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ସାରଳା ପ୍ରଧାନୀ ସମେତ କର୍ମକର୍ତ୍ତା ମୁକୁନ୍ଦ ପଟ୍ଟନାୟକ, ଦୈତାରୀ ବାରିକ, ବୈଦ୍ୟନାଥ ମାଝୀ, ମଦନ ପାତ୍ର, ଧର୍ମାନନ୍ଦ ନେଗୀ, ସୋମନାଥ ବାଗ, ପଲେଶ୍ୱର ରଣା, ଅଶୋକ ଭୋଇ, ମୋତିଲାଲ ନାଏକ, ରତ୍ନ ମାଝୀ, କନିଷ୍ଠ ବଗର୍ତ୍ତୀ, ନବିନ ପ୍ରଧାନୀ, କୈଳାସ ଚଲାନ, ଭାବଗ୍ରାହୀ ପ୍ରଧାନୀ, ମିଡିଆ ପ୍ରମୁଖ ତ୍ରିଲୋକ୍ୟ ବେଶ୍ରା ପ୍ରମୁଖ ଉପସ୍ଥିତ ରହି ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ ରେ ଅଂଶଗ୍ରହଣ କରିଥିଲେ।

# ବଢ଼ାପାଳରେ ବାଲି ଉତ୍ତୋଳନକୁ ନେଇ ବୈଠକ



**ବାଲିଆପାଳ,୨୯।୯(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତର ବଢ଼ାପାଳ ଠାରେ ଦିନକୁଦିନ ବେଆଇନ ବାଲି ଉତ୍ତୋଳନ ବଢ଼ିବାରେ ଚାଲିଛି। ପ୍ରତ୍ୟେକ ଦିନ ବାଲି ମାଫିଆ ମାନେ ତିରିଶିରୁ ଅଧିକ ନୈକା ସାହାର୍ଯ୍ୟରେ ସୁବର୍ଣ୍ଣ ରେଖାନଦୀ ଗର୍ଭରୁ ବାଲି ଉତ୍ତୋଳନ କରି ୫୦ ରୁ ଅଧିକ ଟ୍ରାକ୍ଟରରେ ବାଲି ଚାଲାଣ କରୁଛନ୍ତି। ଅସାଧୁ ବ୍ୟବସାୟୀମାନେ ଦିନ ରାତି କୁ ଏକ କରି ବାଲି ଚୋରି କରି ମାଲେମାଲ ହେଉଛନ୍ତି। ଏମାନଙ୍କୁ ପ୍ରଶାସନର ଭୟ ନାହିଁ କିଛି ମାନୁନାହାନ୍ତି।ଖଣି ଅଧିକାରୀଙ୍କ ସହିତ ମାଫିଆ ମାନଙ୍କ ଶଲାସୁତୁରାରେ ଚାଲିଛି ଏହି କାରବାର ବୋଲି ଲୋକେ ଅଭିଯୋଗ କରିଛନ୍ତି। ଗାଁ ରାସ୍ତାରେ ଏତେ ମାତ୍ରାରେ ଟ୍ରାକ୍ଟର ଯିବା ଆସିବା କରୁଥିବାରୁ ପିଲାଙ୍କୁ ସ୍କୁଲ ଛାଡିବା ପାଇଁ ଅମଙ୍ଗ ହେଉଛନ୍ତି ଅଭିଭାବକ। ଗାଡି ଗୁଡ଼ିକ ଦ୍ରୁତଗତୀରେ ଯାତାୟାତ କରୁଥିବାରୁ ସାଧାରଣ ଲୋକ ମଧ୍ୟ ଯିବାଆସିବା କରିବାକୁ ନିରାପଦ ମଣୁନାହାନ୍ତି। ଏହାବ୍ୟତୀତ ଏମିତି ବାଲି ଉତ୍ତୋଳନ ଆଗକୁ ଚାଲିଲେ ନଦୀ ଗର୍ଭରେ ଗାଁ ଗୁଡ଼ିକ ଲୀନ ହେବାର ସମ୍ଭାବନା ରହିଛି। ଗ୍ରାମବାସୀ ମାନେ ଭୟଭୀତ ହୋଇ ସରପଞ୍ଚଙ୍କୁ ଏହାର ତ୍ୱରିତ ସମାଧାନ ପାଇଁ ଜଣାଇଥିଲେ। ଏନେଇ ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ଜେନାଙ୍କ ତତ୍ତ୍ୱାବଧାନରେ ରବିବାର ସନ୍ଧ୍ୟାରେ ପୂର୍ବତନ ସରପଞ୍ଚ ଶରତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅସ୍ତି ପଞ୍ଚାୟତ ଅଫିସ୍ ଠାରେ ବିଭିନ୍ନ ଗ୍ରାମର ମୁଖିଆ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗ୍ରାମବାସୀମାନେ ବାଲି ଉତ୍ତୋଳନକୁ ସମ୍ପୂର୍ଣ୍ଣ ରୁପେ ବିରୋଧ କରିବା ସହିତ ବାଲି ଉତ୍ତୋଳନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯାଉ ବୋଲି ଦାବି କରିଥିଲେ।

# ମହାଗୌରୀ ବେଶରେ ଦର୍ଶନ ଦେଉଛନ୍ତି ମା' ସୁରେଶ୍ୱରୀ ଓ ଭଗବତୀ



**ସୁବର୍ଣ୍ଣପୁର,୨୯।୯(ସଂଚାର ବ୍ୟୁରୋ):** ନବରାତ୍ରର ଅଷ୍ଟମ ଦିନରେ ସୋନପୁରର ଇଷ୍ଟଦେବୀ ମା ସୁରେଶ୍ୱରୀଙ୍କ ପୀଠରେ ଭୋର ସମୟରୁ ମନ୍ଦିର ଖୋଲା ଯାଇ ଯଥା ବିଧି ପୂଜାର୍ଚ୍ଚନା ଶେଷ ହୋଇଥିବା ବେଳେ ଆଜି ମହଗୌରୀ ବେଶରେ ମା ଉଭା ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ମନ୍ଦିରରେ ନବଦିନାତ୍ମକ ଚଣ୍ଡୀ ମହାଯଜ୍ଞର ଅଷ୍ଟମ ଦିବସରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ, ବ୍ରାହ୍ମଣ ପୁଜନମ ବିଭିନ୍ନ ଦେବା ଦେବୀଙ୍କ ପୂଜାପାଠ ସୁରେଶ୍ୱରୀଙ୍କ ଷୋଡଶ ଉପଚାର ପୂଜା ଆରତୀ ପୁଷ୍ପାଞ୍ଜଳି ସହ ଚଣ୍ଡୀଯଜ୍ଞ, ହବନ, ଆରତୀ, ପୁଷ୍ପାଞ୍ଜଳି ଓ ପ୍ରସାଦ ବଣ୍ଟନ ହେବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି। ସେହିପରି ସହର ର ସର୍ବ ପୁରାତନ ମା ଭଗବତୀ ଙ୍କ ପୀଠରେ ମଧ୍ୟ ମହଗୌରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ମା ଭଗବତୀ। ସହରର ଗଡ଼ଭିତର ସ୍ଥିତ ଦୁର୍ଗା ମନ୍ଦିରରେ ମଧ୍ୟ ମହଗୌରୀ ବେଶ ରେ ଦର୍ଶନ ଦେଉଛନ୍ତି ମା ଦୁର୍ଗା। ଆଜି ମା'ଙ୍କ ମହଗୌରୀ ବେଶ ତେବେ ଆସନ୍ତୁ ଜାଣିବା ମା'ଙ୍କର ଏହି ବେଶ ମହାତ୍ମ୍ୟ ବିଷୟରେ। ମହାଗୌରୀ: 'ମହାଗୌରୀ' ମା' ଦୁର୍ଗାଙ୍କର ଅଷ୍ଟମ ଶକ୍ତି। ଶରୀରର ବର୍ଣ୍ଣ ଗୌର ହେତୁ ତାଙ୍କର ନାମ 'ମହାଗୌରୀ'।

# ଧର୍ମପରାୟଣା ମହିଳାଙ୍କ ପରଲୋକ



**ନାଉଗାଁ,୨୯।୯(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ମଧୁପୁର ଗ୍ରାମର ସ୍ୱର୍ଗତ ଜଗନ୍ନାଥ ପରିଡାଙ୍କ ଧର୍ମପତ୍ନୀ ରେଣୁବାଳା (୭୫)ଙ୍କ ରବିବାର ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାର ହେବା ପରେ ସାରା ନାଉଗାଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଶେଷ ସମୟରେ ଏକମାତ୍ର ପୁଅ ନୃସିଂହ, ବୋହୁ, ଦୁଇ ଝିଅ, ଜ୍ୱାଇଁ ତଥା ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କ ମର ଶରୀରକୁ ଗାଁ ଶ୍ମଶାନ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ନୃସିଂହ ମୁଖାଗ୍ନି ଦେଇ ଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଧର୍ମପରାୟଣା ମହିଳା ଭାବେ ବେଶ ଜଣାଶୁଣାଥିଲେ। ତାଙ୍କ ବିୟୋଗରେ ବାବା ସତ୍ୟାନନ୍ଦ ଦାସ ଓ ମଧୁପୁର ଗ୍ରାମବାସୀ ଶୋକବ୍ୟକ୍ତ କରିଛନ୍ତି।

# ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ



**କନ୍ଧମାଳ,୨୯।୯(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଶଙ୍କରାଖୋଲ ପଞ୍ଚାୟତ ଅନ୍ତର୍ଗତ ଗସାବାଡା ଠାରେ ଗଠିତ ହୋଇଥିବା ଶ୍ରୀ ଶ୍ରୀ ଧବଳେଶ୍ୱର ବରିଷ୍ଠ ନାଗରିକ ସଂଘ ତରଫରୁ ଶଙ୍କରାଖୋଲ ଠାରେ ଥିବା କଲ୍ୟାଣୀ ମଣ୍ଡପ ରେ ଷଷ୍ଠ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ନିକୁଞ୍ଜ କିଶୋର ପଟ୍ଟନାୟକ, ମୁଖ୍ୟ ବକ୍ତା ରାଜ୍ୟ ବରିଷ୍ଠ ନାଗରିକ ସଂଘ ର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁ, ସନମାନିତ ଅତିଥି କନ୍ଧମାଳ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ସର୍ବେଶ୍ୱର ମିଶ୍ର, ଟିକାବାଲି ବରିଷ୍ଠ ନାଗରିକ ସଂଘ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ଶଙ୍କରାଖୋଲ ବରିଷ୍ଠ ନାଗରିକ ସଂଘ ସଭାପତି ଲଡୁକିଶୋର ମହାରଣା, ସମ୍ପାଦକ ମୃତ୍ୟୁଞ୍ଜୟ ପାତ୍ର, ଓଁ ଶାନ୍ତି ବ୍ରହ୍ମ କୁମାରୀ ବକ୍ତା ଯାଜ୍ଞସେନି ମହାରଣା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଧବଳେଶ୍ୱର ବରିଷ୍ଠ ନାଗରିକ ସଂଘ ମାଧ୍ୟମରେ ଆୟୋଜିତ ଷଷ୍ଠ ତମ ବାର୍ଷିକ ଉତ୍ସବ ରେ ୧୫୦ ଜଣ ବରିଷ୍ଠ ନାଗରିକ ଉପସ୍ଥିତ ରହିଥିବା ବେଳେ ମୁଖ୍ୟ ବକ୍ତା ଯୁଗଳ କିଶୋର ସାହୁ ନାଗରିକ ମାନଙ୍କ ସମାଜ ପାଇଁ ନିଜ ନିଜର କର୍ତ୍ତବ୍ୟ ଓ ଅଧିକାର ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ।

● ଅଞ୍ଚଳରେ ମା'ଙ୍କର ୪୭ ମେଢ଼ ପୂଜା ପାଉଛି

# ପ୍ରଶାସନର ଅବହେଳାକୁ ଲୋକେ ଆଲୋଚନା କରୁଛନ୍ତି

**ବୈଶିଙ୍ଗା,୨୯।୯(ସଂଚାର ବ୍ୟୁରୋ):** ପବିତ୍ର ଶାରଦୀୟ ଦୁର୍ଗାପୂଜାରେ ବେତନଟୀ ବ୍ଲକ୍ ର ବିଭିନ୍ନ ଅଞ୍ଚଳରେ ୪୭ ଟି ମେଢ଼ ପୂଜା ପାଉଥିବା ଜଣାଯାଇଛି। ବିଶେଷ କରି ବେତନଟୀ ପୂଜା ବଜାର ଅତି ଜାକ ଜମକରେ ପାଳିତ ହୋଇଥାଏ। ମାତ୍ର ଚଣ୍ଡି ଛକରେ ଜଳୁଥିବା ଉଜ୍ଜଳ ଆଲୋକ ଖରାପ ହୋଇଯିବାପରେ ବିଭିନ୍ନ ସଂଗଠନ ପକ୍ଷରୁ ବାରମ୍ବାର ଅଭିଯୋଗ ଓ ଦାବି କରାଯାଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ନିରବତା ବେତନଟୀ ଜନସାଧାରଣଙ୍କ ମଧ୍ୟରେ ଏକ ଭାବାବେଗ ସୃଷ୍ଟି କରିଛି। ବେତନଟୀ ବଜାରରେ ବର୍ଷରେ ଥରେ ବେତନଟୀ ସମେତ ଆଖ ପାଖ ଗ୍ରାମବାସୀ ପୂଜା, ମେଳା ଓ ଯାତ୍ରା ନିମନ୍ତେ ବ୍ୟଗ୍ର ହୋଇଉଠନ୍ତି, ଘରେ ଘରେ ବନ୍ଧୁ ବାନ୍ଧବ ଙ୍କ ଠାରୁ ଆରମ୍ଭ କରି ଝିଅ ଝିଆଣୀ ଭର୍ତ୍ତି ହୋଇଯାନ୍ତି। ଏକ ପ୍ରକାର ଉତ୍ସବ ମୁଖର ହୋଇପଡ଼ିଥାଏ ବେତନଟୀ। ମାତ୍ର ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ପ୍ରଶାସନ ପକ୍ଷରୁ କୌଣସି ସହଯୋଗ ମିଳୁନଥିବାରୁ ଦୁର୍ଗାପୂଜା ଏକ ପ୍ରକାର ଫିକା ପଡ଼ିବାରେ ଲାଗିଛି। ପୂର୍ବରୁ ପ୍ରଶାସନର ସମସ୍ତ ବିଭାଗ ଯେଭଳି ଭାବେ ସହଯୋଗ କରୁଥିଲେ ଚଳିତବର୍ଷ ସେହି ସହଯୋଗ କରୁନଥିବାରୁ ରାସ୍ତା ମରାମତି ହୋଇପାରୁନାହିଁ, ମୋରମ ମିଳୁନାହିଁ, ମୋରମ ବଦଳରେ ଡଷ୍ଟ ଦେବେ କହିଲେ ଦେଲେନାହିଁ।

# ଓଡ଼ିଶା ଅମଲା ସଂଘ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା



**ବୋରିଗୁମ୍ମା/ଜୟପୁର,୨୯।୯ (ସଂଚାର ବ୍ୟୁର):** ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ସଭାପତି ତଥା ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ରାଜ୍ୟ ସଭାପତି ଶଶି ଭୂଷଣ ଦାସଙ୍କୁ ବ୍ରହ୍ମପୁର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ବ୍ରହ୍ମପୁରର ଗେଟ୍ ବଜାର ସ୍ଥିତ ଏକ ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ୩୩ ତମ ବାର୍ଷିକ ଉତ୍ସବ ଓ ସମ୍ବିଧାନିକ ସମ୍ମିଳନୀରେ ଶ୍ରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ଉଦ୍‌ଘାଟକ ଭାବେ ଯୋଗଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ନଳିନୀକାନ୍ତ ଓଝା, ଏ ସନ୍ୟାସି ରାଓ, ଲକ୍ଷ୍ମଣ ମଲ୍ଲିକ, ପର୍ଶୁରାମ ପାତ୍ର ପ୍ରମୁଖ ସମ୍ମାନିତ ଅତିଥ୍ ଭାବେ ଯୋଗଦେଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। କେ ଟୁନା ଦୋରା ବୈଠକରେ ସଭାପତିତ୍ୱ କରିଥିଲାବେଳେ ଦୟାନିଧି ପାଢ଼ୀ ସମ୍ପାଦକ ବିବରଣୀ ପାଠ କରିଥିଲେ। ବୈଠକରେ ମୁଖ୍ୟତଃ କର୍ମଚାରୀ ମାନଙ୍କର ବିଭିନ୍ନ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା, ସମସ୍ୟା ଓ ଦାବୀ ଉପରେ ଆଲୋଚନା କରା ଯାଇ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଅନୁରୋଧ କରିଥିଲେ। ଏହି ଅବସରରେ ଶଶୀ ଭୂଷଣ ଦାଶଙ୍କୁ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯେଉଁମାନେ ଚାକିରିରୁ ଅବସର ଗ୍ରହଣ କରିଥିଲେ, ସେମାନଙ୍କୁ ମଧ୍ୟ ମୁଖ୍ୟ ଅତିଥ୍ଓ ସମ୍ମାନିତ ଅତିଥ୍ ମାନଙ୍କ ଜରିଆରେ ଜିଲ୍ଲା ଶାଖା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଶେଷରେ ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ଗଞ୍ଜାମ ଜିଲ୍ଲା ଶାଖାର କର୍ମକର୍ତ୍ତା ନିର୍ବାଚନ କରାଯିବା ପରେ ରାଜ୍ୟ ସଂଘ ଉକ୍ତ ତାଲିକାକୁ ଅନୁମୋଦନ କରିଥିଲେ।

# ପୋଚ ଓ ଦେଶୀ ରନ୍ଧା ମଦ ନଷ୍ଟକଲା ଅବକାରୀ ବିଭାଗ



**ବୈଶିଙ୍ଗା,୨୯।୯ (ସଂଚାର ବ୍ୟୁର):** ପବିତ୍ର ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଓ କାଳୀପୂଜା ର ପାର୍ବଣ ଋତୁ ସମୟରେ ଚୋରା ଦେଶି ମଦ ବ୍ୟବସାୟକୁ ଜୋରଦାର କରିବା ନିମନ୍ତେ ବହୁଳ ପରିମାଣର ମଦ ପ୍ରସ୍ତୁତ କରି ବ୍ୟବସାୟ କରିବାର ସ୍ୱପ୍ନକୁ ଭଣ୍ଡୁର କଲା ବେତନଟୀ ଅବକାରୀ ବିଭାଗ। ବିଶେଷ ସୂତ୍ରରୁ ଖବର ପାଇ ବେତନଟୀ ଅବକାରୀ ଥାନା ଏସ ଆଇ ପ୍ରଦୀପ କୁମାର ବେହେରା ଜିଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ଙ୍କ ସହ ଯୋଗାଯୋଗ କରିଥିଲେ। ସୋମବାର ସକାଳୁ ସଦଳବଳେ ଉଦଳା ଏସ ଆଇ ସଞ୍ଜୟ କୁମାର କାଣ୍ଡି, ଖୁଣ୍ଟା ଏସ ଆଇ ମମତା କୁମାରୀ ଦାଶ, ଉଦଳା ଏସ ଆଇ ସୂର୍ଯ୍ୟକାନ୍ତ ମଲ୍ଲିକ ଙ୍କ ସମେତ ବିଭାଗ ର ଦକ୍ଷ କର୍ମଚାରୀ ମାନେ ବଡ଼ସାହି ଥାନା ଅଧୀନ ଅସ୍ତ ଝରଣ ଠାରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଅତର୍କିତ ଚଢ଼ାଉ କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ଚୋରାଦେଶି ମଦପ୍ରସ୍ତୁତକାରୀ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଅବକାରୀ ବିଭାଗ ଘଟଣା ସ୍ଥଳରୁ ପ୍ଲାଷ୍ଟିକ ଡ୍ରମ ଓ ଜାର ରେ ମଦ ପ୍ରସ୍ତୁତ ହେବାକୁ ଥିବା ପୋଚକୁ ଉଦ୍ଧାର କରି ଜବତ କରିବା ସହିତସାଢ଼େ ଚଉଦ ହଜାର କେଜି ପୋଚ ଓ ୮୬୦ ଲିଟର ଚୋରା ଦେଶି ରନ୍ଧା ମଦ କୁ ନଷ୍ଟ କରିଦେଇଥିଲେ। ମଦ ଓ ପୋଚ ପ୍ରସ୍ତୁତ ପାତ୍ର ଗୁଡିକୁ ଅବକାରୀ ବିଭାଗ ଜବତ କରିଛି ବୋଲି ବେତନଟୀ ଅବକାରୀ ଥାନା ଏସ ଆଇ ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

# ଦୁଇ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ, ୧ ଗିରଫ

**ନୀଳଗିରି,୨୯।୯(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଞ୍ଚଳରେ ବେଆଇନ ଭାବରେ ତିଆରି ହୋଇଥିବା ଲକ୍ଷ ଲକ୍ଷ ଟଙ୍କାର ବାଣ ଜବତ କରିବା ସହିତ ପୋଲିସ ଜଣକୁ ଗିରଫ କରିଥିବା ଜଣାପଡ଼ିଛି। ଅଟକ ହୋଇଥିବା ଯୁବକ ଜଣକ ହେଲେ ନୀଳଗିରି ଥାନା ଅଧିନ ଇଶ୍ୱରପୁର ପଞ୍ଚାୟତର ବାଇଧର ଜେନା (୫୮)। ଆଗକୁ ପାର୍ବଣ ଋତୁ ଥିବାରୁ ବାଣ ପ୍ରସ୍ତୁତ କରି ବିକ୍ରି କରିବା ପାଇଁ ବାଣ ତିଆରି କରୁଥିଲେ। ନୀଳଗିରି ଏସ.ଡି.ପି.ଓ ପ୍ରମୋଦ କୁମାର ମଲ୍ଲିକ କୌଣସି ସୂତ୍ରରୁ ଖବର ପାଇବା ପରେ ତାଙ୍କ ନିର୍ଦ୍ଦେଶ ରେ ନୀଳଗିରି ଥାନା ଆଇ.ଆଇ.ସି ଗୋର୍ବଦ୍ଧନ ନାୟକଙ୍କ ନେତୃତରେ ଏସ.ଆଇ ବିକାଶ ଭୋଇ ସଦଳବଳ ନେଇ ବାଣ ତିଆରି ସ୍ଥାନ ଉପରେ ଅଚାନକ ଚଢ଼ାଉ କରି ବାଣ ସହ ଉକ୍ତ ଯୁବକ ଙ୍କୁ ଗିରଫ କରିଛନ୍ତି। ଜବତ ହୋଇଥିବା ବାଣର ମୂଲ୍ୟ ଦୁଇ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏନେଇ ନୀଳଗିରି ଥାନା ପକ୍ଷରୁ ୩୮୦/୨୫ ନଂ ମାମଲା ରଜୁ କରି ଯୁବକକୁ ଗିରଫ କରିବା ପରେ ପୋଲିସ ଘଟଣାର ଅଧିକ ତଦନ୍ତ କରୁଥିବାର ଜଣା ପଡ଼ିଛି।



# ଓଏଏସ ପରୀକ୍ଷାରେ କୃତକାର୍ଯ୍ୟ ହେଲେ ଦିବ୍ୟାଙ୍ଗ ଝିଅ ସ୍ମୃତି



**ସୁବର୍ଣ୍ଣପୁର,୨୯।୯(ସଂଚାର ବ୍ୟୁରୋ):** ବହୁ ପ୍ରତୀକ୍ଷିତ ଓଡିଶା ସିଭିଲ ସର୍ଭିସ-୨୦୨୩ ପରୀକ୍ଷାର ରେଜଲ୍ଟ ଶୁକ୍ରବାର ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ଗ୍ରାମର ଦିବ୍ୟାଙ୍ଗ ଝିଅ ସ୍ମୃତି ଶିଖା ଭୋଇ ଓଡିଶା ପ୍ରଶାସନିକ ସେବା (ଓସିଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୩୩୫ ନମ୍ବର ରେଙ୍କ୍ ରଖି ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସ୍ମୃତିଶିଖା ଜନ୍ମରୁ ଦୃଷ୍ଟି ବାଧିତ ସେ ଠିକ୍ ଭାବେ ଦେଖି ନ ପାରିଲେ ବି ତାଙ୍କ ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ଆଗରେ ଆଜି ସଫଳତା ହାର ମାନିଛି। କଠିନ ପରିଶ୍ରମ କରି ପ୍ରଥମ ଚେଷ୍ଟାରେ ଓଏଏସ୍ ପରୀକ୍ଷା ରେ ସଫଳ ହୋଇଛନ୍ତି ସ୍ମୃତିଶିଖା ଭୋଇ। ଗତବର୍ଷ ଓଏଏସ ପରୀକ୍ଷା ରେ ସଫଳ ହୋଇଥିବା ଭାଇ ଜ୍ୟୋତି ରଞ୍ଜନ, ବାପା ମାଆ, ବଡବାପା ଏବଂ ମାମୁଁ ମାଇଁଙ୍କ ଠାରୁ ସେ ପ୍ରେରିତ ହୋଇଥିବା କହିଛନ୍ତି। ଏ ଖବର ପାଇ ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ସ୍ମୃତିଶିଖା ଙ୍କ ସୋନପୁର ବାସଭବନ କୁ ପହଞ୍ଚି ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ଏବଂ ସ୍ମୃତି ଶିଖା ଆମ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ବୋଲି କହିଥିଲେ ଓ ପରିବାର ସହ ଅଧଘଣ୍ଟା ସମୟ ବିତାଇ ଉତ୍ସାହିତ କରିଥିଲେ। ପୂର୍ବରୁ ସ୍ଥାନୀୟ ବ୍ଲକ ସଭାଗୃହ ଠାରେ ସାକ୍ଷାତ ଆଲୋଚନା ହୋଇଥିବା ସ୍ମୃତିଶିଖା କୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ନେଇ ଜିଲ୍ଲାପାଳ ଉତ୍ସାହିତ କରିଥିଲା ବେଳେ ପରୀକ୍ଷାରେ ଉତ୍ତୀର୍ଣ୍ଣ ପରେ ଏ ସଫଳତା ପାଇଁ ଆହୁରି ଖୁସି ହୋଇଥିଲେ ଜିଲ୍ଲାପାଳ। ଖୋଦ୍ ଜିଲ୍ଲା ମୁଖିଆ ଜିଲ୍ଲାପାଳ ଶୁଭେଚ୍ଛା ଜଣାଇବା ପାଇଁ ଘରେ ପହଞ୍ଚି ଥିବାରୁ ସ୍ମୃତିସିଖା ଭାବ ବିହ୍ୱଳ ହୋଇଯାଇଥିଲେ। ଡିଆଇପିଆରଓ ଅର୍ଜୁନ ଚରଣ ମାଝୀ ମଧ୍ୟ ଉପସ୍ଥିତ ଥିଲେ। ସ୍ମୃତି ର ମା ସୁବାସିନୀ ଜଣେ ଗୃହିଣୀ ହୋଇଥିବା ବେଳେ ବାପା ଫକୀର ଚରଣ ଭୋଇ ସୋନପୁର ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି ଓ ମାମୁଁ ଦୈତ୍ୟ ଭୋଇ ସୋନପୁର ବ୍ଲକର କୋଷାଧ୍ୟକ୍ଷ ଅଟନ୍ତି। ଏ ଖବରରେ ସୋନପୁର ର ବୁଦ୍ଧିଜୀବୀ, ମିଡ଼ିଆ ଓ ବିଭିନ୍ନ ପ୍ରଶାସନିକ ଅଧିକାରୀ ସ୍ମୃତି ଶିଖା କୁ ଶୁଭେଚ୍ଛା ଅଭିନନ୍ଦନ ଜଣାଇଛନ୍ତି।

# କୋର୍ଟର ନିର୍ଦ୍ଦେଶ ସତ୍ତ୍ୱେ କଙ୍ଗାରୁ କୋର୍ଟର ନିର୍ଦ୍ଦେଶ କାଏମ୍

## ତହସିଲଦାର ଓ ପୁଲିସ୍ ନିରବ

**କଣାସ,୨୯।୯(ସଂଚାର ବ୍ୟୁରୋ):** ଦୀର୍ଘ ୫ବର୍ଷ ହେଲା କଣାସ ବ୍ଲକ ବଡାଳ ଗ୍ରାମପଞ୍ଚାୟତର ବଡଓରା ଗ୍ରାମର ଶରତ ସାହୁ, ବିରଞ୍ଚି ସାହୁ, ବିଦୁର ସାହୁଙ୍କୁ ଗ୍ରାମ୍ୟ କଙ୍ଗାରୁ କୋର୍ଟରେ ନିଆଁ, ପାଣି, ମନ୍ଦିର, ଦୋକାନରୁ ସୌଦା କିଣିବା ବାଛନ୍ଦ କରିଛନ୍ତି। ଉକ୍ତ ପରିବାର ହାଇକୋର୍ଟରେ ମକଦମା ରୁଜ କରିଆସୁଥିବା ବେଳେ ହାଇକୋର୍ଟ ତହସିଲଦାର ଓ ଗଡ଼ିଶାଗୋଦା ପୋଲିସ୍‌କୁ ତିନି ପରିବାର ଯେପରି ନ୍ୟାୟ ପାଇବେ ସେଥି ପାଇଁ ବାରମ୍ବାର ନିର୍ଦ୍ଦେଶ ଦେଉଥିଲେ ମଧ୍ୟ ପୋଲିସ୍ ଓ ତହସିଲଦାର ବିଫଳ ହୋଇଥିବା ବେଳେ ଉକ୍ତ ପରିବାର ମାନବ ଅଧିକାର କମିଶନରଙ୍କ ନିକଟରେ ଗତ ୧୭ତାରିଖ ଦିନ ଜନ୍ତାଳ ଓ ୨୮ତାରିଖ ଦିନ ଠାକୁର ଦୁଆରେ ଯେପରି ଭୋଗ ଖାଇବେ ସେଥିପାଇଁ କମିଶନର କଣାସ ତହସିଲଦାର ଓ ଗଡ଼ିଶାଗୋଦା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଗଡ଼ିଶାଗୋଦା ପୋଲିସ୍ ଓ ତହସିଲଦାର ବିଫଳ ହୋଇଥିବାରୁ ଉକ୍ତ ପରିବାର ଜନ୍ତାଳ ରେ ଭାଗ ନେଇପାରିଲେ ନାହିଁ କିମ୍ବା ୨୮ତାରିଖ ଦିନ ଦୁଆରି ଭୋଗ ଠାକୁର ଖାଇବାରୁ ବଞ୍ଚିତ ହେଲେ। ଏ ସମ୍ପର୍କରେ କଣାସ ତହସିଲଦାର ହୃମାଂଶୁଶେଖର ଗିରିଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ମେଡିକାଲ୍‌ରେ ଥିବାରୁ ଜଣେ ରାଜସ୍ୱ ନିରୀକ୍ଷକଙ୍କୁ ପଠାଇଥିଲେ। ଗଡ଼ିଶାଗୋଦା ଥାନା ଆଇ.ଆଇ.ସି ସୁଧିର କୁମାର ଦାସଙ୍କୁ ପଚାରିବାରୁ ସେ କୁହନ୍ତି ତହସିଲଦାର ମୁଖ୍ୟ ଦାୟିତ୍ୱରେ ଥିବା ବେଳେ ଆମେ କେବଳ ଲଆଣ୍ଡେ ଆର୍ଡର ପାଳନ ପାଇଁ ଥିଲୁ।

# ଆରମ୍ଭ ହେଲା ପୋଖରୀବନ୍ଧ ଦୁର୍ଗାପୂଜା, ସାମିଲ ହେଲେ ହଜାର ହଜାର ଆବାଳ ବୃଦ୍ଧବନିତା



**ଲାଞ୍ଜିଗଡ଼,୨୯।୯(ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ମାଁ ହିରାନୀଳା ଷ୍ଟୋନ୍ କ୍ରସର ପକ୍ଷରୁ ତୃତୀୟ ବର୍ଷ ଦୁର୍ଗାପୂଜା ପାଇଁ ଭବ୍ୟ କଳସ ଯାତ୍ରା ସହିତ ପୂଜା ଆରମ୍ଭ ହୋଇଯାଇଛି। ପୋଖରୀବନ୍ଧ ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ କମିଟିର ସମସ୍ତ ସଦସ୍ୟ, ଆବାଳବୃଦ୍ଧବନିତା ତଥା ପଖୋରୀବନ୍ଧ ଗ୍ରାମ ପଞ୍ଚାୟତ ଅଞ୍ଚଳର ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଏଥିରେ ସାମିଲ ହୋଇଥିଲେ। ପୋଖରୀବନ୍ଧ ମାଁ ହିରାନୀଳା ଷ୍ଟୋନ୍ କ୍ରସର ପକ୍ଷରୁ ରମେଶ ସାହୁଙ୍କ ପ୍ରଚେଷ୍ଟା ଓ ପୋଖରୀବନ୍ଧ ପଞ୍ଚାୟତବାସୀଙ୍କ ସହଯୋଗରେ ଏହି ଶାରଦୀୟ ଦୂର୍ଗାପୂଜା ଅନୁଷ୍ଠିତ ହେଉଛି। ଏଥିରେ କର୍ତ୍ତା ଭାବେ ରମେଶ ସାହୁ ଏବଂ ତାଙ୍କ ଧର୍ମପତ୍ନୀ ଶାନ୍ତିପ୍ରିୟା ସାହୁ ରହିଥିବା ବେଳେ ମୁଖ୍ୟ ପୂଜକ ଦାଇତ୍ୱରେ ନରେଶ ଚନ୍ଦ୍ର ଦାସ ରହିଥିବା ବେଳେ ଚିତ ରଞ୍ଜନ ଦାସ ମହେଶ୍ୱର ଦାସ ସହଯୋଗ କରୁଛନ୍ତି।

# ଗାଈ ପଲକୁ ପିଟିଲା ବାଇକ୍, ଆରୋହୀଙ୍କ ସହ ଗୋଟିଏ ଗାଈ ମୃତ

**କାମାକ୍ଷାନଗର,୨୯।୯(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ଅଁଳାବେରେଣୀ ନିକଟରେ ଛାତିଥରା ସଡ଼କ ଦୁର୍ଘଟଣା। ଗାଈ ପଲକୁ ଧକ୍କା ଦେଲା ବାଇକ୍ । ଦୁର୍ଘଟଣାରେ ବାଇକ୍ ଆରୋହୀ ଏବଂ ଏକ ଗାଈର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି । ମୃତ ଯୁବକ ଜଣଙ୍କ ହେଉଛନ୍ତି କାମାକ୍ଷାନଗର ଥାନା ବାଙ୍କୁଆଳ ଗ୍ରାମର ବିକାଶ ସାହୁ। ସୂଚନା ମୁତାବକ, ରବିବାର ସନ୍ଧ୍ୟା ସମୟରେ ବିକାଶ ନିଜ ସାଥିଙ୍କ ସହିତ କାମାକ୍ଷାନଗରରୁ ଢେଙ୍କାନାଳ ଆଡେ ଯାଉଥିଲେ । ଅଁଳାବେରେଣୀ ଛକ ନିକଟରେ ରାସ୍ତାଉପରେ ଠିଆ ହୋଇଥିବା ୩ଟି ଗୋରୁଙ୍କ ସହ ବାଇକ୍‌ଟି ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟ ବାଇକ୍ ଆରୋହୀ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ଗୋଟିଏ ଗାଈ ମଧ୍ୟ ମରିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟ ବାଇକ୍ ଆରୋହୀଙ୍କୁ ଉଦ୍ଧାର କରି ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ବିକାଶଙ୍କୁ ମୃତ ଘୋଷଣା କରିଥିବାବେଳେ ଅନ୍ୟଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।